52 ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା
Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ
ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ
dainikasha.press
dainikasha.press
dainikasha.press

| RNI NO-42004/83 | Vol. : 45/ Issue : 169 | Brahmapur | Thursday 30 July 2026 | ବର୍ଷ: ୪୫/ ଅଙ୍କ: ୧୬୯ | ଗୁରୁବାର ୩୦ ଜୁଲାଇ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦ |
|---|---|---|---|---|---|---|---|---|

# 'ଆଣ୍ଟି ପେପରଲିକ୍ ବିଲ୍' ଲୋକସଭାରେ ଗୃହୀତ

ନୂଆଦିଲ୍ଲୀ,୨୯।୭: ଭୀଷଣ ହୋହଲ୍ଲା ମଧ୍ୟରେ 'ଆଣ୍ଟି ପେପର ଲିକ୍ ବିଲ୍' ବୁଧବାର ଲୋକସଭାରେ ଗୃହୀତ ହୋଇଯାଇଛି। ଏବେ ଆଲୋଚନା ଲାଗି ବିଲ୍ କୁ ରାଜ୍ୟସଭାରେ ଉପସ୍ଥାପନ କରାଯିବ। ତେବେ ଲୋକସଭାରେ ବିଧେୟକକୁ ଗୃହୀତ କରିବା ପାଇଁ ବ୍ୟାପକ ହଟ୍ଟଗୋଳ ଦେଖାଯାଇଛି। ରାହୁଲ ଗାନ୍ଧିଙ୍କ ଭାଷଣକୁ ନେଇ ଶାସକ ଦଳ ଆପତ୍ତି କରିଛନ୍ତି ଓ ତାଙ୍କୁ ତଥ୍ୟ ଉପସ୍ଥାପନ କରିବାକୁ କୁହାଯାଇଛି। ଏହା ପରେ ସଦନରେ ହଟ୍ଟଗୋଳ ଆରମ୍ଭ ହୋଇଯାଇଥିଲା। ସାର୍ବଜନିକ ପରୀକ୍ଷା ସଂଶୋଧନ ବିଧେୟକ ୨୦୨୬ଲୋକସଭାରେ ଧ୍ୱନୀମତରେ ଗୃହୀତ ହୋଇଛି। ବିଧେୟକ ଆଲୋଚନା କାଳରେ ହୋ ହଲ୍ଲାକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶାନ୍ତ କରାଇଥିଲେ ଓ ରାହୁଲ ଗାନ୍ଧିଙ୍କୁ ତାଙ୍କ ଭାଷଣ ଶେଷ କରିବାକୁ କହିଥିଲେ। ଏଣୁ ଅଧାରୁ ବନ୍ଦ ରଖିଥିବା ଭାଷଣକୁ ରାହୁଲ ପୁଣିଥରେ ଆରମ୍ଭ କରିଥିଲେ। କହିଥିଲେ ବଳପ୍ରୟୋଗ ଲାଗି ମଞ୍ଜୁରୀ କେବଳ ପ୍ରଧାନମନ୍ତ୍ରୀ ଅଥବା ଗୃହମନ୍ତ୍ରୀ ଦେଇ ପାରନ୍ତି। ଏଣୁ ଗୃହରେ ପୁଣି ଥରେ ଅସ୍ୱାଭାବିକ ପରିସ୍ଥିତି ଉପୁଜିଥିଲା। ଶାସକ ଦଳ ରାହୁଲ ଗାନ୍ଧି କ୍ଷମାଯାଚନା କରନ୍ତୁ ବୋଲି ଦାବି କରିଥିଲେ। ଏଥିରେ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଥିଲେ ଯେ 'ଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଉପରେ ଚର୍ଚ୍ଚା ଚାଲିଥିବା ବେଳେ ଏଥି ପାଇଁ ପରାମର୍ଶ ଦେବା ବଦଳେ ଏହାକୁ ନେଇ ରାଜନୀତି କରାଯାଉଛି'।ଜିତେନ୍ଦ୍ର ସିଂହ କହିଛନ୍ତି ଯେ ଏହି ବିଧେୟକ ଚର୍ଚ୍ଚାରେ ଲୋକସଭାରେ ବିରୋଧୀ ଦଳ ନେତା ଯେଉଁଭଳି ଅସଂସଦୀୟ ଭାଷା ପ୍ରୟୋଗ କରିଛନ୍ତି ତାହା ଆଶ୍ଚର୍ଯ୍ୟଜନକ। ଏଥିରୁ ସଂସଦର ମୌଳିକ କାର୍ଯ୍ୟ ନେଇ ତାଙ୍କର କୌଣସି ଅଭିଜ୍ଞତା ଅଛି କି ନା ସେ ନେଇ ମୁଁ ଏବେ ସନ୍ଦେହ କରୁଛି। ଏ ଦେଶର ଯୁବା, ଯିଏ ଦେଶର ଭବିଷ୍ୟତ ସେମାନଙ୍କୁ 'ମୁର୍ଖ' କହିବାଠାରୁ ଅଧିକ ଦୁର୍ଭାଗ୍ୟ ଆଉ କଣ ହୋଇପାରେ ବୋଲି ଜିତେନ୍ଦ୍ର ସିଂହ ପ୍ରଶ୍ନ କରିଛନ୍ତି।

## ଉତ୍ତର ଓଡ଼ିଶାରେ ଦାଉ ସାଧିଲା ବନ୍ୟା

# ଲକ୍ଷାଧିକ ପ୍ରଭାବିତ,ଚାରି ଜୀବନ ଗଲା

## ୨୨୬ଟି ଗାଁ ଜଳବନ୍ଦୀ, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଭୁବନେଶ୍ୱର, ୨୯/୦୭: ଲଗାଣ ବର୍ଷା ଓ ଉପରମୁଣ୍ଡରୁ ଆସୁଥିବା ବନ୍ୟାଜଳ ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡ଼ିଛି। ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଅନ୍ୟାନ୍ୟ ନଦୀର ଜଳସ୍ତର ବୃଦ୍ଧି ପାଇବା ସହ ଅନେକ ନଦୀ ନିଜ ବିପଦସଙ୍କେତ ଉପରେ ପ୍ରବାହିତ ହେଉଛି। ଫଳରେ ଉତ୍ତର ଓ ଉପକୂଳ ଓଡ଼ିଶାର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଘର, ଚାଷଜମି, ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ହଜାର ହଜାର ପରିବାର ଏବେ ରିଲିଫ ଶିବିରରେ ଆଶ୍ରୟ ନେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଦ୍ୟତମ ସୂଚନା ଅନୁସାରେ, ରାଜ୍ୟର ୬ଟି ଜିଲ୍ଲାର ୪୪ଟି ବ୍ଲକ, ୨୩୩ଟି ଗ୍ରାମ ପଞ୍ଚାୟତ, ୭୪୮ଟି ଗାଁ ଓ ୬ଟି ସହରାଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇଛି। ମୋଟ ୨ ଲକ୍ଷ ୩୨ ହଜାରରୁ ଅଧିକ ଲୋକ ବନ୍ୟାର କରାଳ ରୂପର ଶିକାର ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୯ଟି ଗୃହପାଳିତ ପଶୁର ମଧ୍ୟ ମୃତ୍ୟୁ ହୋଇଛି। ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ବାଲେଶ୍ୱର ଜିଲ୍ଲା। ଜିଲ୍ଲାର ୧୨ଟି ବ୍ଲକର ୩୭୮ଟି ଗାଁରେ ବନ୍ୟା ପାଣି ପଶିଥିବା ବେଳେ ପ୍ରାୟ ୧ ଲକ୍ଷ ୯ ହଜାର ୪୨୯ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ୧୯ ହଜାର ୮୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ଜିଲ୍ଲାର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ୧୨୫ଟି ରିଲିଫ କ୍ୟାମ୍ପରେ ପ୍ରାୟ ୧୭ ହଜାର ଲୋକ ଆଶ୍ରୟ ନେଇଛନ୍ତି। ବୈତରଣୀ ଓ ସୁବର୍ଣ୍ଣରେଖା ନଦୀର ବଢ଼ୁଥିବା ଜଳସ୍ତରକୁ ନେଇ ପ୍ରଶାସନ ସତର୍କ ରହିଛି।ଭଦ୍ରକ ଜିଲ୍ଲାରେ ମଧ୍ୟ ବନ୍ୟାର ପ୍ରକୋପ ଭୟଙ୍କର ରହିଛି। ଜିଲ୍ଲାର ୨୨୦ଟି ଗାଁର ପ୍ରାୟ ୮୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫,୩୩୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଯାଜପୁର ଜିଲ୍ଲାର ୭୫ଟି ଗାଁର ୧୧ ହଜାରରୁ ଅଧିକ ଲୋକ ବନ୍ୟା କବଳରେ ଥିବା ବେଳେ ମୟୂରଭଞ୍ଜରେ ୨,୪୮୭ ଜଣ ପ୍ରଭାବିତ ହୋଇଛନ୍ତି। ସେଠାରୁ ୧,୯୧୭ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସମ୍ବଲପୁର ଓ ଢେଙ୍କାନାଳରେ ମଧ୍ୟ ବନ୍ୟା ପରିସ୍ଥିତି ଚିନ୍ତାଜନକ ରହିଛି। ବନ୍ୟା ପ୍ରଭାବରେ ରାଜ୍ୟର ୨୨୬ଟି ଗାଁ ଏବେ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇପଡ଼ିଛି। ଅନେକ ସ୍ଥାନରେ ରାସ୍ତା ଉପରେ ପାଣି ଚାଲିଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗାଁଗୁଡ଼ିକୁ ଖାଦ୍ୟ ସାମଗ୍ରୀ ଓ ଔଷଧ ପହଞ୍ଚାଇବା ପାଇଁ ଡଙ୍ଗା ଓ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ନିୟୋଜିତ ହୋଇଛନ୍ତି। ନଦୀବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକରେ ବାଲିବସ୍ତା ପକାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯାଉଛି। ବନ୍ୟା ଯୋଗୁଁ କେବଳ ଜନଜୀବନ ନୁହେଁ, କୃଷି କ୍ଷେତ୍ର ମଧ୍ୟ ବ୍ୟାପକ କ୍ଷତି ସହିଛି। ସରକାରୀ ଆକଳନ ଅନୁଯାୟୀ ୭,୯୦୧ ହେକ୍ଟରରୁ ଅଧିକ ଚାଷଜମି ପାଣିରେ ବୁଡ଼ି ରହିଛି। ଅନେକ ସ୍ଥାନରେ ଧାନ ଓ ପନିପରିବା ଚାଷ ନଷ୍ଟ ହୋଇଯାଇଛି। ସେହିପରି ୭୬୧ଟି ଘର କ୍ଷତିଗ୍ରସ୍ତ ହୋଇଥିବାରୁ ଅନେକ ପରିବାର ଘରଛଡ଼ା ହୋଇପଡ଼ିଛନ୍ତି। ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ସ୍ତରରେ ବ୍ୟାପକ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ସୁଦ୍ଧା ୨୭,୯୬୭ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ବେଳେ



୨୧୨ଟି ରିଲିଫ କ୍ୟାମ୍ପରେ ୨୭,୭୧୨ ଜଣ ଆଶ୍ରୟ ନେଇଛନ୍ତି। ପୀଡ଼ିତଙ୍କୁ ଚାଉଳ, ଚୁଡ଼ା, ଗୁଡ଼, ପିଇବା ପାଣି, ପଲିଥିନ ସିଟ୍, ଶିଶୁ ଖାଦ୍ୟ ଓ ଗୋଖାଦ୍ୟ ବଣ୍ଟନ କରାଯାଉଛି। ପଶୁମାନଙ୍କ ପାଇଁ ୩ଟି ସ୍ୱତନ୍ତ୍ର ଶିବିର ମଧ୍ୟ ଖୋଲାଯାଇଛି।

ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଏନ୍‌ଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପ୍ରଶାସନର ମିଳିତ ଟିମ୍ ବନ୍ୟା ପ୍ରଭାବିତ ଅଞ୍ଚଳରେ ମୁତୟନ ରହିଛନ୍ତି। ନଦୀବନ୍ଧ, ନଦୀ ଜଳସ୍ତର ଓ ତଳିଆ ଅଞ୍ଚଳର ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖାଯାଉଛି। ଯେଉଁଠାରେ ବିପଦ ବଢ଼ୁଛି, ସେଠାରେ ତୁରନ୍ତ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୧୧ଟି ଜିଲ୍ଲାରେ ସ୍କୁଲ, କଲେଜ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳମାନଙ୍କୁ ପରିସ୍ଥିତି ଅନୁଯାୟୀ ପରବର୍ତ୍ତୀ ନିଷ୍ପତ୍ତି ନେବାକୁ କୁହାଯାଇଛି। ପାଣି କମିବା ପର୍ଯ୍ୟନ୍ତ ବନ୍ୟା ପ୍ରଭାବିତ ଅଞ୍ଚଳରେ ସତର୍କତା ଜାରି ରହିବ ବୋଲି ରାଜସ୍ୱ ବିଭାଗ କହିଛି। ସେପଟେ ପାଣି ଛାଡ଼ୁଥିବା ଜଳଭଣ୍ଡାର ଓ ନଦୀଗୁଡ଼ିକର ଜଳସ୍ତର ଉପରେ ପ୍ରଶାସନ କଡ଼ା ନଜର ରଖିଥିବା ବେଳେ ଆବଶ୍ୟକ ସ୍ଥାନରେ ଅଧିକ ଉଦ୍ଧାରକାରୀ ଦଳ ପଠାଇବାକୁ ପ୍ରସ୍ତୁତି ଜାରି ରହିଛି। ବର୍ଷା କମିଥିଲେ ମଧ୍ୟ ଉପରମୁଣ୍ଡରୁ ଆସୁଥିବା ପାଣି ଯୋଗୁଁ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ବନ୍ୟା ସ୍ଥିତି ଉପରେ ସମସ୍ତଙ୍କ ନଜର ରହିବ।

■ ରାଜ୍ୟ ସରକାରଙ୍କ ନିଷ୍ପତ୍ତି

# ଛାତ୍ରଛାତ୍ରୀଙ୍କୁ ପଢ଼ିବେ ସେୟାର ମାର୍କେଟ ପାଠ

ଭୁବନେଶ୍ୱର ୨୯।୦୭ : ପିଲା ପଢିବେ ସେୟାର ମାର୍କେଟ ପାଠ। କଲେଜ ପିଲା ପଢିବେ ସେୟାର ମାର୍କେଟ ପାଠ। କଲେଜ ଛାତ୍ରଛାତ୍ରୀଙ୍କୁ ମାଗଣାରେ ମିଳିବ ମ୍ୟୁଚୁଆଲ ଫଣ୍ଡ, ଇନ୍ସୁରାନ୍ସ ଓ ଆର୍ଥିକ କାରବାରର ତାଲିମ। ସେୟାର ମାର୍କେଟ, ବ୍ୟାଙ୍କିଂ, ଇନ୍ସୁରାନ୍ସ ଓ ଆର୍ଥିକ କାରବାର କ୍ଷେତ୍ରରେ ଦକ୍ଷ ଓ ଚାକିରି ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ତଥା ସେମାନଙ୍କ ରୋଜଗାର କ୍ଷମତା ବୃଦ୍ଧି କରିବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର।ସେହିପରି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ବିକମ୍ , ବିବିଏ, ବିଏମଏସ, ବିଏ(ଅର୍ଥଶାସ୍ତ୍ର ଓ ବାଣିଜ୍ୟ), ଏମବିଏ ଓ ଏମକମ୍ ଭଳି ଶ୍ରେଣୀରେ ପଢ଼ୁଥିବା ପିଲାମାନଙ୍କୁ ୩୦ଘଣ୍ଟାର ଏକ ବ୍ୟବସାୟିକ ମ୍ୟୁଚୁଆଲ ଫଣ୍ଡ ସାର୍ଟିଫିକେଟ୍ କୋର୍ସ ପ୍ରଦାନ କରାଯିବ। ଏହାସହିତ ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଏନଆଇଏସଏମ୍ ସାର୍ଟିଫିକେସନ୍ ପରୀକ୍ଷା ପାଇଁ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜଧାନୀ ଭୁବନେଶ୍ୱର ସମେତ ବ୍ରହ୍ମପୁର, ଭଦ୍ରକ, ଢେଙ୍କାନାଳ, ଜୟପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ରାଉରକେଲା ଓ ସମ୍ବଲପୁର ଆଦି ସହରର ୧୦୦ କିମି ମଧ୍ୟରେ ଥିବା ଚିହ୍ନଟ ୯୭ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି।

## ପୂର୍ବତନ ସାଂସଦ ଏନ୍ ଭାସ୍କର ରାଓଙ୍କୁ ହାଇକୋର୍ଟଙ୍କ ଅନ୍ତରୀଣ ସୁରକ୍ଷା

ରାୟଗଡ଼ା ୨୯।୭: ରାୟଗଡ଼ା ଥାନାର ଏକ ଠକେଇ ମାମଲାରେ ଅଗ୍ରୀମ ଜାମିନ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଆବେଦନକାରୀଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ଗିରଫ ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ରାୟଗଡ଼ା ଥାନା କେସ୍ ରେ ବି. ମନ୍ମଥ ରାଓ ଓ ଅନ୍ୟମାନେ ହାଇକୋର୍ଟରେ ଅଗ୍ରୀମ ଜାମିନ ପାଇଁ ଆବେଦନ କରିଥିଲେ । ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ଅଭିଯୋଗକାରୀଙ୍କୁ ବିପକ୍ଷ ପକ୍ଷ ଭାବେ ସାମିଲ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ରାଜ୍ୟ ସରକାରଙ୍କ ଓକିଲଙ୍କୁ ମାମଲାର କେସ୍ ଡାଏରୀ ପରବର୍ତ୍ତୀ ଶୁଣାଣି ବେଳେ ଉପସ୍ଥାପନ କରିବାକୁ କୁହାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୩୧ ଅଗଷ୍ଟରେ ହେବ । ସେପର୍ଯ୍ୟନ୍ତ ଆବେଦନକାରୀମାନଙ୍କୁ ଏହି ମାମଲାରେ ଗିରଫ ନ କରିବାକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି ।

# ରାଜ୍ୟରେ ଚାରି ବର୍ଷରେ ଦୁଇଗୁଣା ବଢ଼ିଛି ବାଘ ସଂଖ୍ୟା

ଭୁବନେଶ୍ୱର,୨୯।୭: ବିଶ୍ୱରେ ବିରଳ କଳା ବାଘର ଏକମାତ୍ର ଠିକଣା ଶିମିଳିପାଳ । ମୟୂରଭଞ୍ଜର ଶିମିଳିପାଳ ଜୈବମଣ୍ଡଳ ସଂରକ୍ଷିତ ଅଞ୍ଚଳ ବିରଳ କଳା ବାଘଙ୍କର ବିଶ୍ୱର ଏକମାତ୍ର ପ୍ରାକୃତିକ ବାସସ୍ଥଳୀ ଭାବେ ଉଭା ହୋଇଛି, ଯେଉଁଠାରେ ୧୯ଟି କଳା ପଟାଦାଗ ଥିବା ବାଘ ଅଛନ୍ତି । ଏହି କାରଣରୁ ଶିମିଳିପାଳ ବନ୍ୟଜନ୍ତୁ ଗବେଷକ ଏବଂ ପ୍ରକୃତି ପ୍ରେମୀଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶା ସରକାର ୨୦୨୪ରେ ଶିମିଳିପାଳରେ ଏକ ମେଲାନିଷ୍ଟିକ୍ ଟାଇଗର ସଫାରୀ ସୃଷ୍ଟି କରିବା ପାଇଁ ଘୋଷଣା କରିଥିଲେ । ହେଲେ ବିଭିନ୍ନ ଆପତ୍ତି ଓ ବିରୋଧ ଯୋଗୁ ଏବେ ବି ଏହି ଘୋଷଣା ଯୋଜନା ପର୍ଯ୍ୟାୟରେ ରହି ଯାଇଛି । ଆଜି ବିଶ୍ୱ ବ୍ୟାଘ୍ର ଦିବସରେ ଆସନ୍ତୁ ଜାଣିବା, ଓଡ଼ିଶାର କେଉଁ ଜଙ୍ଗଲରେ କେତେ ବାଘ ଅଛନ୍ତି ଏବଂ ବାଘ ସଂଖ୍ୟା ବୃଦ୍ଧି ପାଇଁ ରାଜ୍ୟରେ କି ପ୍ରକାର ପଦକ୍ଷେପ ନିଆଯାଇଛି ।ଜୁଲାଇ ୨୯ ତାରିଖକୁ ବିଶ୍ୱ ବାଘ ଦିବସ ଭାବେ ପାଳନ କରାଯାଏ । ସାଧାରଣତଃ ବାଘ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି ଏବଂ ବାଘର ବାସସ୍ଥାନର ସୁରକ୍ଷା ପାଇଁ ଏହି ଦିବସ ପାଳନ କରାଯାଏ ।ଓଡ଼ିଶାର ଶିମିଳିପାଳ ବାୟୋସ୍ଫିୟର ରିଜର୍ଭ ଆଜି ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କାରଣ, ଏଠାରେ ଦେଖିବାକୁ ମିଳୁଛନ୍ତି ବିରଳ କଳା ବାଘ ।ସାଧାରଣ ରୟାଲ ବେଙ୍ଗଲ ବାଘଙ୍କ ତୁଳନାରେ କଳା ବାଘଙ୍କ ଶରୀରରେ କଳା ଦାଗ ବା ପଟା ଅତ୍ୟଧିକ ଘନ ଥିବାରୁ ସେମାନେ କଳା ରଙ୍ଗର ଦେଖାଯାନ୍ତି । ଏହା କୌଣସି ଅଲଗା ପ୍ରଜାତି ନୁହେଁ, ବରଂ ଜେନେଟିକ୍ ପରିବର୍ତ୍ତନ (ମେଲାନିଜମ୍) ଯୋଗୁଁ ହୋଇଥିବା ଏକ ବିରଳ ବୈଶିଷ୍ଟ୍ୟ । କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱର ବନ୍ୟଜନ୍ତୁ ଗବେଷକ ଓ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଏକ ଆକର୍ଷଣର କେନ୍ଦ୍ରରେ ପରିଣତ ହୋଇଛି । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶିମିଳିପାଳରେ ବାଘ ସଂଖ୍ୟା କ୍ରମାଗତ ଭାବେ ବଢ଼ୁଛି । ବନ ବିଭାଗର ସଦ୍ୟତମ କ୍ୟାମେରା ଟ୍ରାପ୍ ସର୍ବେକ୍ଷଣ ଅନୁସାରେ, ଏଠାରେ ୩୫ଟି ପ୍ରଭାବଶାଳୀ ବୟସ୍କ ବାଘ ରହିଛନ୍ତି । ସେଥିମଧ୍ୟରୁ ୧୭ଟି ପୁରୁଷ ଓ ୧୮ଟି ମାଈ ବାଘ । ଏହି ୩୫ଟି ବାଘ ମଧ୍ୟରୁ ୧୯ଟି ଅଛନ୍ତି ସ୍ୟୁଡୋ-ମେଲାନିଷ୍ଟିକ୍ ବା କଳା ପଟାଦାଗ ଥିବା ବାଘ, ଯାହା ଶିମିଳିପାଳର ଅନନ୍ୟ ଜେନେଟିକ୍ ବୈଶିଷ୍ଟ୍ୟର ପ୍ରତୀକ । ଏହାଛଡ଼ା ରିଜର୍ଭରେ ୧୬ଟି ବାଘ ଶାବକ ମଧ୍ୟ ରହିଛନ୍ତି ।ଶିମିଳିପାଳରେ ଜେନେଟିକ୍ ବିବିଧତା ବଢ଼ାଇବା ପାଇଁ ୨୦୨୪ ମସିହାରେ ମହାରାଷ୍ଟ୍ରର ତଡୋବା-ଆନ୍ଧାରୀ ଟାଇଗର ରିଜର୍ଭରୁ ଜୀନତ୍ ଓ ଯମୁନା ନାମକ ଦୁଇଟି ବାଘୁଣୀକୁ ଅଣାଯାଇଥିଲା ।

# ରାମ ମନ୍ଦିର ଟ୍ରଷ୍ଟର ସଚିବ ଭାବେ ଜଗଦୀଶ ଆଫଲେ ନିଯୁକ୍ତ

ଲକ୍ଷ୍ନୌ:ଅଯୋଧ୍ୟାର ରାମ ମନ୍ଦିରରେ ଦାନ ଆତ୍ମସାତକୁ ନେଇ ବିବାଦ ପରେ, ରାମ ମନ୍ଦିର ଟ୍ରଷ୍ଟ ଏହାର ନୂତନ ସଚିବଙ୍କୁ ନିଯୁକ୍ତ କରିଛି। ପେଶାରେ ଜଣେ ଇଞ୍ଜିନିୟର ଏବଂ ମନ୍ଦିର ନିର୍ମାଣର ପ୍ରକଳ୍ପ ପରିଚାଳକ ଜଗଦୀଶ ଆଫଲେଙ୍କୁ ପ୍ରଥମ ସଚିବ ନିଯୁକ୍ତ କରାଯାଇଛି। ସିଇଓ ନିଯୁକ୍ତିରେ ବିଳମ୍ବକୁ ଦୃଷ୍ଟିରେ ରଖି, ଟ୍ରଷ୍ଟ ସଚିବ ଭାବରେ ଏକ ନୂତନ ପଦବୀ ସୃଷ୍ଟି କରିଛି ଏବଂ ଆଫଲେଙ୍କୁ ଦାୟିତ୍ୱ ଦେଇଛି। ତଥାପି, ଟ୍ରଷ୍ଟର ପରବର୍ତ୍ତୀ ବୈଠକ ବସିବା ପରେ ସେପ୍ଟେମ୍ବର ୨ ତାରିଖରେ ତାଙ୍କ ନିଯୁକ୍ତି ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯିବ। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଜଗଦୀଶ ଆଫଲେଙ୍କୁ ଟ୍ରଷ୍ଟର ନୂତନ ଅଧିକୃତ ସ୍ୱାକ୍ଷରକାରୀ ଭାବରେ ନିଯୁକ୍ତ କରିଛି। ତାଙ୍କ ନାମ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସବିଆଇ) କୁ ମଧ୍ୟ ପଠାଯାଇଛି। କଥିତ ଦାନ ଚୋରି ଦୁର୍ନୀତି ସାମ୍ନାକୁ ଆସିବା ପରେ ଏହା ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ହୋଇଥିଲା ଏବଂ ବହୁତ କଳ୍ପନାଜଳ୍ପନା ପରେ, ମହାସଚିବ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଡକ୍ଟର ଅନିଲ ମିଶ୍ର ଇସ୍ତଫା ଦେଇଥିଲେ। ତା'ପରେ, ଜୁଲାଇ ୬ ତାରିଖରେ ଟ୍ରଷ୍ଟର ଏକ ବୈଠକରେ, ତତ୍କାଳୀନ ମହାସଚିବ ଚମ୍ପତ ଏବଂ ଟ୍ରଷ୍ଟି ଅନିଲଙ୍କ ଇସ୍ତଫା ଗ୍ରହଣ କରାଯାଇଥିଲା। ଟ୍ରଷ୍ଟ ଅଧିକୃତ ସ୍ୱାକ୍ଷରକାରୀଙ୍କୁ ପରିବର୍ତ୍ତନ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲା। ଏହାକୁ ଦୃଷ୍ଟିରେ ରଖି, ଟ୍ରଷ୍ଟ ମଧ୍ୟବର୍ତ୍ତୀକାଳୀନ ମହାସଚିବ କୃଷ୍ଣ ମୋହନ ଏବଂ ଜଗଦୀଶ ଆଫଲେଙ୍କ ନାମ ବ୍ୟାଙ୍କରେ ଦାଖଲ କରିଥିଲା, କିନ୍ତୁ ବ୍ୟାଙ୍କ ଆଫଲେଙ୍କ ଟ୍ରଷ୍ଟି ନଥିବାରୁ ପ୍ରଶ୍ନ କରିଥିଲା, ଯାହା ଫଳରେ ଆକାଉଣ୍ଟ କାର୍ଯ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। କିନ୍ତୁ ନୂତନ ନିଯୁକ୍ତି ସହିତ, ଟ୍ରଷ୍ଟର ସ୍ୱାକ୍ଷରକାରୀଙ୍କୁ ନେଇ ଥିବା ଗତିରୋଧର ଅନ୍ତ ଘଟିଛି। ନୂତନ ପ୍ରସ୍ତାବ ପରେ ଏସବିଆଇ ମଧ୍ୟ ଆକାଉଣ୍ଟ କାର୍ଯ୍ୟ ପୁଣି ଆରମ୍ଭ କରିଛି। ଜଣେ ଅଧିକୃତ ସ୍ୱାକ୍ଷରକାରୀଙ୍କ ବିନା ପ୍ରାୟ ଏକ ହଜାର କର୍ମଚାରୀଙ୍କ ଦରମା ପାଇ ପାରି ନଥିଲେ। ଟ୍ରଷ୍ଟ ସହିତ ଜଡିତ ଏଜେନ୍ସିଗୁଡ଼ିକୁ ଦେୟ ପୈଠ ମଧ୍ୟ ପ୍ରଭାବିତ ହୋଇଥିଲା।

# ରାଜ୍ୟରେ ୨୦୨୯ ସୁଦ୍ଧା ୧୦ ବିମାନବନ୍ଦର ନିର୍ମାଣ ଲକ୍ଷ୍ୟ

ଭୁବନେଶ୍ୱର, ୨୯।୭: ପୂର୍ବ ଭାରତର ଏକ ପ୍ରମୁଖ ବିମାନ ଚାଳନା କେନ୍ଦ୍ର ଭାବେ ଓଡ଼ିଶାକୁ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ଆଣିଛନ୍ତି ଏକ ବୃହତ୍ ରୋଡମ୍ୟାପ୍। ଓଡ଼ିଶା ସିଭିଲ ଏଭିଏସନ ପଲିସି-୨୦୨୬ର ଖସଡ଼ାରେ ୨୦୨୯ ସୁଦ୍ଧା ରାଜ୍ୟରେ କାର୍ଯ୍ୟକ୍ଷମ ବିମାନବନ୍ଦର ସଂଖ୍ୟାକୁ ୫ରୁ ୧୦କୁ ବୃଦ୍ଧି କରିବା ସହ ପୁରୀ ଓ ପାରାଦୀପରେ ଦୁଇଟି ଗ୍ରୀନଫିଲ୍ଡ ଆନ୍ତର୍ଜାତିକ ବିମାନବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏହା ସହ ଘରୋଇ ଓ ଆନ୍ତର୍ଜାତିକ ବିମାନ ସଂଯୋଗ, କାର୍ଗୋ, ଏମ୍‌ଆର୍‌ଓ, ହେଲିପୋର୍ଟ, ବିମାନ ପ୍ରଶିକ୍ଷଣ ଓ ବିମାନ ଭିତ୍ତିକ ଶିଳ୍ପର ବ୍ୟାପକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାର ପ୍ରସ୍ତୁତ କରିଥିବା ଓଡ଼ିଶା ସିଭିଲ ଏଭିଏସନ ପଲିସି-୨୦୨୬ର ଖସଡ଼ା ଅନୁସାରେ ୨୦୨୯ ସୁଦ୍ଧା ରାଜ୍ୟରେ କାର୍ଯ୍ୟକ୍ଷମ ବିମାନବନ୍ଦର ସଂଖ୍ୟା ୫ରୁ ବଢ଼ି ୧୦ରେ ପହଞ୍ଚିବ। ଏହା ସହ ପୁରୀ ଓ ପାରାଦୀପରେ ଦୁଇଟି ଗ୍ରୀନଫିଲ୍ଡ ଆନ୍ତର୍ଜାତିକ ବିମାନବନ୍ଦର ନିର୍ମାଣ ପ୍ରସ୍ତାବ ରହିଛି।

ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହେଉଛି ୨୦୨୯ ସୁଦ୍ଧା ବାର୍ଷିକ ବିମାନ ଯାତ୍ରୀ ସଂଖ୍ୟାକୁ ବର୍ତ୍ତମାନର ପ୍ରାୟ ୫୦ ଲକ୍ଷରୁ ବଢ଼ାଇ ଏକ କୋଟିରେ ପହଞ୍ଚାଇବା। ସେହିପରି ଭୁବନେଶ୍ୱରରୁ ଘରୋଇ ବିମାନ ଗନ୍ତବ୍ୟସ୍ଥଳ ୨୪ରୁ ୩୪କୁ ଏବଂ ଝାରସୁଗୁଡ଼ାରୁ ୭ରୁ ୧୦କୁ ବୃଦ୍ଧି କରିବାର ଯୋଜନା ରହିଛି।

ଏଥିସହ ୪ଟି ହେଲିପୋର୍ଟକୁ କାର୍ଯ୍ୟକ୍ଷମ କରିବା, ୨ଟି ବିମାନ ମରାମତି ଓ ରକ୍ଷଣାବେକ୍ଷଣ କେନ୍ଦ୍ର ବା ଏମ୍‌ଆର୍‌ଓ ସ୍ଥାପନ କରିବା ଏବଂ ବାର୍ଷିକ ଏୟାର କାର୍ଗୋ ପରିବହନକୁ ୯,୦୮୬ ମେଟ୍ରିକ ଟନ୍‌ରୁ ବଢ଼ାଇ ୧୫ ହଜାର ମେଟ୍ରିକ ଟନ୍‌ରେ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି।

ଖସଡ଼ା ନୀତିରେ ଭୁବନେଶ୍ୱରକୁ ରାଜ୍ୟର ପ୍ରମୁଖ ଏଭିଏସନ ହବ୍ ଭାବେ ବିକଶିତ କରାଯିବ। ସେହିପରି ଝାରସୁଗୁଡ଼ା, ଜୟପୁର, ପୁରୀ, ପାରାଦୀପ ଓ ରାଉରକେଲାକୁ ଦ୍ୱିତୀୟ ପର୍ଯ୍ୟାୟର ହବ୍ ଭାବେ ଗଢ଼ି ତୋଳିବାର ପ୍ରସ୍ତାବ ରହିଛି।ଘରୋଇ ବିମାନ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ଭୁବନେଶ୍ୱରରୁ ପାଟନା, ରାଞ୍ଚି, ରାୟପୁର, ବିଶାଖାପାଟଣା, ବାରାଣାସୀ, ଲକ୍ଷ୍ନୌ, ଅହମଦାବାଦ, ଚଣ୍ଡିଗଡ଼, ସୁରତ, ଜୟପୁର, ଗୋଆ ଓ ଇନ୍ଦୋରକୁ ନୂଆ ବିମାନ ସେବା ଆରମ୍ଭ କରିବାର ଯୋଜନା ରହିଛି। ପୁରୀ ଓ ପାରାଦୀପରୁ ମଧ୍ୟ ଦେଶର ପ୍ରମୁଖ ମହାନଗରଗୁଡ଼ିକୁ ବିମାନ ସେବା ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। ନୂଆ ଘରୋଇ ବିମାନ ସେବା ଆରମ୍ଭ କରୁଥିବା ବିମାନ ସଂସ୍ଥାମାନଙ୍କୁ ଭାୟାବିଲିଟି ଗ୍ୟାପ ଫଣ୍ଡିଂ ବା ଭିଜିଏଫ୍ ମାଧ୍ୟମରେ ଆର୍ଥିକ ସହାୟତା ଜାରି ରଖାଯିବ। ଏହା ସହ ରଣନୀତିଗତ ରୁଟ୍‌ଗୁଡ଼ିକ ପାଇଁ ସବସିଡିର ଅବଧି ବୃଦ୍ଧି କରିବାର ପ୍ରସ୍ତାବ ମଧ୍ୟ ରହିଛି।

ଆନ୍ତର୍ଜାତିକ ବିମାନ ସଂଯୋଗ କ୍ଷେତ୍ରରେ ମଧ୍ୟ ଏହି ନୀତିରେ ବଡ଼ ଯୋଜନା ରହିଛି। ପ୍ରଥମ ପର୍ଯ୍ୟାୟରେ ବ୍ୟାଙ୍କକ, କୁଆଲାଲମ୍ପୁର, ସିଙ୍ଗାପୁର ଓ କଲମ୍ବୋକୁ ସିଧାସଳଖ ବିମାନ ସେବା ଆରମ୍ଭ କରିବାର ଲକ୍ଷ୍ୟ ରଖାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଦୁବାଇ, ଆବୁଧାବି, ମସ୍କଟ ଓ ଢାକାକୁ ସିଧାସଳଖ ବିମାନ ସଂଯୋଗ ସ୍ଥାପନ କରାଯିବ। ତୃତୀୟ ପର୍ଯ୍ୟାୟରେ ହଂକଂ, ଫୁକେଟ, ବାଲି ଓ କାଠମାଣ୍ଡୁକୁ ସିଧାସଳଖ ବିମାନ ସେବା ଆରମ୍ଭ କରିବାର ଲକ୍ଷ୍ୟ ରହିଛି। ସେହିପରି ନୂଆ ଆନ୍ତର୍ଜାତିକ ରୁଟ୍ ଆରମ୍ଭ କରୁଥିବା ବିମାନ ସଂସ୍ଥାକୁ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ଏକ କୋଟି ଟଙ୍କାର ମାର୍କେଟିଂ ସହାୟତା ଦିଆଯିବା ସହ ରାଜ୍ୟସ୍ତରୀୟ କରରେ ଛାଡ଼ ଦେବାର ପ୍ରସ୍ତାବ ମଧ୍ୟ ରହିଛି। କେବଳ ସେତିକି ନୁହେଁ ବିମାନବନ୍ଦର ଭିତ୍ତିଭୂମିର ବିକାଶ ପାଇଁ ଝାରସୁଗୁଡ଼ା ବିମାନବନ୍ଦରର ରନୱେ ସମ୍ପ୍ରସାରଣ, ରାଉରକେଲା ବିମାନବନ୍ଦରର ବାଣିଜ୍ୟିକ ବିକାଶ, ଜୟପୁର ଓ ଉତ୍କେଲା ବିମାନବନ୍ଦରର ଉନ୍ନତୀକରଣ ଏବଂ ରାଜ୍ୟର ବିଭିନ୍ନ ଏୟାରଷ୍ଟ୍ରିପ୍‌ର ଆଧୁନିକୀକରଣ ଉପରେ ମଧ୍ୟ ଜୋର ଦିଆଯାଇଛି। ପୁରୀରେ ପର୍ଯ୍ୟଟନର ବିକାଶ ଏବଂ ପାରାଦୀପରେ ଶିଳ୍ପ ଓ କାର୍ଗୋ। ପରିବହନକୁ ଦୃଷ୍ଟିରେ ରଖି ଦୁଇଟି ନୂଆ ଆନ୍ତର୍ଜାତିକ ବିମାନବନ୍ଦର ବିକାଶ କରାଯିବାକୁ ପ୍ରସ୍ତାବ ରହିଛି।ଓଡ଼ିଶା ସରକାରଙ୍କ ବିମାନ ଭିତ୍ତିଭୂମି ପ୍ରକଳ୍ପ ଅନ୍ତର୍ଗତ ପୁରୀରେ ଶ୍ରୀଜଗନ୍ନାଥ ଗ୍ରୀନଫିଲ୍ଡ ଆନ୍ତର୍ଜାତିକ ବିମାନବନ୍ଦର ନିର୍ମାଣ କରାଯିବ। ପ୍ରସ୍ତାବିତ ବିମାନବନ୍ଦରର ରନୱେ ଦୈର୍ଘ୍ୟ ୩,୬୨୦ ମିଟର ଏବଂ ପ୍ରସ୍ଥ ୪୫ ମିଟର ରହିବ।ପ୍ରକଳ୍ପ ପାଇଁ ୨୦୨୬ ଡିସେମ୍ବର ସୁଦ୍ଧା ଜମି ଅଧିଗ୍ରହଣ ଓ ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରହିଛି। ଏହାପରେ ନିର୍ମାଣ କାର୍ଯ୍ୟ ଶେଷ କରି ୨୦୨୯ ଡିସେମ୍ବର ସୁଦ୍ଧା ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି। ପର୍ଯ୍ୟଟନ, ଧାର୍ମିକ ଯାତ୍ରା ଓ ଆନ୍ତର୍ଜାତିକ ବିମାନ ସଂଯୋଗକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପକୁ ବିକଶିତ କରାଯାଉଛି।ଘୂର୍ଣ୍ଣିଝଡ଼ ପ୍ରବଣ ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ୨୦ଟି ହେଲିପୋର୍ଟ ବିକାଶର ଯୋଜନା ରହିଛି। ଏହି ହେଲିପୋର୍ଟଗୁଡ଼ିକ ଦୁର୍ଗମ ଅଞ୍ଚଳ ସହ ସଂଯୋଗ, ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ, ଏୟାର ଆମ୍ବୁଲାନ୍ସ ସେବା, ପର୍ଯ୍ୟଟନ ଓ ହେଲିକପ୍ଟର ପ୍ରଶିକ୍ଷଣରେ ବ୍ୟବହୃତ ହେବ।

ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ପୁରୀ, କେନ୍ଦ୍ରାପଡ଼ା, ବାଲେଶ୍ୱର ସମେତ ଏମ୍ସ ଭୁବନେଶ୍ୱର, ଏସ୍‌ସିବି ମେଡିକାଲ କଲେଜ, ଭୀମସାର ବୁର୍ଲା ଏବଂ ଏମ୍‌କେସିଜି ବ୍ରହ୍ମପୁରରେ ହେଲିପୋର୍ଟ ସ୍ଥାପନର ପ୍ରସ୍ତାବ ରହିଛି।ବିମାନ ମରାମତି ଓ ରକ୍ଷଣାବେକ୍ଷଣ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ୨୦୨୯ ସୁଦ୍ଧା ଅତିକମରେ ଦୁଇଟି ଏମ୍‌ଆର୍‌ଓ କେନ୍ଦ୍ର ସ୍ଥାପନ କରାଯିବ। ଏହା ଦ୍ୱାରା ୩ ହଜାରରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବାର ଲକ୍ଷ୍ୟ ରହିଛି। ଭୁବନେଶ୍ୱର, ପାରାଦୀପ, ଝାରସୁଗୁଡ଼ା ଓ ଧାମରାରେ ବିମାନ ସଂଯୁକ୍ତ ମଲ୍ଟିମୋଡାଲ ଲଜିଷ୍ଟିକ୍ସ ପାର୍କ ବିକାଶ କରାଯିବ। ଦକ୍ଷ ମାନବ ସମ୍ବଳ ସୃଷ୍ଟି ପାଇଁ ଢେଙ୍କାନାଳର ବିରାସାଲରେ ବିମାନ ପ୍ରଶିକ୍ଷଣ ଏକାଡେମୀ, ଫ୍ଲାଇଙ୍ଗ ଟ୍ରେନିଂ ଅର୍ଗାନାଇଜେସନ, ଏୟାରକ୍ରାଫ୍ଟ ମେଣ୍ଟେନାନ୍ସ ଇଞ୍ଜିନିୟରିଂ ପ୍ରତିଷ୍ଠାନ, ବିମାନ ଚାଳନା ବିଷୟରେ ଉଚ୍ଚଶିକ୍ଷା ପାଠ୍ୟକ୍ରମ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ସ୍କଲାରଶିପ୍‌ର ବ୍ୟବସ୍ଥା କରାଯିବ।

ସୂଚନା ଅନୁସାରେ ୨୦୨୯ ସୁଦ୍ଧା ବିମାନ କ୍ଷେତ୍ରରେ ପ୍ରାୟ ୧୦ ହଜାର ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ସହ ବିମାନବନ୍ଦର ବିକାଶକାରୀ, ପ୍ରଶିକ୍ଷଣ ପ୍ରତିଷ୍ଠାନ ଓ କାର୍ଗୋ ସେବା ପ୍ରଦାନକାରୀଙ୍କୁ ପୁଞ୍ଜି ସବସିଡି, ରିହାତି ଦରରେ ଜମି, ଷ୍ଟାମ୍ପ ଶୁଳ୍କ ଓ ବିଦ୍ୟୁତ ଶୁଳ୍କରେ ଛାଡ଼ ସହ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥା କରାଯିବାର ପ୍ରସ୍ତାବ ରହିଛି। ତେବେ ଏହା ଏପର୍ଯ୍ୟନ୍ତ ଏକ ଖସଡ଼ା ନୀତି ହୋଇଥିବାରୁ ବିଭିନ୍ନ ଅଂଶୀଦାରଙ୍କ ମତାମତ ଗ୍ରହଣ ପରେ ରାଜ୍ୟ ସରକାର ଏହାକୁ ଚୂଡ଼ାନ୍ତ ରୂପ ଦେବେ।

ଏହି ପ୍ରସଙ୍ଗରେ ସିଭିଲ ଏଭିଏସନ ବିଭାଗର ନିର୍ଦ୍ଦେଶକ ଦେବଦତ୍ତ ସୁରଞ୍ଜିତ ଜେନା କହିଛନ୍ତି, ଏହା ଏକ ଖସଡ଼ା ନୀତି ହୋଇଥିବାରୁ ବିଭିନ୍ନ ଅଂଶୀଦାରଙ୍କ ମତାମତ ପରେ ରାଜ୍ୟ ସରକାର ଏହାକୁ ଚୂଡ଼ାନ୍ତ ରୂପ ଦେବେ। ପ୍ରମୁଖ ଏୟାରଷ୍ଟ୍ରିପ୍‌ଗୁଡ଼ିକ ହେଉଛି ଅମର୍ଦ୍ଦା ରୋଡ୍ (ମୟୂରଭଞ୍ଜ), ରଙ୍ଗେଇଲୁଣ୍ଡା (ଗଞ୍ଜାମ), ଡାଣ୍ଡବୋସ, ଜାମଦାରପାଲି, ବାରିପଦା, ଅନୁଗୋଳ, ରାୟଗଡ଼ା, ମାଲକାନଗିରି, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ବିରାସାଲ (ଢେଙ୍କାନାଳ), ତୁଷୁରା (ବଲାଙ୍ଗୀର), ରାଇସୁଆଁ (କେନ୍ଦୁଝର), ଗୋଟମା (କୋରାପୁଟ) ଓ ଅନ୍ୟାନ୍ୟ ଛୋଟ ଏୟାରଷ୍ଟ୍ରିପ୍।

ସାମଗ୍ରିକ ଭାବରେ କହିବାକୁ ଗଲେ ଏହି ଖସଡ଼ା ନୀତି କାର୍ଯ୍ୟକାରୀ ହେଲେ ଓଡ଼ିଶାର ବିମାନ ଭିତ୍ତିଭୂମିରେ ଏକ ବଡ଼ ପରିବର୍ତ୍ତନ ଆସିବର ଯଥେଷ୍ଟ ସମ୍ଭାବନା ରହିଛି । ନୂଆ ବିମାନବନ୍ଦର, ବିସ୍ତାରିତ ବିମାନ ସଂଯୋଗ, ହେଲିପୋର୍ଟ, ଏମ୍‌ଆର୍‌ଓ, କାର୍ଗୋ ଓ ପ୍ରଶିକ୍ଷଣ ଭିତ୍ତିଭୂମି କେବଳ ଯାତାୟାତକୁ ସହଜ କରିବ ନୁହେଁ, ବରଂ ପର୍ଯ୍ୟଟନ, ଶିଳ୍ପ, ବାଣିଜ୍ୟ ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ନୂଆ ସମ୍ଭାବନାର ଦ୍ୱାର ଖୋଲିବ। ତେଣୁ ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ନୀତି ଓ ଏହାର କାର୍ଯ୍ୟକାରିତା ଉପରେ ଏବେ ସମସ୍ତଙ୍କ ନଜର ରହିବ।

## କୋଇଲା ଆବଣ୍ଟନ ଦୁର୍ନୀତି ମାମଲା

# ମନମୋହନ ସିଂହଙ୍କୁ ସୁପ୍ରିମକୋର୍ଟଙ୍କ କ୍ଲିନ୍ ଚିଟ୍

ନୂଆଦିଲ୍ଲୀ,୨୯।୭: ସ୍ୱର୍ଗତ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିରୋଧରେ ଚାଲିଥିବା ବହୁ ଚର୍ଚ୍ଚିତ କୋଇଲା ଖଣି ଆବଣ୍ଟନ ଦୁର୍ନୀତି ମାମଲାକୁ ସର୍ବୋଚ୍ଚ ରଦ୍ଦ କରିଛନ୍ତି । ବୁଧବାର ସୁପ୍ରିମକୋର୍ଟ ମାମଲାର ଶୁଣାଣି କରି ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କ୍ଲିନ୍ ଚିଟ୍ ପ୍ରଦାନ କରିଛନ୍ତି । ମାମଲାକୁ ବନ୍ଦ କରିବାକୁ ସିବିଆଇ ଦ୍ୱାରା ଦାଖଲ କ୍ଲୋଜର୍ ରିପୋର୍ଟକୁ ସୁପ୍ରିମକୋର୍ଟ ଗ୍ରହଣ କରିନେଇଛନ୍ତି । ସିବିଆଇ କ୍ଲୋଜର ରିପୋର୍ଟ ଦାଖଲ କରିବା ସତ୍ତ୍ୱେ, ଦିଲ୍ଲୀର ଏକ ନିମ୍ନ ଅଦାଲତ ୨୦୧୫ରେ ମନମୋହନ ସିଂହଙ୍କୁ ଅଭିଯୁକ୍ତ ଭାବରେ ସମନ କରିଥିଲା। ଅଦାଲତ କହିଥିଲେ ଯେ ମନମୋହନ ସିଂହ, ଶିଳ୍ପପତି କୁମାର ମଙ୍ଗଳମ୍ ବିର୍ଲା, ପୂର୍ବତନ କୋଇଲା ସଚିବ ପିସି ପାରଖ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ମାମଲା ଆଗକୁ ବଢ଼ାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ଅଛି । ମନମୋହନ ସିଂହ ସୁପ୍ରିମକୋର୍ଟରେ ସମନକୁ ଚ୍ୟାଲେଞ୍ଜ କରିଥିଲେ । ସୁପ୍ରିମକୋର୍ଟ ଏପ୍ରିଲ ୨୦୧୫ରେ ନିମ୍ନ ଅଦାଲତଙ୍କ ସମନକୁ ସ୍ଥଗିତ ରଖିଥିଲେ । ଏହି ଆବେଦନ ଦଶ ବର୍ଷରୁ ଅଧିକ ସମୟ ଧରି କୋର୍ଟରେ ବିଚାରାଧୀନ ଥିଲା ଏବଂ ଡିସେମ୍ବର ୨୦୨୪ରେ ମନମୋହନ ସିଂହଙ୍କ ଦେହାନ୍ତ ପରେ, ସୁପ୍ରିମକୋର୍ଟ ଏବେ ମାମଲାକୁ ନିରର୍ଥକ ବୋଲି ବିବେଚନା କରି ମାମଲାର ସମାଧାନ କରିଛନ୍ତି ଏବଂ ଏହା ଦ୍ୱାରା ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟଧାରା ଶେଷ ହୋଇଛି। ଉଲ୍ଲେଖ ଯୋଗ୍ୟ, ଏହି ମାମଲାରେ ୨୦୦୪ରୁ ୨୦୦୯ ମଧ୍ୟରେ ୧୦୦ରୁ ଅଧିକ କୋଇଲା ଖଣି ଆବଣ୍ଟନ ହୋଇଥିଲା । ସେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଖଣି ବିଭାଗର ଦାୟିତ୍ୱ ସମ୍ଭାଳୁଥିଲେ । ଖଣି ନିଲାମୀ ବଡ଼ ଧରଣର ଅନିୟମତିତା ହୋଇଥିବା ଅଭିଯୋଗ ହୋଇଧଥିଲା । ବିନା ନିଲାମୀରେ ଦେଶର ୧୦୦ଟି କମ୍ପାନୀକୁ କୋଇଲା ଖଣି ଆବଣ୍ଟିତ କରାଯାଇଥିବାର ଅଭିଯୋଗ ହୋଇଥିଲା ।

# ବ୍ଲାକ ସି'ରେ ଆକ୍ରମଣ: ଜାହାଜରେ ଫସିଛନ୍ତି ୧୩ ଭାରତୀୟ

ନୂଆଦିଲ୍ଲୀ, ୨୯।୭: ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ତୀବ୍ର ହୋଇଛି। ବିଶେଷ କରି ବ୍ଲାକ ସି' ପୋର୍ଟ ନିକଟରେ ମିସାଇଲ ଆଟାକ ବୃଦ୍ଧି ପାଇଛି। ବ୍ଲାକ ସି'ରେ ଘନଘନ ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଥିବାରୁ ୟୁକ୍ରେନର ଚର୍ନୋମୋର୍ସ୍କ ପୋର୍ଟରେ ଥିବା ଗୋଟିଏ ବ୍ୟବସାୟିକ ଜାହାଜରେ ୧୩ ଜଣ ଭାରତୀୟ ନାବିକ ଫସି ରହିଛନ୍ତି। ଆକ୍ରମଣ ଯୋଗୁ ସେମାନେ ଜାହାଜରୁ ବାହାରି ପାରୁ ନାହାନ୍ତି କିମ୍ବା ଜାହାଜ ମଧ୍ୟ ବ୍ଲାକ ସି' ଦେଇ ଆଗକୁ ଯାଇ ପାରୁ ନାହିଁ। ଡ୍ରୋନ୍ ଓ ମିସାଇଲ ଆକ୍ରମଣ ଜାରି ରହିଥିବାରୁ ସେମାନଙ୍କ ଜୀବନ ଗୁରୁତର ବିପଦରେ ଥିବା ଫରୱାର୍ଡ ସିମେନ୍ସ ୟୁନିୟନ୍ ଅଫ୍ ଇଣ୍ଡିଆ କହିଛି। କେନ୍ଦ୍ର ସରକାର, ଜାହାଜ ମାଲିକ, ଜାହାଜରେ ଯେଉଁ ରାଷ୍ଟ୍ରର ପତାକା ଲାଗିଛି ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତକ୍ଷେପ କରି ନାବିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ଅନୁରୋଧ ୟୁନିୟନ ଅନୁରୋଧ କରିଛି। ୟୁନିୟନ କହିଛି ଯେ ୧ ନାମକ କାର୍ଗୋ ଜାହାଜରେ ମୋଟ ୧୫ ଜଣ କ୍ରୁ ସଦସ୍ୟ ଅଛନ୍ତି। ଏହି ୧୫ ଜଣଙ୍କ ମଧ୍ୟରୁ ୧୩ ଜଣ ହେଉଛନ୍ତି ଭାରତୀୟ। ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଜାହାଜଟି ଫସି ରହିଥିବାରୁ ପ୍ରତ୍ୟେକ ଦିନ ସେମାନଙ୍କ ଜୀବନ ପ୍ରତି ବିପଦ ବଢ଼ିବାରେ ଲାଗିଛି।ୟୁନିୟନ ପକ୍ଷରୁ ଜାହାଜରୁ ରେକର୍ଡ ହୋଇଥିବା ଗୋଟିଏ ଭିଡିଓ ମଧ୍ୟ ଶେୟାର କରାଯାଇଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ବନ୍ଦର ନିକଟରୁ ଘନ ଧୂଆଁ ଉଠୁଛି। ଜାହାଜର କିଛି ଅଂଶ ମଧ୍ୟ ଧୂଆଁରେ ଆଚ୍ଛାଦିତ ହୋଇ ରହିଛି। ୟୁନିୟନ କହିଛି ଯେ ''ଯେକୌଣସି ମୁହୂର୍ତ୍ତରେ ଜାହାଜ ଉପରେ ସିଧାସଳଖ ଆକ୍ରମଣ ହୋଇପାରେ। ଏହି ଆଶଙ୍କାରେ କ୍ରୁ ସଦସ୍ୟମାନେ ଭୟ ମଧ୍ୟରେ ଦିନ କାଟୁଛନ୍ତି।'' ୟୁନିୟନ ଏପରି ଦାବି କରିଥିଲେ ହେଁ ବୈଦେଶିକ ମନ୍ତ୍ରଣାଳୟ କିମ୍ବା ସମ୍ପୃକ୍ତ ଶିପିଂ କମ୍ପାନୀ ପକ୍ଷରୁ ଏହି ଘଟଣା ଉପରେ କୌଣସି ପ୍ରତିକ୍ରିୟା ଆସିନାହିଁ।

# ନିଶା ମୁକ୍ତ କନ୍ଧମାଳ ପାଇଁ ଏସପିଙ୍କ ପ୍ରୟାସ ପ୍ରଶଂସନୀୟ

ଫୁଲବାଣୀ,୨୯।୭ (ଆନିସ): କଂଧମାଳ ଜିଲ୍ଲାକୁ



ନିଶା ମୁକ୍ତ କନ୍ଧମାଳ ଭାବେ ପରିଚିତ କରାଇବାକୁ ନୂତନ ଭାବେ ଯୋଗ ଦେଇଥିବା ଏସପି ରମେନ୍ଦ୍ର ପ୍ରସାଦ ଙ୍କ ଉଦ୍ୟମ୍ ସତରେ ପ୍ରଶଂସନୀୟ ଦାୟିତ୍ୱ ଗ୍ରହଣ କରିବା ର ଦିନ କେଇଟା ମଧ୍ୟରେ ସେ ଗଞ୍ଜେଇ ଚାଷ ଓ ଚୋରା ଚାଲାଣ କୁ ରୋକିବା ସହ ଏହାର ମୂଳ ଉତ୍ପାଟନ କରିବା ପାଇଁ ପ୍ରୟାସ ଆରଂଭ କରିଛନ୍ତି କମ୍ ସମୟ ମଧ୍ୟରେ ଶହ ଶହ କୁଇଣ୍ଟ ଲ ଗଞ୍ଜେଇ ଚୋରା ଚାଲାଣ ବେଳେ ଜବତ କରିବା ସହଜିଲ୍ଲା ଓ ରାଜ୍ୟ ବାହାର ର ଅନେକ ଗଞ୍ଜେଇ ମାଫିଆ ଙ୍କୁ ଗିରଫ କରିବା ରେ ସଫଳ ହୋଇଛନ୍ତି ଏଥି ସହ ସହର ରେ ଚାଲି ଆସିଥିବା ଡ୍ରଗସ କାରବାର କୁ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଉଦ୍ୟମ ଆରଂଭ କରିଛନ୍ତି ଡ୍ରଗସ ଜବତ କରିବା ସହ ଏ ସଂପର୍କରେ ୧୭ଜଣ ଡ୍ରଗସ ବେପାରୀ ଙ୍କୁ ଗିରଫ କରିଛି ପୋଲିସ ଆଉ କିଛି ବଡ ଡ୍ରଗ ସ ମାଫିଆ ଙ୍କୁ ଖୋଜୁଛି ପୋଲିସ ଆଇନ ଶୃଙ୍ଖଳା ପରିସ୍ଥିତି ରେ ସୁଧାର ଆସିଛି ଯୁବ ଏସପି ରମେନ୍ଦ୍ର ପ୍ରସାଦ ଙ୍କ ନିଷ୍ଠା ପର ଉଦ୍ୟମ,ଆନ୍ତରିକତା ଓ କାର୍ଯ୍ୟ ଦକ୍ଷତା ଯୋଗୁଁ ଏ ସବୁ ସମ୍ଭବ ହୋଇଥିବା ଜଣାପଡିଛି ସେହିପରି ଅତିରିକ୍ତ ଏସ ପି ବିଭୂତି ଭୂଷଣ ମହାପାତ୍ର, ଏସ ଡିପିଓ ଫୁଲବାଣୀ ସୁଭ୍ରଜିତ ବିଶ୍ୱାଳ ଓ ବାଲିଗୁଡ଼ା ଏସଡି ପି ଓ ଶୁଭମ୍ ଭୋସଲେ ଙ୍କ ଉଦ୍ୟମ ପ୍ରଶଂସନୀୟ ମାଦକ ଦ୍ରବ୍ୟ ଚୋରା ଚାଲାଣ କୁ ରୋକିବା ପାଇଁ ପୋଲିସ୍ କଠୋର କାର୍ଯ୍ୟାନୁଷ୍ଠାନ ଜାରୀ ରଖିଛି କନ୍ଧମାଳ କୁ ନିଶାମୁକ୍ତ କରିବା ପାଇଁ ସମସ୍ତ ଙ୍କ ଆନ୍ତରିକ ସହଯୋଗ ଆବଶ୍ୟକ ବୋଲି ଏସପି କହିଛନ୍ତି ଏସ ପି ଙ୍କ ଆନ୍ତରିକ ପ୍ରୟାସ କୁ ପୁର୍ବତନ ନଗର ପାଳ ତଥା ସମାଜ ସେବୀ କମଳା କାନ୍ତ ପାଣ୍ଡେ, ଜିଲ୍ଲା ନଗରିକ ମଂଚ ସାଧାରଣ ସମ୍ପାଦକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ମଧ୍ୟ ସ୍ୱାଗତ କରିଛନ୍ତି ଓ ସହଯୋଗ କରିବେ ବୋଲି କହିଛନ୍ତି

# ଫୁଲବାଣୀ ସହରର କୁଢ଼ କୁଢ଼ ଆବର୍ଜନା ସାର୍ତାଗୁଡା ରାସ୍ତା କଡ଼ରେ ଜମା, ଦୁର୍ଗନ୍ଧରେ ନାକ ଫାଟୁଛି




ଫୁଲବାଣୀ,୨୯।୭ (ଆନିସ): ଫୁଲବାଣୀ ସହର ର ମୁନିସିପାଲିଟି ର କୁଢ଼ କୁଢ଼ ଆବର୍ଜନା ସାର୍ତାଗୁଡା ଯିବା ରାସ୍ତାରେ ପଡି ରହିଁଛି । ସହର ର ୧୩ ଟି ୱାର୍ଡ ସମେତ ଡାକ୍ତର ଖାନାର ଅଳିଆ ଆବର୍ଜନା, ବର୍ଜ୍ୟ ବସ୍ତୁ ସବୁ ସାର୍ତାଗୁଡା ଯିବା ରାସ୍ତାରେ ମୁନସିପାଲିଟି ଫପାଢୁ ଥିବାରୁ ପାଖରେ ଥିବା ସାର୍ତାଗୁଡା, ମଝୁରିବିଡା, ବୁଢ଼ାଦାନୀ, କଟ୍ରିଆମ୍ବା, କଟ୍ରିଙ୍ଗିଆ, ଦଡକି, ଦୁବଗଡ଼, ର ଲୋକେ ସେହି ବାଟ ଦେଇ ଯାତାୟତ କରନ୍ତି । ବସ ଓ ଅନ୍ୟାନ୍ୟ ଗାଡିମଧ ଚଳାଚଳ କରୁଛି । ନବୋ ଦୟୋ ବିଦ୍ୟାଳୟ କୁ ସେହି ରାସ୍ତା ଦେଇ ଛାତ୍ର ଛାତ୍ରୀ ଯାଇଥାନ୍ତି । ଆବର୍ଜନା ଜମା ହୋଇ ରହିବା ଫଳରେ ବିଭିନ୍ନ ରୋଗ ର ଜୀବାଣୁ ସଂସ୍ପର୍ଷ ରେ ଲୋକେ ଆସିଯିବାର ଆଶଙ୍କା ରହିଁଛି । କିଛି ବର୍ଷ ତଳେ ସେସବୁ ଆବର୍ଜନା ଆଂଶିକ ଭାବେ ପୋଡି ଦିଆ ଯାଉଥିଲା ଏବେ ସେଭଳି କରାଯାଉ ନ ଥିବା ନେଇ ସମାଜ ସେବି ଓ ଆଇନଜୀବୀ ଅଶୋକ କୁମାର ପରିଡା କହିଛନ୍ତି । ସେସବୁ ମଇଳାକୁ ଅନ୍ୟତ୍ର ନେଇ ପୋଡି ଦେବା ପାଇଁ ବହୁ ବୁଦ୍ଧିଜୀବୀ ଓ ଗ୍ରାମବାସୀ ମାନେ ମତ ବ୍ୟକ୍ତ କରିଛନ୍ତି । ସେହିପରି ବଡ଼ବନ୍ଧ ର ଆବର୍ଜନା କିଛି ଉଠାଇ ନିଆ ଯାଇଥିବା ବେଳେ ଅବଶିଷ୍ଟ ୬୦ ପ୍ରତିଶତ ଆବର୍ଜନା ସେମିତି ପଚି ସଢ଼ି ପଡିଛି ନୀଳିଆ ବନ୍ଧ ହୁଡାରେ କୁଢ଼ କୁଢ଼ ବଜାର ଓ ଘରୋଇ ଆବର୍ଜନା ଜମାହୋଇ ଦୁର୍ଗନ୍ଧ ସହ ମଶା ପ୍ରବଳ ଯୋଗୁଁ ଆଖ ପାଖ ର ଲୋକେ ହ୍ଵନ୍ତସନ୍ତ ହେଉଛନ୍ତି । ଜିଲ୍ଲା ପ୍ରଶାସନ ଓ ମ୍ୟୁନିସପାଲିଟି ତୁରନ୍ତ ପଦକ୍ଷେପ ନେବାକୁ ସର୍ବସାଧାରଣରେ ଦାବୀ ହେଉଛି ।

# ଫୁଲବାଣୀ ମୁଖ୍ୟ ରାସ୍ତାରେ ଗୋରୁଗାଈଙ୍କ ଉପଦ୍ରବ

## ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଫୁଲବାଣୀ,୨୯।୭ (ଆନିସ): କନ୍ଧମାଳ ଜିଲ୍ଲା ସଦର ମହାକୁମା ଫୁଲବାଣୀ ସହର ରେ ମୁଖ୍ୟ ରାସ୍ତା ଠୁ ଆରମ୍ଭ କରି ସର୍କୁଲାର୍ ରାସ୍ତା ଜିଲାପାଳ ଓଏସପି କାର୍ଯ୍ୟାଳୟ, ଆଦି ଚାରିଆଡେ ବୁଲା ଗାଈଗୋ ରୁ ଙ୍କ ପଦୂର୍ଭାବ ଦେଖିବକୁ ମିଳିଛି ବୁଲା ଗାଈ ଗୋରୁ ସଂଖ୍ୟା ଦିନକୁ ଦିନ ବହୁ ମାତ୍ରା ରେ ବୃଦ୍ଧି ପାଉଛି । ଗାଈଗୋରୁ ରାସ୍ତା ଉପରେକେଉଁଠି




ଶୋଇରହୁଛନ୍ତି ତ କେଉଁଠି ଘଣ୍ଟା ଘଣ୍ଟା ଠିଆ ହୋଇ ରହୁ ଛନ୍ତି ଫଳରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ବିଭିନ୍ନ ସମୟ ରେ ଦୁର୍ଘଟଣା ମାନ ଘଟୁଛି ସନ୍ଧ୍ୟାରେ ଗାଈଗୋରୁ ଜଗନ୍ନାଥ ମନ୍ଦିର ର ଠାରୁ ଆରମ୍ଭ କରି ପି ଡବ୍ଲ୍ୟୁ ଡି ଛକ, ଶଶୀଦୋକାନ ଛକ, ଏସପି ଅଫିସ ସମ୍ମୁଖ, କୋର୍ଟ ଛକ, ଗୋପବନ୍ଧୁ ଛକ, ଥାନା ନିକଟ ଚାଟ ଦୋକାନ ସମ୍ମୁଖ ,ପୋଷ୍ଟ ଅଫିସ ଛକ, ଏଫସି ଆଇ ଛକ, ପେଂଜିସାହି ଛକ, ଆରଟିଓ ରୋଡ଼, ଡି ଆର ଡିଏ ଛକ, ହନୁମାନ ମନ୍ଦିର, ହାଟପଦା ,ଫିଲ୍ମ ହଲ, ନାରାୟଣୀ ଛକ, ମାଦି କୁନ୍ଦା ଛକ, କଲେଜ ଛକ ରେ ସର୍ବଦା ଗାଈ ଷଣ୍ଢ ଲଢେଇ ଚାଲିଥିବା ଦେଖିବାକୁ ମିଳୁଛି । ହାଟ , ପରିବା ମାର୍କେଟ ରେ ଅବାଧ ରେ ଗାଈ ଗୋରୁ , ଷଣ୍ଢ ବୁଲୁଛନ୍ତି ଗାଈ ଷଣ୍ଢ ଭୟରେ ଲୋକେ ହାଟ ଭିତରକୁ ପଶୁ ନାହାନ୍ତି । ଡେଲି ମାର୍କେଟ ସମ୍ମୁଖରେ ପରିବା ଚୋପା ଓ ପଚାଶଢା ପରିବା ଖାଇବାକୁ ଜମା ହୋଇ ଟ୍ରାଫିକ ଯାମ ହୁଏ । ଏକ ବର୍ଷ ତଳେ ମୁନସିପାଲିଟି ର ଜଣେ ଲୋକ ସହର ର ଗାଈ ଗରୁ ଙ୍କୁ ଘଉଡ଼ାଇ ବା ପାଇଁ ନିୟୋଜିତ ଥିଲା । ଗାଈଗରୁ ମାନଙ୍କୁ ସହର ବାହାର କୁ ପାଞ୍ଚ କିମି ଦୂର ବର୍ତ୍ତୀ ଭେଟଖୋଲ ଘାଟି ରେ ଅନ୍ୟୁନ ତିନିଶହ ଗାଈଗରୁ ଙ୍କୁ ଛାଡି ଆସୁଥିଲେ । କିନ୍ତୁ ସେହି ଗାଈଗରୁ ପୁନର୍ବାର ସହରକୁ ଫେରି ଆସୁଛନ୍ତି । ଅତୀତରେ କାଞ୍ଜିଆ ହୋତା ଘର ଥିଲା ସେଠାରେ ଗାଈଗରୁ ଙ୍କୁ ଜବତ କରି ରଖା ହେଉଥିଲା ତାଲା ପକାଇ । ଖାଇବା ପିଇବା କୁ ଦିଆ ଯାଉଥିଲ । ଗାଈର ମାଲିକ ମାନେ ଏନ ଏ ସି କୁ ଜୋରିମାନା ଦେଇ ଗାଈ ମୁକୁଳାଉଥିଲେ । ଏବେ ଗାଈ ମାଲିକ କିଏ ଜଣା ପଡୁନାହିଁ । କିଛି ମାଲିକ ଗାଈଗରୁ ର ଯତ୍ନ୍ ନେଉଥିବା ବେଳେ ଅଧିକାଂଶ ଲୋକଙ୍କ ଗାଈ ଗରୁ ଅବାଧରେ ସହର ସାରା ବୁଲୁଛନ୍ତି । ସହର କୁ ଛାଡି ଦେଲେ ୧୩ ଟି ୱାର୍ଡ ର ଶତାଧିକ ସାହି ଓ ଗଳି ରେ ଗାଈଗୋରୁ ବେଧଡକ ବୁଲୁଛନ୍ତି । ଏବେ କାଞ୍ଜିଆ ହୋତା ଆଉ ନାହିଁ । ଗ୍ରାମାଞ୍ଚଳରେ ଗାଈ ଚରାଇବା ପାଇଁ ପ୍ରତିଦିନ ପାଳି କରି ପ୍ରତ୍ୟେକ ଲୋକ ଗାଈ ଚରାଇଥାନ୍ତି ।ସେସବୁ ସହର ରେ ନାହିଁ ବୋଲି କୁଇ ସମାଜର ନେତା ତଥା ବରିଷ୍ଠ ଆଇନଜୀବୀ ମତ ବ୍ୟକ୍ତ କରିଛନ୍ତି । ଗାଈ ପରେ ଏବେ ବୁଲା କୁକୁର ସଂଖ୍ୟାମାତ୍ରାଧିକ ବଢିଛି । ବାଇକରେ ଯିବା ଲୋକଙ୍କୁ କୁକୁର ଗୋଡାଉଛିଆରଟିଓ ଓ ପେଂଜିଶାହିଁ ଛକରେ ।, ଫୁଲବାଣୀ ସହର ରେ ସନ୍ଧ୍ୟା ହେଲେ ରାସ୍ତାର ବତୀ ଖୁଣ୍ଟ ର ମିଞ୍ଜି ମିଞ୍ଜି ଆଲୋକ ରେ ଭଲରେ ରାସ୍ତା ଦିସୁ ନାହିଁ । ସାନ ସାନ ଏଲ ଇ ଡି ଲାଇଟ ଯଥେଷ୍ଟ ହେଉ ନାହିଁ ।ରାତିରେ ମାଟିଆ ରଙ୍ଗର ଗାଈ ରାସ୍ତାରେ ସୋଇଥିଲେ ଦେଖାଯାଉ ନାହିଁ । ଲୋକେ ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି । ରାସ୍ତାରେ ଥିବାନିଷ୍ପ୍ରଭ ଆଲୋକ କୁ ଉଚ୍ଚ କ୍ଷମତା ସମ୍ପନ୍ନ ଆଲୋକର ବ୍ୟବସ୍ଥା କରାଯିବାକୁ ଶ୍ରୀ କଂହର ଦାବୀ କରିଛନ୍ତି । ଚିଲରେନ୍ସ ପାର୍କରେ ହେଉଥିବା ୱାଟର ସ୍ପ୍ରିଙ୍କଲର ର ଚାନ୍ଦିନୀ ରେ ସିମେଣ୍ଟ ଢ଼ଳେଇ କରାଯିବା ଉଚିତ ନଚେତ ଶୀଘ୍ର ଭୁଶୁଡିଯିବ ବୋଲି ବହୁ ଅଭିଯୋଗ ମିଳୁଛି । ଶିଶୁ ପାର୍କ କୁ ଧ୍ୱସ୍ତ କରା ଯାଇ ସେଠାରେ ଫୁଡ କୋର୍ଟ କରାଯଉଥିବା ଯଦିଓ ସ୍ୱାଗତ ଯୋଗ୍ୟ ଶିଶୁ ମାନଙ୍କ ପାଇଁ ପାର୍କ କେବେ କରାଯିବ ବୋଲି ଲମ୍ବୋଦର କଂହର କରିଛନ୍ତି । ମରାମତି କରା ନ ଯାଇ ସମ୍ପୂର୍ଣ ଲକ୍ଷାଧିକ ଟଙ୍କାର ଖେଳ ସାମଗ୍ରୀ ଓ ଖେଳନା ପକ୍କା ଡାଞ୍ଚା ଭଙ୍ଗା ଯାଇଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏସବୁ ଅବ୍ୟବସ୍ଥା ଜନସାଧାରଣ ଓ ଶିଶୁ ମାନଙ୍କର ବୃହତ ସ୍ୱାର୍ଥ ଦୃଷ୍ଟିରୁ ବ୍ୟବସ୍ଥିତ କରିବାକୁ ସେ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି ।

# ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଯାଜପୁର, କେନ୍ଦ୍ରୀୟ ପରୀକ୍ଷାଗାର ଉଦ୍ଘାଟିତ

ଯାଜପୁର, ୨୯୭(ଆନିସ) : ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ , ଯାଜପୁରର କେନ୍ଦ୍ରୀୟ ପରୀକ୍ଷାଗାରକୁ ଆଜି ସକାଳ ୯.୩୦ ଘଟିକାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଯାଜପୁର ଶ୍ରୀ ଅମ୍ବର କୁମାର କର ଉଦ୍‌ଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ଼ଃ ଜାମି ସାଗର ପୃଷ୍ଟି, ଅଧୀକ୍ଷକ, ଡ଼ଃ ନଗେନ୍ଦ୍ର ନାଥ ମହାପାତ୍ର, ସିଡିଏମ୍ ଓ ପିଏଚଓ, ଯାଜପୁର, ଡ଼ଃ ମନୋଜ କୁମାର ସେନାପତି, ଡିଏମ୍‌ଓ-କମ୍-ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର, ଡ଼ଃ ସୁଜିତ କୁମାର ସ୍ୱାଇଁ, ପାଥୋଲୋଜି ବିଶେଷଜ୍ଞ, ପ୍ରଫେସର ରାକେଶ କୁମାର ପଣ୍ଡା, ବିଭାଗୀୟ ମୁଖ୍ୟ, ମାଇକ୍ରୋବାୟୋଲୋଜି, ପ୍ରଫେସର ପ୍ରଣତି ପ୍ରଧାନ, ବିଭାଗୀୟ ମୁଖ୍ୟ,



ପାଥୋଲୋଜି ପ୍ରଫେସର ପ୍ରଜ୍ଞାନ ପ୍ରିୟଦର୍ଶନୀ ଦାସ, ବାୟୋକେମିଷ୍ଟ୍ରି ବିଭାଗ ସମସ୍ତ କ୍ଲିନିକାଲ ବିଭାଗର ମୁଖ୍ୟ, ହସ୍ପିଟାଲ ମ୍ୟାନେଜର, ସେକ୍ସନ ଅଫିସର, ଆକାଉଣ୍ଟସ୍ ଅଫିସର, ଲାବୋରେଟୋରି ଟେକ୍ନିକାଲ ଅଫିସର, ଲାବୋରେଟୋରି ଟେକ୍ନିସିଆନ୍ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି କେନ୍ଦ୍ରୀୟ ପରୀକ୍ଷାଗାର ମାଧ୍ୟମରେ ରୋଗୀମାନଙ୍କୁ ଉନ୍ନତମାନର ରୋଗ ନିର୍ଣ୍ଣୟ ସେବା ଏକ ସ୍ଥାନରେ ଉପଲବ୍ଧ ହେବ, ଯାହା ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବ।

ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି କେନ୍ଦ୍ରୀୟ ପରୀକ୍ଷାଗାରରେ ରୋଗୀମାନଙ୍କ ପାଇଁ ସମସ୍ତ ଦିବସରେ ସେବା ଉପଲବ୍ଧ ରହିବ। ନମୁନା ସଂଗ୍ରହ ସମୟ ସକାଳ ୮.୩୦ ଘଟିକାରୁ ଦିନ ୧.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପରୀକ୍ଷା ରିପୋର୍ଟ ବିତରଣ ସମୟ ଅପରାହ୍ନ ୩.୦୦ ଘଟିକାରୁ ୪.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି।

ଏହି କେନ୍ଦ୍ରୀୟ ପରୀକ୍ଷାଗାରର ଶୁଭାରମ୍ଭ , ଯାଜପୁରର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହିତ ଜିଲ୍ଲାବାସୀଙ୍କୁ ଗୁଣାତ୍ମକ ଓ ସମୟୋପଯୋଗୀ ରୋଗ ନିର୍ଣ୍ଣୟ ସେବା ପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଅସୁସ୍ଥ ଶରୀର, ଅଦମ୍ୟ ସେବାଭାବ

# ବନ୍ୟା ବିପନ୍ନଙ୍କ ପାଇଁ ସଂଗ୍ରାମ ପାତ୍ରଙ୍କ ସହାୟତାର ହାତ

## ଜଳବନ୍ଦୀ ପରିବାରଙ୍କୁ ରିଲିଫ୍ ବଣ୍ଟନ, ସହଯୋଗୀଙ୍କୁ ଦେଲେ ତୁରନ୍ତ ସେବାର ନିର୍ଦ୍ଦେଶ !




ଯାଜପୁର ୨୯।୭(ଆନିସ): ବନ୍ୟାର କରାଳ ରୂପରେ ଯେତେବେଳେ ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତର ୮ ନମ୍ବର ୱାର୍ଡ ଚୋବା ସାହିର ଅନେକ ପରିବାର ଜଳବନ୍ଦୀ ହୋଇ ଦୁର୍ଦ୍ଦିନ ଅତିବାହିତ କରୁଥିଲେ, ସେହି ସମୟରେ ମାନବିକତାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ବିଜେପି ନେତା ସଂଗ୍ରାମ ପାତ୍ର। ଜ୍ୱରରେ ଅସୁସ୍ଥ ଥିବାରୁ ସେ ସ୍ୱୟଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ପହଞ୍ଚି ପାରିନଥିଲେ ମଧ୍ୟ, ବିପନ୍ନ ଲୋକଙ୍କ ଦୁଃଖକୁ ଅଣଦେଖା କରିନଥିଲେ। ପରିସ୍ଥିତିର ଖବର ପାଇବା ପରେ ସଂଗ୍ରାମ ପାତ୍ର ନିଜ ସହଯୋଗୀମାନଙ୍କୁ ତୁରନ୍ତ ଚୋବା ସାହିରେ ପହଞ୍ଚି ଜଳବନ୍ଦୀ ପରିବାରଙ୍କୁ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଓ ରିଲିଫ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଆହ୍ୱାନକୁ ସମ୍ମାନ ଜଣାଇ ସହଯୋଗୀମାନେ ବନ୍ୟା ପାଣି ଭିତରେ ପହଞ୍ଚି ପ୍ରଭାବିତ ପରିବାରଙ୍କ ହାତରେ ରିଲିଫ୍ ସାମଗ୍ରୀ ପହଞ୍ଚାଇଥିଲେ।ସହାୟତା ପାଇଥିବା ପରିବାରମାନେ ସଂଗ୍ରାମ ପାତ୍ରଙ୍କ ଏହି ମାନବିକ ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଏହାକୁ ବେଶ୍ ପ୍ରଶଂସା କରାଯାଉଛି। ଅସୁସ୍ଥତା ସତ୍ତ୍ୱେ ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବାର ତାଙ୍କ ମାନସିକତା ସାମାଜିକ ଦାୟିତ୍ୱବୋଧର ଏକ ଉତ୍କୃଷ୍ଟ ଉଦାହରଣ ପାଲଟିଛି।ଦେହ ଅସୁସ୍ଥ ହୋଇପାରେ, କିନ୍ତୁ ମଣିଷ ପାଇଁ ସେବାର ସଂକଳ୍ପ କେବେ ଅସୁସ୍ଥ ହୁଏନାହିଁ ବନ୍ୟାର ଏହି କଠିନ ସମୟରେ ସଂଗ୍ରାମ ପାତ୍ରଙ୍କ ପଦକ୍ଷେପ ସେହି ବାର୍ତ୍ତାକୁ ହିଁ ପୁଣିଥରେ ପ୍ରମାଣିତ କରିଛି।

# ସ୍ୱାଧୀନତାର ୭୯ବର୍ଷ ପରେ ମଧ୍ୟ ଗାଁ କୁ ହୋଇପାରି ନାହିଁ ରାସ୍ତା

ରାଇରଙ୍ଗପୁର, ୨୯।୭ (ଆନିସ): : ବିକଶିତ ଗାଁ ବିକଶିତ ଓଡିଶା ର ସପ୍ନ କେବେ ପୂର୍ଣ୍ଣ ହେବ। ସରକାର ପରେ ସରକାର ବଦଳିଲା, ପ୍ରତିଶୃତି ପରେ କେତେ ପ୍ରତିଶୃତି ମିଳିଲା ହେଲେ ଗାଁକୁ ରାସ୍ତା ମିଳିଲା ନାହିଁ ଏହିପରି ଏକ ପ୍ରତିଛବି ଦେଖିବାକୁ ମିଳିଛି ମୟୁରଭଞ୍ଜ ଜିଲ୍ଲା ର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୁସୁମି ବ୍ଲକ ଅନ୍ତର୍ଗତ ଯୋରଦା ପଞ୍ଚାୟତ ର ଏମିତି ଏକ ଗାଆଁ ରହିଛି ଯାହାର ସ୍ୱାଧୀନତା ର ୭୯ ବର୍ଷ ପରେ ମଧ ଗାଁ କୁ ସ୍ଥାୟୀ ଓ ଭଲ ରାସ୍ତା ଟିଏ ହୋଇପାରି ନାହିଁ। ଏହି ଗାଆଁଟି ହେଉଛି ସଲାକୁଦର ର ଚାନ୍ଦାଡିପା ସାହି । ଏହି ଗାଆଁ ର ଗୋଟିଏ ୱାର୍ଡ଼ ଥିବା ବେଳେ ୫ ଟି ସାହି ରହିଛି। ସେଥି ମଧ୍ୟରୁ ଚାନ୍ଦାଡିପା ଗୋଟିଏ ସାହି ରହିଛି ଯୋଉଠି ବିକାଶର ଛିଟା ଏବେ ସୁଦ୍ଧା ପଡିପାରି ନାହିଁ। ଏଠାରେ ୨୫ରୁ ୩୦ ଘର ଥିବାବେଳେ ଭୋଟର ସଂଖ୍ୟା ୧୦୦ ରୁ ଉପରେ। ଏହି ସଲାକୁଦର ଗ୍ରାମ ରୁଗୁଡଡିପା ଦେଇ ଚାନ୍ଦାଡିପା ସାହି ଯିବାକୁ ହେଲେ ଅଳ୍ପ ରାସ୍ତା କାଦୁଅ



ପଚ ପଚ ଥିବା ବେଳେ ସପୂର୍ଣ୍ଣ ୧.୫ ରୁ ୨ କିଲୋମିଟର କେବଳ ପାଦଚଲା ରାସ୍ତା ରହିଛି। ଏହି ଚାନ୍ଦାଡିପା ସାହି ଲୋକେ ଏହି ରାସ୍ତା ଦେଇ ମୁଖ୍ୟତଃ ବିଭିନ୍ନ ପଞ୍ଚାୟତ, ବ୍ଲକ୍,

ମେଡିକାଲ, ସ୍କୁଲ , କଲେଜ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଯିବାକୁ ତଥା ଗାଁ କୁ ଯିବାଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ନା ଏଠାକୁ ଦମକଳ ଆସିପାରେ ନା ଆମ୍ବୁଲାନ୍ସ ଏଠାକୁ ଆସିପାରେ। ଗୁରୁତର ରୋଗୀ ଟିଏ ଖଟିଆରେ ବୁହାହୋଇ ଗାଁ ମୁଖ୍ୟ ରାସ୍ତାକୁ ଆସି ଥାଏ ତା ପରେ ଆମ୍ବୁଲାନ୍ସ ରେ ଡାକ୍ତରଖାନା ଯାଇ ଥାଏ।

ଆଗରୁ ଯେନତେନ ପ୍ରକାରେ ଯାତାୟତ କରୁଥିବା ବେଳେ ଏବେ ଲଗାଣ ବର୍ଷାରେ ଏହି ଗାଁ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି। ଛୋଟ ଛୋଟ ପିଲାମାନେ ସ୍କୁଲ ଅଙ୍ଗନୱାଡି ଯାଇ ପାରୁ ନାହାନ୍ତି। ଗ୍ରାମାଞ୍ଚଳ ରେ ଗମନାଗମନ ବ୍ୟବସ୍ଥା କୁ ସୁଗମ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏକାଧିକ ଯୋଜନା ପ୍ରଣୟନ କରୁଥିବା ବେଳେ ଉକ୍ତ ସାହିକୁ ରାସ୍ତାଟି ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହି ବସ୍ତିବାସିନ୍ଦା ଙ୍କୁ ଭଲ ରାସ୍ତା ଟିଏ ମିଳି ପାରୁନାହିଁ ଯାହା ଦ୍ୱାରା ସବୁ କ୍ଷେତ୍ରରେ ଅବହେଳିତ ସମ୍ମୁଖୀନ ହୋଇଥାନ୍ତି। କାଦୁଅ ପଚ ପଚ ରେ ଖାଲ ଖମାର ରେ ପରିଣତ ଏହି ରାସ୍ତାରେ ଦୀର୍ଘ ଦିନ ହେଲା ରାସ୍ତାରେ ମୋରମ ମୁଠାଏ ପଡି ନଥିବାରୁ ଲୋକେ ଏହି ରାସ୍ତା ଦେଇ ଯିବାଆସିବା ପାଇଁ ହଇରାଣ ହେଉଛନ୍ତି। ବାରମ୍ବାର ଗଣମାଧ୍ୟମ ରେ ପ୍ରକାଶିତ ହେଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି।

ତେବେ ଏଦିଗରେ ଦୃଷ୍ଟି ଦେଇ ବ୍ଲକ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ମତାମତ ନିମନ୍ତେ ଏନେଇ ଯୋରଦା ସରପଞ୍ଚ ଚିତ୍ତରଞ୍ଜନ ମାଝୀ ଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ରାସ୍ତା କାମ କରାଯିବା ନେଇ ମନରେଗା ଯୋଜନା ରେ ପ୍ରଶାସନ କୁ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ଏବେ ସୁଦ୍ଧା କୌଣସି ସୂଚନା ଆସିନାହିଁ। ଯାହା ଫଳରେ କାମ ହୋଇପାରି ନାହିଁ। ଏହି ଗାଁ ପ୍ରତି କୁସୁମୀ ବ୍ଲକ ବିଡିଓ ଙ୍କ ଆନ୍ତରିକତାର ପରିଚୟ ମିଳି ପାରିଲା ନାହିଁ, ତେବେ ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ କେତେ ତତ୍ପର ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଟିଚ କନ୍ଧମାଳ କାର୍ଯ୍ୟକ୍ରମ: ସ୍କୁଲରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ନିଶ୍ଚିତ ଲକ୍ଷ୍ୟ

ଫୁଲବାଣୀ-୨୯/୦୭ (ଆନିସ) କନ୍ଧମାଳ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ କାର୍ଯ୍ୟ କ୍ରମ ଟିଚ କଂଧମାଳ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଜିଲ୍ଲା ପାଳ ବେଦ ଭୂଷଣ ଙ୍କ ନିଷ୍ଠା ପର ଉଦ୍ୟମ ,ଆନ୍ତରିକତା ଓ ଆଗ୍ରହ ପ୍ରକାଶ ଯୋଗୁଁ ଟିଚ କଂଧମାଳ ଆରଂଭ ହୋଇଛି ଜିଲ୍ଲାପାଳ ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ସେ ଏହାର ତଦରଖ କରୁଛନ୍ତି ସ୍କୁଲ ଗୁଡ଼ିକ ରେ ଶିକ୍ଷକ ଓ ଛାତ୍ର ଛାତ୍ରୀ ଙ୍କ ଉପସ୍ଥାନ ବୃଦ୍ଧି କରିବା ସହ



ସ୍କୁଲ କୁ ନିୟମିତ ଯାଉ ନଥିବା ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ମଧ୍ୟରେ ଶିକ୍ଷା ଦାନ ପ୍ରତି ଆଗ୍ରହ ସୃଷ୍ଟି କରିବା, ମଧ୍ୟାହ୍ନ ଭୋଜନ ର ମାନ ବୃଦ୍ଧି କରିବା କାର୍ଯ୍ୟ କ୍ରମ ର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ବେଦ ଭୂଷଣ କହିଛନ୍ତି ଶିକ୍ଷକ ଶିକ୍ଷୟତ୍ରୀ ମାନେ ନିୟମିତ ଠିକ ସମୟରେ ସ୍କୁଲ ଆସିବେ ସେଥିପ୍ରତି ନଜର ରଖିବାକୁ ଅଧିକାରୀ ମାନଙ୍କୁ କୁହାଯାଇଛି ଏହା ଫଳରେ ଶିକ୍ଷା ର ଗୁଣାତ୍ମକ ମାନ ବୃଦ୍ଧି ପାଇବ ବର୍ତ୍ତମାନ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ବିଭିନ୍ନ ଗ୍ରା ମାଞ୍ଚ ଳ ସ୍କୁଲ ବୁଲି ସେଠାକାର ଶୈ କ୍ଷିକ ବାତାବରଣ ଅନୁଧ୍ୟାନ କରିବା ସହ ପିଲାଙ୍କୁ ପାଠ ପଢ଼ାଉଛନ୍ତି ଏହି କାର୍ଯ୍ୟକ୍ରମ ଆରଂଭ ହେବା ଫଳରେ ନିୟମିତ ସ୍କୁଲ୍ ଆସୁନଥିବା, ମଧ୍ୟାହ୍ନ ଭୋଜନ ଅର୍ଥ ହେରେଫେର୍ କରୁଥିବା ଶିକ୍ଷକ ଭୟଭୀତ ହୋଇ କାଗଜ ପତ୍ର ଠିକ୍ କରିବାରେ ଲାଗିଛନ୍ତି ସୋମବାର ଜିଲାପାଳ ଖଜୁରିପଡା ବ୍ଲକ୍ ଟି ଟ୍ରା ପଙ୍ଗ ପଂଚାୟତ ର କଲାଡ଼ି ସ୍କୁଲ ପରିଦର୍ଶନ କରି ଥିବା ବେଳେ ଏସପି ରମେନ୍ଦ୍ରପ୍ରସାଦ ଦୁଟିମେଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ବା ସହ ପିଲାଙ୍କୁ ପାଠ ପଚାରିଥିଲେ ସେହିପରି ଡି ଏଫ୍ ଓ କଳିଙ୍ଗ ମଡେଲ ରେଶିଡେ ନ୍ସିଆଲ ସ୍କୁଲ ଖଜୁରିପଡା, ସି ଡ଼ି ଓ ଶମ୍ଭୁ ନାଥ ନନ୍ଦୀ ଟିକିରିପଡା ସ୍କୁଲ, ଉପ ଜିଲ୍ଲାପାଳକନ୍ଧମାଳ ଭିକାରୀ ସାହୁ ସୁଦୃକୁମ୍ପ ହାଇ ସ୍କୁଲ, ପି ଏ ଆଇ ଟି ଡି ଏ ଯୁଧିଷ୍ଠିର ମେହେର ସୁ ଡ୍ରେଜୁ ହାଇସ୍କୁଲ,ପ୍ରକଳ୍ପ ନିର୍ଦ୍ଦେଶକ ଡ୍ୟୁ ଡା ପ୍ରବୀଣ କୁମାର ବାଣୁଆ ଏସ ଏସ ଡି ହାଇସ୍କୁଲ ରଣ ପାଟୁ ଲି ହାଇସ୍କୁଲ, ଡି ଡି ଏଚ ସ୍ମିତା ମହାନ୍ତି ନୋଡାଲ ହାଇସ୍କୁଲ ଦୁଟି ପଡ଼ା, ତହସିଲଦାର ଶୁଭଶ୍ରୀ ରଥ ବ୍ଲକ୍ କଲୋନୀ ସ୍କୁଲ, ବି ଡିଓ ଶୁଭ ଦତ୍ତାତ୍ରେୟ ବାହିନୀ ପତି ଖଜୁରିପଡା ଅପର ପ୍ରାଇମେରୀ ସ୍କୁଲ, ଓ ଅନ୍ୟାନ୍ୟ ଅଧିକାରୀ ମାନେ ବିଭିନ୍ନ ସ୍କୁଲ ଗସ୍ତ କରି ଶିକ୍ଷାଦାନ କିଭଳି ଚାଲିଛି ଅନୁଧ୍ୟାନ କରିଥିଲେ ଆଗମି ସପ୍ତାହ ରେ ଫିରିଙ୍ଗିଆ ବ୍ଲକ ର ସମସ୍ତ ସ୍କୁଲ ଅନୁଧ୍ୟାନ କରିବା କାର୍ଯ୍ୟ କ୍ରମ ରହିଥିବା ଜଣପଡିଛି

# କୁସୁମୀ ବ୍ଲକ ଅନ୍ତର୍ଗତ ଆହାରବନ୍ଧ ଗାଁ ରାସ୍ତା ସୁଧୁରିବ କେବେ



ରାଇରଙ୍ଗପୁର, ୨୯।୭(ଆନିସ):କଥାରେ ଅଛି ଚକେ ଗଲେ ବାର ହାତ। ଠିକ୍ ପରି ସରକାର ଗଲେ ନୂତନ ସରକାର ର ୨ ବର୍ଷ ବିତିଗଲା ହେଲେ ଗାଁ କୁ କାମ ନାହିଁ କି ଗାଁ ରାସ୍ତା ନିର୍ମାଣ ପାଇଁ ଆଜି ପର୍ଯ୍ୟନ୍ତ ନିର୍ମାଣ ପାଇଁ ଅନୁଦାନ ଆସିଲା ନାହିଁ କି ମିଳିଲା ମଧ୍ୟ ନାହିଁ। ତଥାପି ନୂତନ ସରକାର ଙ୍କୁ ଗ୍ରାମବାସୀ ଅନେଇ ବସିଛନ୍ତି। ଏହି ପରି କାଦୁଅ ରାସ୍ତାରେ ଲୋକେ ଦୈନନ୍ଦିନ ଯିବା ଆସିବା କରୁଛନ୍ତି। ସ୍ବଚ୍ଛନୀୟ ଭାବେ ପଡିରହିଛି ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ କୁସୁମୀ ବ୍ଲକ ଅଧିନସ୍ତ ଆହାରବନ୍ଦ ପଂଚାୟତ ରେ ଥିବା ଏକ ବ୍ୟସ୍ତ ବହୁଳ ଗାଁ ରାସ୍ତା କୁ । ଏହି ଗାଁ ରାସ୍ତା ଟି ଦୀର୍ଘ ୧୮ ବର୍ଷ ହେବ ଅବହେଳା ସହିତ ରାସ୍ତା କାମ କରା ଯାଉନାହିଁ, ଏଠାକୁ ନା ଆସୁଛନ୍ତି ପ୍ରଶାସନ ନା ଆସୁଛନ୍ତି କୌଣସି ଅଧିକାରୀ, କିନ୍ତୁ ଏହି ରାସ୍ତା କଡ଼ରେ ଏକ ଗ୍ୟାସ ଗୋଦାମ ଗୃହ ଥିବାରୁ ଏ ଅଂଚଳର ଶହ ଶହ ଲୋକ ଏଇ ରାସ୍ତାରେ ଚଳପ୍ରଚଳ କରୁଛନ୍ତି, ଦୁଃଖ ଏବଂ ପରିତାପର ବିଷୟ ଏହି ରାସ୍ତା ଦ୍ୱାରା ସରକାର ସି. ଜି. ଏସ. ଟି ଏବଂ ଏସ. ଜି. ଏସ. ଟି. ମାଧ୍ୟମ୍ୟରେ ଉଭୟ ଭାରତ ସରକାର ଏବଂ ରାଜ୍ୟସରକାର ରାଜସ୍ୱ ପାଉଥିଲେ ମଧ କାହିଁକି ଅବହେଳା କରୁଛନ୍ତି ତାହା ପ୍ରଶ୍ନବାଚୀ, ଏହି ରାସ୍ତା ଟି ମାନନୀୟା ରାଷ୍ଟ୍ରପତିଙ୍କ ଘର ପାହାଡ଼ପୁର କୁ ମଧ୍ୟ ସଂଯୋଗ ହୋଇଅଛି,ଏଣୁ ଆହାରବନ୍ଦ ଗ୍ରାମବାସୀ ତଥା ଏ ଅଞ୍ଚଳର ଗ୍ୟାସ ଉପଭୋକ୍ତା ସରକାରଙ୍କୁ ନିବେଦନ କରୁଛନ୍ତି କି ଯେ, ଏହି ରାସ୍ତାଟିକୁ ପଂଚାୟତ ରାସ୍ତାରୁ ଆର. ଡ଼ି ରାସ୍ତା କୁ ପରିର୍ତନ କରି ଏକ ଓସାରିଆ ରାସ୍ତା ତିଆରି କଲେ ବାରମ୍ବାର ଯଉ ଦୁର୍ଘଟଣା ଘଟୁଛି ତାହା କମି ଯାଆନ୍ତା ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

# ଟିପିଏସ୍ଓଡିଏଲ୍ ତରଫରୁ ନୈତିକତା ଦିବସ ପାଳନ




ବ୍ରହ୍ମପୁର,୨୯।୭ (ଆନିସ): ନୈତିକ ମୂଲ୍ୟବୋଧ ଏବଂ ଦାୟିତ୍ୱପୂର୍ଣ୍ଣ କର୍ପୋରେଟ ଶାସନ ବ୍ୟବସ୍ଥା ପ୍ରତି ନିଜର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ତରଫରୁ ଶ୍ରୀ ଜାହାଙ୍ଗୀର ରତନଜୀ ଦାଦାଭୋଏ (ଜେ.ଆର୍.ଡି.) ଟାଟାଙ୍କ ଜୟନ୍ତୀ ଅବସରରେ ନୈତିକତା ଦିବସ ପାଳନ କରାଯାଇଛି । ଏହି ଅବସରରେ କମ୍ପାନୀ ତରଫରୁ ଟାଟା ଆଚରଣ ସଂହିତା, ନୈତିକ ନେତୃତ୍ୱ ଏବଂ ଦାୟିତ୍ୱବାନ ବ୍ୟବସାୟିକ ଅଭ୍ୟାସ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଯାଇଥିଲା। ଟିପିଏସ୍ଓଡିଏଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏଥିସହିତ ଜେ.ଆର୍.ଡି. ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ କାର୍ଯ୍ୟକ୍ଷେତ୍ରରେ ସତ୍ୟନିଷ୍ଠା, ସ୍ୱଚ୍ଛତା ଓ ଉତ୍କର୍ଷତା ବଜାୟ ରଖିବାର ପ୍ରତିଶ୍ରୁତିକୁ ଦୋହରାଇଥିଲେ ।

ଏହି ଅବସରରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, ''ନୈତିକତା ହେଉଛି ବିଶ୍ୱାସର ମୂଳଦୁଆ ଏବଂ ବିଶ୍ୱାସ ହେଉଛି ପ୍ରତ୍ୟେକ ଦୀର୍ଘସ୍ଥାୟୀ ଅନୁଷ୍ଠାନର ଆଧାର । ଟିପିଏସ୍ଓଡିଏଲ୍ରେ ଆମେ ସତ୍ୟନିଷ୍ଠା, ନ୍ୟାୟପରାୟଣତା ଓ ସ୍ୱଚ୍ଛତାର ସହିତ ବ୍ୟବସାୟ ପରିଚାଳନା କରିବା ପାଇଁ ପ୍ରତିବଦ୍ଧ । ଏଥିସହ ଆମର ଉପଭୋକ୍ତା ଏବଂ ସମୁଦାୟକୁ ସର୍ବୋଚ୍ଚ ବୃତ୍ତିଗତ ମାନକ ଅନୁଯାୟୀ ସେବା ପ୍ରଦାନ କରିବାକୁ ଆମେ ସଂକଳ୍ପବଦ୍ଧ । ଜେ.ଆର୍.ଡି. ଟାଟାଙ୍କ ନୀତି ଆଦର୍ଶ ଆମର ପ୍ରତ୍ୟେକ ନିଷ୍ପତ୍ତିକୁ ଆଜି ମଧ୍ୟ ପଥପ୍ରଦର୍ଶନ କରୁଛି'' ।

ଏହି ଦିବସକୁ ଆହୁରି ସ୍ମରଣୀୟ କରିବା ପାଇଁ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲଙ୍କ ଦ୍ୱାରା କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ଏକ ଆଧୁନିକ ଜିମ୍ନାସିୟମ୍ ର ଉଦ୍ଘାଟନ ହୋଇଛି । କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ, ଶାରୀରିକ ସୁସ୍ଥତା ଓ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି ନୂତନ ସୁବିଧାର ବ୍ୟବସ୍ଥା କରାଯାଇଛି । ଏହା କର୍ମଚାରୀମାନଙ୍କୁ ଉତ୍ତମ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରାଇବାରେ ସହାୟକ ହେବା ସହ ଏକ ସକାରାତ୍ମକ ଓ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଦିଗରେ ଟିପିଏସ୍ଓଡିଏଲ୍ର ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।

ଶେଷରେ କର୍ମଚାରୀମାନେ ନୈତିକତା ଶପଥ ଗ୍ରହଣ କରିଥିଲେ । ଏଥିସହିତ ନିଜ କାର୍ଯ୍ୟର ପ୍ରତ୍ୟେକ କ୍ଷେତ୍ରରେ ସତ୍ୟନିଷ୍ଠା, ଦାୟିତ୍ୱବୋଧ, ଉତ୍କର୍ଷତା, ଏକତା ଓ ପାରସ୍ପରିକ ବୁଝାମଣା ଭଳି ଟାଟାର ମୂଳ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା ପାଇଁ ବଦ୍ଧପରିକର ହୋଇଥିଲେ ।

# ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ

## ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ସମ୍ମାନୀତ



ବୁଗୁଡ଼ା,୨୯।୭ (ଆନିସ): ବୁଗୁଡ଼ା ବ୍ଲକ ପୋଚାଲୁଣ୍ଡି ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଆଜି ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଏକ ଉତ୍ସବ ବାଲିପଦର ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ଭଗବାନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବେଳେ ପୋଚାଲୁଣ୍ଡି ସରପଞ୍ଚ ସୁଜାତା କୁମାରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଅଞ୍ଚଳର ଅବସରପ୍ରାପ୍ତ ୧୦୦ ରୁ ଊର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ସମ୍ବର୍ଦ୍ଧିତ ଗୁରୁଜନମାନେ ଶିକ୍ଷକ ଜୀବନର ଦୀର୍ଘ ଅନୁଭୂତି ଓ ଗୁରୁ-ଶିଷ୍ୟ ପରମ୍ପରାର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା କେବଳ ପାଠପଢ଼ାରେ ସୀମିତ ନୁହେଁ, ବରଂ ଏହା ମାର୍ଗଦର୍ଶନ, ନୈତିକତା ଓ ଆଧ୍ୟାତ୍ମିକତାର ଏକ ଅତୁଟ ବନ୍ଧନ। ଗୁରୁଙ୍କ ନିସ୍ୱାର୍ଥପର ଶିକ୍ଷା ଓ ଆଶୀର୍ବାଦ ବିନା ସମାଜର ସଠିକ୍ ପ୍ରଗତି ଏବଂ ମୂଲ୍ୟବୋଧଭିତ୍ତିକ ଚରିତ୍ର ଗଠନ ଅସମ୍ଭବ।ଆଜିର ଛାତ୍ରଛାତ୍ରୀମାନେ ଉଚିତ୍ ଶିକ୍ଷା ଓ ସଂସ୍କାର ଗ୍ରହଣ କରି ଆଗାମୀ ଦିନରେ ନିଷ୍ଠାପର ନାଗରିକ ଭାବେ ଗଢ଼ିଉଠିବାକୁ ସେମାନେ ପରାମର୍ଶ ଦେଇଥିଲେ। ପୋଚାଲୁଣ୍ଡି ଅଞ୍ଚଳରେ ପ୍ରଥମ ଥର ପାଇଁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ଉପସ୍ଥିତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।ଏହି ସମ୍ବର୍ଦ୍ଧନା ଉତ୍ସବରେ ଲିଙ୍ଗରାଜ ଜେନା, ନବଘନ ମିଶ୍ର, ବିଜୟ ଚନ୍ଦ୍ର ମହାରଣା, ସନ୍ତୋଷ କୁମାର ଘଡ଼ାଇ, ବିପିନ ପଟ୍ଟନାୟକ, ଉମା ଚରଣ ପଟ୍ଟନାୟକ, ରାଜେନ୍ଦ୍ର ପ୍ରଧାନ, ବାପୁଜୀ ପରିଡ଼ା, ଗୌରୀ ଶଙ୍କର ଜେନା, ଦିଲ୍ଲୀପ କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଭୋଳ, ନିକୁଞ୍ଜ ପ୍ରଧାନଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଓ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଲୋକଦେଖାଣି ପାଇଁ ରାସ୍ତା ଖୋଳିଦେଲେ, କିନ୍ତୁ ୧୦ ଦିନ ବିତିଗଲା ହେଲେ କାମ ଆରମ୍ଭ ହୋଇନି



କୁକୁଡାଖଣ୍ଡି: କୁକୁଡାଖଣ୍ଡି ଅଞ୍ଚଳରେ ଡ୍ରେନେଜ୍? ସମସ୍ୟାର ସମାଧାନ ଉଦ୍ଦେଶ୍ୟ ରେ ରାସ୍ତା ଖୋଳିବା ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ଲୋକ ଙ୍କ ଅଭିଯୋଗ ଅନୁସାରେ, ଖଣ୍ଡିଆ ସାହି ଓ ଗୌଡ଼ ସାହି ପଛପଟରେ ଥିବା ଡ୍ରେନ୍? ର ସମସ୍ୟା ଦୀର୍ଘଦିନ ଧରି ସମସ୍ୟା ଲାଗି ରହିଥିବା ବେଳେ ପ୍ରଶାସନ କୌଣସି ଦୃଷ୍ଟି ଆକର୍ଷଣ ଦେଉନଥିବାରୁ ବିଜେପି ଯୁବନେତା ନିଲେଶ ଦଳେଇ ଉକ୍ତ ଡ୍ରେନ୍? ପାଣି ର ସମସ୍ୟା ର ସମାଧାନ ପାଇଁ ନିଜସ୍ୱ ଖର୍ଚ୍ଚ ରେ ଜେସିବି ସାହାଯ୍ୟ ରେ ପାଣି ନିଷ୍କାସନ ବ୍ୟବସ୍ଥା କରିଥିଲେ କିନ୍ତୁ ସେହି କାମ ସମୟରେ ପ୍ରଶାସନ କିମ୍ବା ସରପଞ୍ଚ ଙ୍କ ଅନୁମତି ବିନା ଜେସିବି ସାହାଯ୍ୟରେ ବ୍ୟସ୍ତବହୁଳ ରାସ୍ତା ଖୋଳା ଯାଇଥିବା ଅଭିଯୋଗ



... ଙ୍କ ଅଭିଯୋଗ ... ରାସ୍ତା ଖୋଳାଯିବା ... ଦିନ ବିତିଥିଲେ ... କାମ ଆରମ୍ଭଛ... ରେ ପ୍ରତିଦିନ ଶହ ... ଦା ଓ ଯାନବାହନ ଚଳାଚଳରେ ନାନା ପ୍ରକାର ର ଅସୁବିଧା ରେ ସମ୍ମୁଖୀନ ହେଉଥିବା କୁହାଯାଇଛି। ଭଙ୍ଗା ରାସ୍ତା ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢିପାରେ ବୋଲି ନେଇ ସ୍ଥାନୀୟ ଲୋକେ କହି ଚିନ୍ତା ପ୍ରକାଶ କରିଛନ୍ତି।ଏହି ଘଟଣାକୁ ନେଇ ଅଞ୍ଚଳରେ ପ୍ରଶ୍ନ ଉଠୁଛି ଯେଯଦି ରାସ୍ତା ଖୋଳାଯାଇଥିଲା, ତେବେ କେଉଁ କର୍ତ୍ତୃପକ୍ଷଙ୍କ ଅନୁମତିରେ ଏହି କାମ କରାଗଲା? ଯଦି ଜନସେବା ଉଦ୍ଦେଶ୍ୟ ଥିଲା, ତେବେ ଖୋଳାଯାଇଥିବା ରାସ୍ତାକୁ ତୁରନ୍ତ ପୂର୍ବାବସ୍ଥାକୁ କାହିଁକି ଫେରାଯାଇନାହିଁ?ଏନେଇ ସମ୍ପୃକ୍ତ ଯୁବନେତା ଙ୍କୁ ପଚାରିବାରୁ ସେ କହିଛନ୍ତି ଟଙ୍କା ଆସିଲେ କାମ ହେବ କିନ୍ତୁ ଅନ୍ୟ ପକ୍ଷରେ ବିଡ଼ିଓ ପଲ୍ଲବୀ ସ୍ୱାଇଁ ଙ୍କ ସହ ଯୋଗାଯୋଗ କରିବାରୁ ସେ ସିଧା ସିଧା କହିଛନ୍ତି ଯେ ଏ ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ ବୋଲି। ଯଦି ସେମିତି କିଛି ଘଟଣା ଘଟିଛି ତାହା ହେଲେ ସେହି ବ୍ୟକ୍ତି ଙ୍କ ନାମ ରେ ଲିଖିତ ଅଭିଯୋଗ କରି ଥାନା ରେ ଜଣାଯିବା।ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ୁଥିବା ବେଳେ, କେବେ ରାସ୍ତା ମରାମତି କାମ ଆରମ୍ଭ ହେବ ତାହାକୁ ନେଇ ସମସ୍ତଙ୍କ ନଜର ରହିଛି।

# ଖରିଫ ଫସଲ ପାଇଁ ବାଘୁଆ ଜଳଭଣ୍ଡାରରୁ ଛଡାଗଲା ପାଣି



ବୁଗୁଡା,୨୯।୭ (ଆନିସ): ଗତ ଜୁଲାଇ ୧୦ ତାରିଖ ଦିନ ବାଘୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଖରିଫ ଫସଲ ଜଳସେଚନ ପରିଚାଳନା ନିମନ୍ତେ ଅନୁଷ୍ଠିତ ସାଧାରଣ ଅଧିବେଶନରେ ନିର୍ଦ୍ଧାରିତ ପ୍ରକାରେ ୨୮ ତାରିଖ ମଙ୍ଗଳବାର ସକାଳ ୮ ଘଣ୍ଟା ସମୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବିଶ୍ୱ ଜୀବନ ମହାପାତ୍ର , ସହକାରୀ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ବାଘୁଆ ଜଳଭଣ୍ଡାରରୁ ଉଭୟ ବାମ ଓ ଡାହାଣ କେନାଲ ଦେଇ ଜଳ ଛଡାଯାଇଥିବା ଜଣାଯାଇଛି। ପ୍ରକାଶ ଯେ, ବାଘୁଆ ଜଳଭଣ୍ଡାରର ଜଳଧାରଣ କ୍ଷମତା ୩୧୦୦ ହେକ୍ଟର ମିଟର ହୋଇଥିବା ବେଳେ ସମ୍ପ୍ରତି ୨୩୮୬.୪୦ ହେକ୍ଟର ମିଟର ଜଳ ଗଚ୍ଛିତ ରହିଛି। ତେବେ ସେଥି ମଧ୍ୟରୁ ୮୩୦୦ ହେକ୍ଟର ଜମି ପାଇଁ ଜଳ ଯୋଗାଣ ଲକ୍ଷ୍ୟ ରହିଥିବା ବେଳେ ବୁଗୁଡା ଅଞ୍ଚଳର ୪୮୭୭ ହେକ୍ଟର ଏବଂ ପୋଲସରା ଅଞ୍ଚଳର ୩୪୯୦ ହେକ୍ଟର ଜମିକୁ ଖରିଫ ଫସଲ ପାଇଁ ଜଳ ଛଡାଯିବାର ବ୍ୟବସ୍ଥା କରାଯାଇଥିବା ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କଠାରୁ ପ୍ରକାଶ ପାଇଛି।

# ରାମାଧୀନ ସଂସ୍କୃତ ମହାବିଦ୍ୟାଳୟରେ ଗୁରୁ(ବ୍ୟାସ) ପୂର୍ଣିମା ଉତ୍ସବ



ବ୍ରହ୍ମପୁର,୨୯।୭ (ଆନିସ): ବୁଧବାର ଦିନ ରାମାଧୀନ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶ୍ରୀଗୁରୁ ପୂର୍ଣ୍ଣିମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହରିହର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଅତିଥିମାନଙ୍କର ସ୍ୱାଗତ ତଥା ପରିଚୟ ପ୍ରଦାନ ସହ ସମ୍ମାନୀତ କରି ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟାତିଥିରୂପେ ଯୋଗଦେଇ ବରିଷ୍ଠସାମାଜିକକର୍ମୀ ପ୍ରଭାତ ରଂଜନ ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି ଗୁରୁଦିବସର ତାତ୍ପର୍ଯ୍ୟ ତଥା ଆଧୁନିକ ସମାଜରେ ଗୁରୁମାନଙ୍କର ଭୂମିକା ବିଷୟରେ ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନା କରି ଛାତ୍ରଛାତ୍ରୀମାନଙ୍କୁ ଦିଗ୍?ଦର୍ଶନ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ରୂପେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କାହ୍ନୁଚରଣ ପଣ୍ଡା ଯୋଗଦାନ କରି ପ୍ରାଚୀନ ଗୁରୁପରମ୍ପରା ତଥା ଶିଷ୍ୟମାନଙ୍କର ଉନ୍ନତିରେ ଗୁରୁମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥିରୂପେ ବରିଷ୍ଠ ସଂସ୍କୃତ ବିଦ୍ୱାନ୍? ପ୍ରତାପ ଚନ୍ଦ୍ର ଶତପଥି? ଯୋଗଦାନ କରି ଗୁରୁ ହିଁ କେବଳ ଶିଷ୍ୟର ଉନ୍ନତିରେ କିଭଳି ସହାୟକ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗଦାନ କରି ସୁଚାରୁରୂପେ ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ସାହିତ୍ୟାଧ୍ୟାପକ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଘୁମୁସର ର ସ୍ୱର ପକ୍ଷରୁ ୧୬୪ତମ ସାହିତ୍ୟ ଆଲୋଚନା ଚକ୍ର

ବୁଗୁଡ଼ା,୨୯।୭ (ଆନିସ): ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ




ଘୁମୁସର ର ସ୍ୱର ବାଲିପଦର ପକ୍ଷରୁ ପବିତ୍ର ଗୁରୁ ପୁର୍ଣ୍ଣିମା ଅବସରରେ ୧୬୪ତମ ପୁର୍ଣ୍ଣିମା ସାହିତ୍ୟ ଆଲୋଚନା ଚକ୍ର ସମାଜସେବୀ ଖଲି ପରିଡାଙ୍କ ପୌରହିତ୍ୟରେ ବାଲିପଦର ଅହଲ୍ୟା ଦେବୀ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ କାମ ରାଜୁ ସାହଣି ଯୋଗଦେଇ ପ୍ରାଚୀନ ଗୁରୁ ପରମ୍ପରା ଓ ଆଜିର ଗୁରୁ ଶିଷ୍ୟ ଙ୍କ ସମ୍ପର୍କ ବିଷୟରେ ବିଭିନ୍ନ ରଚନାରୁ ଉଦାହରଣ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ। ପ୍ରଥମେ ଗୁରୁ ପୂଜନ ହୋଇ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଥିଲା। ଅନ୍ୟ ତମ ଅତିଥି ଭାବେ ସମାଜସେବୀ କୈଳାଶ ଚନ୍ଦ୍ର ପ୍ରଧାନ, ବୃନ୍ଦାବନ ମାହାନ୍ତି, କେ. ରାଘବ ଚନ୍ଦ୍ର ପାତ୍ର ଯୋଗଦେଇ ଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଗଣ ଓ ଛାତ୍ରୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ରାଘବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ବାରଣ୍ଡାରୁ ଟେକି ନେଇ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ କାନଫୁଲ ଲୁଟି ଫେରାର, ଅଭିଯୁକ୍ତ ଗିରଫ



ହିଞ୍ଜିଳିକାଟୁ, ୨୯।୭ (ଆନିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅନ୍ତର୍ଗତ ଶାସନ ଆମ୍ବଗାଁରେ ଜଣେ ଯୁବତୀଙ୍କୁ ଘର ବାରଣ୍ଡାରୁ ଜୋରଜବରଦସ୍ତି ଟେକି ନେଇ ଦୁଷ୍କର୍ମ ଉଦ୍ୟମ କରିବା ସହ କାନର କାନଫୁଲ ଛଡ଼ାଇ ନେଇଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାରେ ହିଞ୍ଜିଳି ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶାସନ ଆମ୍ବଗାଁର କାଳିଆ ଗୌଡ (୪୭)। ଏ ନେଇ ହିଞ୍ଜିଳି ଥାନାରେ କେସ୍? ନଂ-୫୧୭/୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଥାନା ଆଇଆଇସି ଶ୍ରୀନିବାସ ସେଠୀଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇ ପରେ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁସାରେ, ଗତ ୨୫ ତାରିଖ ରାତି ପ୍ରାୟ ୮ଟା ବେଳେ ପୀଡ଼ିତା ନିଜ ଘର ବାରଣ୍ଡାରେ ବସିଥିବା ସମୟରେ ଅଭିଯୁକ୍ତ ତାଙ୍କ ଘର ସମ୍ମୁଖରେ ପହଞ୍ଚି ପ୍ରଥମେ ଅଶ୍ଳୀଳ ଇଙ୍ଗିତ କରିଥିଲେ। ପରେ ଯୁବତୀ ଏକାକୀ ଥିବାର ସୁଯୋଗ ନେଇ ତାଙ୍କୁ ଜୋରଜବରଦସ୍ତି ଘର ସମ୍ମୁଖ ରାସ୍ତାକୁ ଟେକି ନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଚିତ୍କାର କରିବାରୁ ସାହିପଡ଼ିଶା ଲୋକେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ସେମାନଙ୍କୁ ଦେଖି ଅଭିଯୁକ୍ତ ଯୁବତୀଙ୍କ କାନର କାନଫୁଲ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଘଟଣା ପରେ ପୀଡ଼ିତା ରବିବାର ସନ୍ଧ୍ୟାରେ ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ପାଇଁ ଗର୍ବ: ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁଙ୍କୁ ରାଷ୍ଟ୍ରପତିଙ୍କ ପକ୍ଷରୁ ଅବୈତନିକ ଲେଫ୍ଟନାଣ୍ଟ ପଦବୀ ସମ୍ମାନ

ବ୍ରହ୍ମପୁର, ୨୯।୭ (ଆନିସ): ଶିକ୍ଷାଦାନ ସହ ଦେଶ ସେବାର ଆଦର୍ଶକୁ ଜୀବନରେ ସାକାର କରିଥିବା ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁ ଓ ଏନ.ବି. ଭାସ୍କରଆମାଙ୍କୁ ଜାତୀୟ କ୍ୟାଡେଟ୍ କୋର୍ପ୍ସ (ଏନସିସି) କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ସେବା, ଦକ୍ଷ ନେତୃତ୍ୱ ଓ ପ୍ରଶିକ୍ଷଣ ପାଇଁ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ପକ୍ଷରୁ ଅବୈତନିକ ଲେଫ୍ଟନାଣ୍ଟ ପଦବୀରେ




ସମ୍ମାନିତ କରାଯାଇଛି। ଏହି ସମ୍ମାନ ସେମାନଙ୍କର ନିଷ୍ଠା, ଶୃଙ୍ଖଳା, କର୍ତ୍ତବ୍ୟ ପରାୟଣତା ଓ ଦେଶ ପ୍ରତି ସମର୍ପଣର ଏକ ଉଚ୍ଚ ସ୍ୱୀକୃତି ବୋଲି ମନେ କରାଯାଉଛି।

ସୂଚନା ଅନୁଯାୟୀ, ୧୯୯୧ ମସିହାରେ ଗଞ୍ଜାମ ସ୍ଥିତ ଭାରତୀୟ ବିଦ୍ୟାପୀଠରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ସାହୁ ବିଭିନ୍ନ ବିଦ୍ୟାଳୟରେ ଦକ୍ଷ ଶିକ୍ଷୟିତ୍ରୀ, ସଫଳ ପ୍ରଶିକ୍ଷକ ଓ ଶୃଙ୍ଖଳା ପରାୟଣ ପ୍ରଶାସକ ଭାବେ ସୁନାମ ଅର୍ଜନ କରିଥିଲେ। ପରେ ସେ ବ୍ରହ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ।

୧୯୯୮ ମସିହାରେ ଏନସିସି ପ୍ରଶିକ୍ଷକ ଭାବେ ଯୋଗଦେବା ପରେ ଏବଂ ୨୦୦୦ ମସିହାରେ ଏସୋସିଏଟ ଏନସିସି ଅଫିସର (ଏଏନଓ) ଭାବେ ଦାୟିତ୍ୱ ଗ୍ରହଣ କରି ସେ ଶତାଧିକ କ୍ୟାଡେଟ୍ଙ୍କୁ ଶୃଙ୍ଖଳା, ନେତୃତ୍ୱ, ଦେଶପ୍ରେମ ଓ ସମାଜ ସେବାର ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ତାଙ୍କ ନେତୃତ୍ୱରେ ଅନେକ କ୍ୟାଡେଟ୍ ବିଭିନ୍ନ ରାଜ୍ୟ ଓ ଜାତୀୟସ୍ତରୀୟ ଶିବିରରେ ସଫଳତା ହାସଲ କରିଛନ୍ତି।

ସିକ୍କିମ ଓ ରାଜସ୍ଥାନରେ ଟ୍ରେକିଂ, ଗ୍ୱାଲିଅରରେ ରକ୍ କ୍ଲାଇମ୍ବିଂ, ଚିଲିକାରେ ୟାଚିଂ, ବେଙ୍ଗାଲୁରୁରେ ଏୟାର ଫୋର୍ସ ଶିବିର ସମେତ ଦିଲ୍ଲୀ, ମୁମ୍ବାଇ ଆଦି ସ୍ଥାନରେ ଆୟୋଜିତ ବିଭିନ୍ନ ଏନସିସି କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇ ସେ ନିଜର ଦକ୍ଷତା ଓ ନେତୃତ୍ୱର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

ରାଷ୍ଟ୍ରପତିଙ୍କ ପକ୍ଷରୁ ମିଳିଥିବା ଏହି ସମ୍ମାନ ପ୍ରତିକ୍ରିୟାରେ ଶ୍ରୀମତୀ ଲକ୍ଷ୍ମୀ ସାହୁ କହିଛନ୍ତି, ଏହି ସମ୍ମାନ କେବଳ ମୋର ନୁହେଁ ଏହା ମୋ ସହ କାମ କରିଥିବା ସହକର୍ମୀ, ମୋର ଛାତ୍ରଛାତ୍ରୀ ଏବଂ ଏନସିସି ପରିବାରର ସାମୂହିକ ସଫଳତା। ଶିକ୍ଷକ ଜୀବନରେ ମୁଁ ସବୁବେଳେ ଛାତ୍ରଛାତ୍ରୀଙ୍କ ମନରେ ଦେଶପ୍ରେମ, ଶୃଙ୍ଖଳା, ସେବାଭାବ ଓ ନେତୃତ୍ୱ ଗୁଣର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେଇଆସିଛି। ରାଷ୍ଟ୍ରପତିଙ୍କ ଏହି ସ୍ୱୀକୃତି ମୋତେ ଆହୁରି ସମାଜ ଓ ଯୁବପିଢ଼ି ପାଇଁ କାର୍ଯ୍ୟ କରିବାର ପ୍ରେରଣା ଦେଇଛି। ଆଗାମୀ ଦିନରେ ମଧ୍ୟ ଦେଶସେବା ଓ ଯୁବ ସମାଜର ଚରିତ୍ର ଗଠନ ଦିଗରେ ମୋର ପ୍ରୟାସ ଅବ୍ୟାହତ ରହିବ ।

ରାଷ୍ଟ୍ରପତିଙ୍କ ଏହି ସମ୍ମାନ ଲାଭ ପରେ ଶ୍ରୀମତୀ ସାହୁଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ଏନସିସି ମହଲ, ସହକର୍ମୀ, ପୂର୍ବତନ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିବର୍ଗଙ୍କ ପକ୍ଷରୁ ଅଭିନନ୍ଦନର ସୁଅ ଛୁଟିଛି। ତାଙ୍କର ଏହି ସଫଳତା ବ୍ରହ୍ମପୁର ସହ ସମଗ୍ର ଗଞ୍ଜାମ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି।

# ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ାଉ ମହିଳାଙ୍କ ସମେତ ୩ ଗିରଫ, ନଗଦ ଟଙ୍କା ସହ ୬ ମୋଟରସାଇକେଲ ଜବତ

ପାର୍ବଣ ଋତୁରେ ସକ୍ରିୟ ହେଉଛି ବେଆଇନ ଜୁଆ କାରବାର ପରମ୍ପରା ନାମରେ ଯୁବପିଢ଼ିଙ୍କୁ ଭ୍ରଷ୍ଟ ପଥକୁ ଟାଣୁଛି ଜୁଆ ନିଶା

ହିଞ୍ଜିଳିକାଟୁ/ବେଲଗାଁ,୨୯।୭ (ଆନିସ): ବେଆଇନ ଜୁଆ କାରବାର ଉପରେ ବେଲଗାଁ ପୋଲିସ ପୁଣିଥରେ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଛି। ମଙ୍ଗଳବାର ସନ୍ଧ୍ୟାରେ ବେଲଗାଁ ଥାନା ଅନ୍ତର୍ଗତ ରେଗିଡ଼ି ଛକ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସର ଅଚାନକ ଚଢ଼ାଉରେ ମହିଳାଙ୍କ ସମେତ ୩ ଜଣ ଜୁଆଡ଼ି ଗିରଫ ହୋଇଥିବା ବେଳେ ଅନ୍ୟ କିଛି ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଛନ୍ତି। ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଅଞ୍ଚଳରେ ବେଆଇନ କାରବାରରେ ଲିପ୍ତ ଲୋକଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି। ବିଶ୍ୱସ୍ତ ସୂତ୍ରରୁ ରେଗିଡ଼ି ଛକ ନିକଟରେ ଜୁଆ ଖେଳ ଚାଲିଥିବା



ସୂଚନା ପାଇବା ପରେ ଆସିକା ଏସଡିପିଓ ସୌରଭ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନ ଓ ତାଙ୍କ ଟିମ୍? ଯୋଜନାବଦ୍ଧ ଭାବେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ରାମଚନ୍ଦ୍ର ଦଳେଇ, ମନୋଜ ଦଳେଇ ଏବଂ ଅନୁସୟା ନାୟକଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୨୭ ହଜାର ୬୨୦ ଟଙ୍କା ନଗଦ, ୩ଟି ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ଘଟଣାସ୍ଥଳରୁ ୬ଟି ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଏନେଇ ବେଲଗାଁ ଥାନାରେ ୧୧୨/୨୬ ନମ୍ବର ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଜାରି ରଖିଛି। ଫେରାର ଜୁଆଡ଼ିଙ୍କୁ ଚିହ୍ନଟ କରି ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନ କହିଛନ୍ତି, ଅଞ୍ଚଳରେ ବେଆଇନ ଜୁଆ, ମଦ ଓ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ। ଆଇନ ଉଲ୍ଲଂଘନକାରୀଙ୍କ ପ୍ରତି କୌଣସି ପ୍ରକାର କୋହଳ ନୀତି ଗ୍ରହଣ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜୁଆ କେବଳ ଆଇନ ବିରୋଧୀ କାର୍ଯ୍ୟ ନୁହେଁ, ବରଂ ଏହା ସମାଜକୁ ଭିତରୁ ଖାଇଯାଉଥିବା ଏକ ନୀରବ ବିଷ। ସହଜରେ ଅର୍ଥ ରୋଜଗାରର ମୋହରେ ଅନେକ ଯୁବକ ଏହି ନିଶାରେ ପଡ଼ି ପରିବାରର ସୁଖ, ଶାନ୍ତି ଓ ଆର୍ଥିକ ସ୍ଥିତିକୁ ବିପର୍ଯ୍ୟସ୍ତ କରୁଛନ୍ତି। ଜୁଆକୁ କେନ୍ଦ୍ର କରି ଚୋରି, ଲୁଟ୍, ମାଡ଼ପିଟ, ଋଣଗ୍ରସ୍ତତା ଏବଂ ପାରିବାରିକ କଳହ ଭଳି ଅପରାଧ ବଢ଼ୁଥିବାରୁ ଏହା ସାମାଜିକ ସୁରକ୍ଷା ପାଇଁ ଗମ୍ଭୀର ଚ୍ୟାଲେଞ୍ଜ ପାଲଟିଛି। ପୋଲିସର ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ବେଆଇନ କାରବାରରେ ଲିପ୍ତ ବ୍ୟକ୍ତିଙ୍କ ପାଇଁ ଏକ ଶକ୍ତ ବାର୍ତ୍ତା। ତେବେ କେବଳ ପୋଲିସର ପଦକ୍ଷେପ ନୁହେଁ, ସଚେତନ ନାଗରିକଙ୍କ ସକ୍ରିୟ ସହଯୋଗ, ସମୟୋପଯୋଗୀ ସୂଚନା ଓ ସାମାଜିକ ସଚେତନତା ହିଁ ଏଭଳି ବେଆଇନ କାର୍ଯ୍ୟକଳାପକୁ ସମୂଳେ ଦମନ କରିପାରିବ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# କାହିଁ ବନ୍ଧୁତା, କାହିଁ ପ୍ରେମ ସୁନ୍ଦର..

ମଣିଷ ଜନ୍ମରୁ ଏକ ସାମାଜିକ ପ୍ରାଣୀ। ସେ ଏକା ବଞ୍ଚିପାରେ ନାହିଁ। ତା'ଙ୍କର ଜୀବନକୁ ସୁନ୍ଦର, ସାର୍ଥକ ଓ ଆନନ୍ଦମୟ କରିଥାଏ ଦୁଇଟି ଅମୂଲ୍ୟ ସମ୍ପଦ, ବନ୍ଧୁତା ଓ ପ୍ରେମ। ଧନ, ପଦ, ପ୍ରତିପତ୍ତି କିମ୍ବା ଖ୍ୟାତି ମଣିଷକୁ କ୍ଷଣିକ ସୁଖ ଦେଇପାରେ, କିନ୍ତୁ ଏକ ପ୍ରକୃତ ବନ୍ଧୁର ସାନ୍ନିଧ ଏବଂ ନିଷ୍କାମ ପ୍ରେମ ଜୀବନକୁ ଅର୍ଥପୂର୍ଣ୍ଣ କରିଦିଏ। ସେଥିପାଇଁ ଯୁଗେ ଯୁଗେ କବି, ଦାର୍ଶନିକ, ସାଧକ,ବୈଜ୍ଞାନିକ ଓ ସମାଜସଂସ୍କାରକମାନେ ବନ୍ଧୁତା ଓ ପ୍ରେମକୁ ମାନବ ସଭ୍ୟତାର ସର୍ବଶ୍ରେଷ୍ଠ ଶକ୍ତି ବୋଲି ବର୍ଣ୍ଣନା କରିଛନ୍ତି।

ବନ୍ଧୁତା ସୁନ୍ଦର, କାରଣ ସେଠାରେ ସ୍ୱାର୍ଥଠାରୁ ବିଶ୍ୱାସ ବଡ଼, ଅଧିକାରଠାରୁ ଆତ୍ମୀୟତା ବଡ଼ ଏବଂ ଶବ୍ଦଠାରୁ ନିରବ ବୁଝାପଡ଼ା ଅଧିକ ମୂଲ୍ୟବାନ। ପ୍ରକୃତ ବନ୍ଧୁ କେବଳ ଆମ ସଫଳତାରେ ଅଭିନନ୍ଦନ ଜଣାଏ ନାହିଁ, ବରଂ ବିଫଳତାରେ ସାହସ ଦିଏ, ଦୁଃଖରେ ଲୁହ ପୋଛେ ଏବଂ ବିପଦରେ ନିଜ କାନ୍ଧ ଆଗକୁ ବଢ଼ାଇ ଦିଏ। ବନ୍ଧୁତା କୌଣସି ରକ୍ତ ସମ୍ପର୍କ ନୁହେଁ, ଏହା ହୃଦୟର ସମ୍ପର୍କ। ତେଣୁ ପ୍ରକୃତ ବନ୍ଧୁ ସଂଖ୍ୟାରେ କମ୍? ହୋଇପାରନ୍ତି, କିନ୍ତୁ ମୂଲ୍ୟରେ ଅମୂଲ୍ୟ। ପ୍ରେମ ସୁନ୍ଦର, କାରଣ ଏହା ମଣିଷକୁ ନିଜ ସ୍ୱାର୍ଥର ସୀମା ଅତିକ୍ରମ କରିବାକୁ ଶିଖାଏ। ପ୍ରକୃତ ପ୍ରେମରେ ଅଧିକାର ନୁହେଁ, ଅଛି ଆଦର ସ୍ୱାର୍ଥ ନୁହେଁ, ଅଛି ସମର୍ପଣ ଅହଙ୍କାର ନୁହେଁ, ଅଛି ବିନୟ। ମାଆର ସନ୍ତାନ ପ୍ରତି ସ୍ନେହ, ଗୁରୁଙ୍କର ଶିଷ୍ୟ ପ୍ରତି ସ୍ନେହ, ଦେଶ ପ୍ରତି ଦେଶପ୍ରେମ, ପ୍ରକୃତି ପ୍ରତି ଅନୁରାଗ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି, ସବୁ ପ୍ରେମର ବିଭିନ୍ନ ପ୍ରକାଶ। ପ୍ରେମ କେବେ ବାନ୍ଧି ରଖେ ନାହିଁ, ବରଂ ମୁକ୍ତ କରେ ପ୍ରେମ କେବେ ଘୃଣା ଶିଖାଏ ନାହିଁ, ବରଂ କ୍ଷମା ଓ କରୁଣାର ପଥ ଦେଖାଏ।

ବନ୍ଧୁତା ଓ ପ୍ରେମର ପ୍ରକୃତ ପରିଚୟ ସୁଖର ଦିନରେ ନୁହେଁ, ବିପଦର ସମୟରେ ମିଳିଥାଏ। ଯିଏ କଠିନ ସମୟରେ ହାତ ଛାଡ଼ି ନ ଯାଏ, ସେହି ପ୍ରକୃତ ବନ୍ଧୁ। ଯିଏ ନିଜ ସୁଖଠାରୁ ଅନ୍ୟର ମଙ୍ଗଳକୁ ବଡ଼ ବୋଲି ଭାବେ, ସେହି ପ୍ରକୃତ ପ୍ରେମୀ। ତେଣୁ କୁହାଯାଏ, ବନ୍ଧୁତା ଓ ପ୍ରେମର ପରୀକ୍ଷା ହୁଏ ସଙ୍କଟର ମୁହୂର୍ତ୍ତରେ।

ପ୍ରକୃତି ମଧ୍ୟ ଆମକୁ ବନ୍ଧୁତା ଓ ପ୍ରେମର ପାଠ ପଢ଼ାଏ। ବୃକ୍ଷ ନିଜେ ଖରା ଓ ବର୍ଷା ସହି ଅନ୍ୟମାନଙ୍କୁ ଛାଇ ଓ ଫଳ ଦିଏ। ନଦୀ ନିଜ ଜଳକୁ ଅଟକାଇ ରଖେନାହିଁ, ସମସ୍ତଙ୍କ ଜୀବନ ପାଇଁ ପ୍ରବାହିତ କରେ। ସୂର୍ଯ୍ୟ ପ୍ରତିଦିନ ବିନା ପ୍ରତିଫଳରେ ସମଗ୍ର ପୃଥିବୀକୁ ଆଲୋକ ଓ ଶକ୍ତି ପ୍ରଦାନ କରନ୍ତି। ପ୍ରକୃତିର ଏହି ନିଷ୍କାମ ଦାନ ହିଁ ପ୍ରେମର ସର୍ବୋତ୍ତମ ଉଦାହରଣ।

ବୈଜ୍ଞାନିକ ଗବେଷଣା ମଧ୍ୟ କହୁଛି ଯେ, ସୁସ୍ଥ ବନ୍ଧୁତା ଓ ସ୍ନେହପୂର୍ଣ୍ଣ ସମ୍ପର୍କ ମାନସିକ ଚାପ କମାଏ, ଏକାକୀପଣକୁ ଦୂର କରେ, ଆତ୍ମବିଶ୍ୱାସ ବଢ଼ାଏ ଏବଂ ଦୀର୍ଘ ଓ ସୁସ୍ଥ ଜୀବନ ବିତାଇବାରେ ସହାୟକ ହୁଏ। ଯେଉଁ ବ୍ୟକ୍ତିଙ୍କ ଜୀବନରେ ଭଲ ବନ୍ଧୁ ଥାଆନ୍ତି, ସେମାନେ ମାନସିକ ଭାବେ ଅଧିକ ସୁଦୃଢ଼ ରହନ୍ତି ଏବଂ ଜୀବନର ପ୍ରତିକୂଳ ପରିସ୍ଥିତିକୁ ସହଜରେ ସାମ୍ନା କରିପାରନ୍ତି। ସେଥିପାଇଁ ବନ୍ଧୁତା କେବଳ ହୃଦୟର ବିଷୟ ନୁହେଁ, ଏହା ସୁସ୍ଥ ଜୀବନର ମଧ୍ୟ ଏକ ଆଧାର।

ଭାରତୀୟ ସଂସ୍କୃତିରେ ବନ୍ଧୁତା ଓ ପ୍ରେମର ଅସଂଖ୍ୟ ଉଦାହରଣ ରହିଛି। ଶ୍ରୀକୃଷ୍ଣ ଓ ସୁଦାମାଙ୍କ ବନ୍ଧୁତା ଆମକୁ ନିଷ୍କାମ ସଖ୍ୟର ଆଦର୍ଶ ଶିଖାଏ। ଶ୍ରୀରାମ ଓ ହନୁମାନଙ୍କ ସମ୍ପର୍କ ଭକ୍ତି, ବିଶ୍ୱାସ ଓ ସମର୍ପଣର ଅଦ୍ୱିତୀୟ ଉଦାହରଣ। ଆମ ସାହିତ୍ୟ, ସଙ୍ଗୀତ, ଚିତ୍ରକଳା ଓ ଲୋକକଥାରେ ମଧ୍ୟ ବନ୍ଧୁତା ଓ ପ୍ରେମର ମହିମା ଅକ୍ଷୟ ହୋଇ ରହିଛି। ଓଡ଼ିଆଙ୍କର ଚଳନ୍ତି ଦିଅଁ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଜଣେ ଆରାଧ୍ୟ ଦେବତା ନୁହନ୍ତି, ସେ ବନ୍ଧୁତା, ପ୍ରେମ, ସାମ୍ୟ ଓ ମାନବତାର ମଧ୍ୟ ଅନନ୍ୟ ପ୍ରତୀକ। ସେ ଭକ୍ତଙ୍କ ସହ ସଖାର ପରି ମିଶିଯାଆନ୍ତି, ଦୁଃଖରେ ସାଥୀ ହୁଅନ୍ତି ଏବଂ ସମସ୍ତଙ୍କୁ ନିଜର ବୋଲି ଆପଣାଇ ନିଅନ୍ତି। ଜାତି, ବର୍ଣ୍ଣ, ଧନୀ, ଦରିଦ୍ରର କୌଣସି ଭେଦଭାବ ତାଙ୍କ ପାଖରେ ନାହିଁ। ରଥଯାତ୍ରା ସମୟରେ ସେ ମନ୍ଦିରରୁ ବାହାରି ଆସି ସମସ୍ତଙ୍କ ନିକଟକୁ ଯାଆନ୍ତି। ଏହି ଲୀଳା କେବଳ ଧାର୍ମିକ ପରମ୍ପରା ନୁହେଁ, ଏହା ସମାନତା, ଆତ୍ମୀୟତା ଓ ସର୍ବଜନୀନ ବନ୍ଧୁତାର ଏକ ଚିରନ୍ତନ ବାର୍ତ୍ତା। ମହାପ୍ରଭୁଙ୍କ ଏହି ସଖାଭାବ ଆଜି ମଧ୍ୟ ପ୍ରତ୍ୟେକ ବନ୍ଧୁପ୍ରାଣ ମଣିଷଙ୍କୁ ନିଷ୍କାମ ପ୍ରେମ, ସେବା, ସହାନୁଭୂତି ଓ ମାନବତାର ପଥରେ ଅନୁପ୍ରାଣିତ କରୁଛି।

ବନ୍ଧୁତା ଓ ପ୍ରେମ କେବଳ ବ୍ୟକ୍ତିଗତ ସମ୍ପର୍କରେ ସୀମିତ ନୁହେଁ। ଏହା ପରିବାରକୁ ଏକତ୍ର ରଖେ, ସମାଜରେ ସମ୍ପ୍ରୀତି ସୃଷ୍ଟି କରେ, ଜାତିକୁ ସଶକ୍ତ କରେ ଏବଂ ବିଶ୍ୱଶାନ୍ତିର ଭିତ୍ତି ସ୍ଥାପନ କରେ। ଯେଉଁଠାରେ ପ୍ରେମ ରହିଥାଏ, ସେଠାରେ ହିଂସା, ଘୃଣା ଓ ବିଭେଦର ସ୍ଥାନ ରହେ ନାହିଁ। ଯେଉଁଠାରେ ବନ୍ଧୁତା ରହେ, ସେଠାରେ ସହଯୋଗ, ସହାନୁଭୂତି ଓ ପରସ୍ପର ପ୍ରତି ସମ୍ମାନ ସ୍ୱାଭାବିକ ଭାବେ ବିକଶିତ ହୁଏ। ତେଣୁ ବନ୍ଧୁତା ଓ ପ୍ରେମ କେବଳ ବ୍ୟକ୍ତିର ସୁଖର କାରଣ ନୁହେଁ, ବରଂ ଏକ ସୁସ୍ଥ, ସଭ୍ୟ ଓ ଶାନ୍ତିପୂର୍ଣ୍ଣ ସମାଜ ଗଠନର ମୂଳଦୁଆ ଅଟେ।

ଆଜିର ଡିଜିଟାଲ ଯୁଗରେ ଯୋଗାଯୋଗର ମାଧ୍ୟମ ବହୁଗୁଣ ବଢ଼ିଛି, କିନ୍ତୁ ହୃଦୟର ଦୂରତା ମଧ୍ୟ ବଢ଼ୁଛି। ସୋସିଆଲ ମିଡିଆରେ ହଜାର ହଜାର ପରିଚିତ ଥାଇପାରନ୍ତି, କିନ୍ତୁ ବିପଦରେ ପାଖରେ ଠିଆ ହେଉଥିବା ପ୍ରକୃତ ବନ୍ଧୁ ଅତ୍ୟନ୍ତ ଦୁର୍ଲଭ। ତେଣୁ ସମୟ ଦେବା, ପରସ୍ପରକୁ ଶୁଣିବା, ବୁଝିବା, କ୍ଷମା କରିବା ଏବଂ ସମ୍ମାନ ଦେବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା। ପ୍ରଯୁକ୍ତି ସମ୍ପର୍କର ମାଧ୍ୟମ ହୋଇପାରେ, କିନ୍ତୁ ସମ୍ପର୍କର ବିକଳ୍ପ କେବେ ହୋଇପାରିବ ନାହିଁ।

ଶେଷରେ କୁହାଯାଇପାରେ, ବନ୍ଧୁତା ଜୀବନକୁ ସାହସ ଦିଏ, ପ୍ରେମ ଜୀବନକୁ ଅର୍ଥ ଦିଏ। ବନ୍ଧୁତା ଆମକୁ ଏକାକୀତ୍ୱରୁ ମୁକ୍ତି ଦିଏ, ପ୍ରେମ ଆମକୁ ମାନବିକତାର ଶିଖରରେ ପହଞ୍ଚାଏ। ଆଜିର ବିଭାଜିତ, ବ୍ୟସ୍ତ ଓ ପ୍ରତିଯୋଗିତାମୂଳକ ସମାଜରେ ଏହି ଦୁଇଟି ମୂଲ୍ୟବୋଧର ପ୍ରାସଙ୍ଗିକତା ପୂର୍ବ ଅପେକ୍ଷା ଅଧିକ। ଯଦି ଆମେ ନିଜ ଜୀବନରେ ସତ୍ୟ ବନ୍ଧୁତା, ନିଷ୍କାମ ପ୍ରେମ, ସହାନୁଭୂତି ଓ ପରସ୍ପର ପ୍ରତି ସମ୍ମାନକୁ ସ୍ଥାନ ଦେଇପାରିବା, ତେବେ କେବଳ ଆମର ବ୍ୟକ୍ତିଗତ ଜୀବନ ନୁହେଁ, ପରିବାର, ସମାଜ ଓ ସମଗ୍ର ମାନବ ସଭ୍ୟତା ଅଧିକ ସୁନ୍ଦର, ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ହୋଇଉଠିବ। ଏହି କାରଣରୁ ବନ୍ଧୁତା ଓ ପ୍ରେମ କେବଳ ଦୁଇଟି ଶବ୍ଦ ନୁହେଁ, ଏହା ମାନବତାର ଚିରନ୍ତନ ପରିଚୟ ଏବଂ ଏକ ସୁନ୍ଦର ପୃଥିବୀ ଗଢ଼ିବାର ସର୍ବଶ୍ରେଷ୍ଠ ଶକ୍ତି।

**ଡ଼. ସୀମାନ୍ତ କୁମାର ନନ୍ଦ**
**ଭୁବନେଶ୍ୱର**

# ଗୁରୁ ପୂର୍ଣ୍ଣିମା : ଜ୍ଞାନ, ସାଧନା ଓ ଆତ୍ମୋନ୍ନତିର ଦିବ୍ୟ ପର୍ବ

ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ପରମ୍ପରାରେ ଗୁରୁଙ୍କ ସ୍ଥାନ ସର୍ବୋଚ୍ଚ। ଗୁରୁ କେବଳ ଶିକ୍ଷା ପ୍ରଦାନକାରୀ ନୁହଁନ୍ତି ସେ ଅଜ୍ଞାନର ଅନ୍ଧକାରରୁ ଜ୍ଞାନର ଆଲୋକ ଆଡ଼କୁ ନେଇଯାଉଥିବା ଦିବ୍ୟ ପଥପ୍ରଦର୍ଶକ। ଆଷାଢ଼ ମାସର ପବିତ୍ର ପୂର୍ଣ୍ଣିମା ତିଥିକୁ ପାଳନ କରାଯାଉଥିବା ଗୁରୁ ପୂର୍ଣ୍ଣିମା ବା ବ୍ୟାସ ପୂର୍ଣ୍ଣିମା ଏହି ଗୁରୁ-ଶିଷ୍ୟ ପରମ୍ପରାର ଏକ ମହାନ ଉତ୍ସବ। ଏହା କେବଳ ଧାର୍ମିକ ଆଚାର ନୁହେଁ, ବରଂ କୃତଜ୍ଞତା, ଜ୍ଞାନ, ଭକ୍ତି ଓ ଆତ୍ମୋନ୍ନତିର ଏକ ଅନନ୍ୟ ସାଧନା।

'ଗୁରୁ' ଶବ୍ଦର ଅର୍ଥ ହେଉଛି'ଗୁ' ଅର୍ଥାତ୍ ଅନ୍ଧକାର ଏବଂ 'ରୁ' ଅର୍ଥାତ୍ ତାହାର ନିବାରକ। ଅର୍ଥାତ୍ ଯିଏ ଅଜ୍ଞାନରୂପୀ ଅନ୍ଧକାରକୁ ଦୂର କରି ଜ୍ଞାନରୂପୀ ଆଲୋକ ପ୍ରଦାନ କରନ୍ତି, ସେହି ହେଉଛନ୍ତି ଗୁରୁ। ଭାରତୀୟ ଦର୍ଶନରେ ଗୁରୁଙ୍କୁ ଈଶ୍ୱରଙ୍କ ସମକକ୍ଷ ସ୍ଥାନ ଦିଆଯାଇଛି। ଏହି ଭାବନା ପ୍ରସିଦ୍ଧ ଶ୍ଳୋକରେ ପ୍ରତିଫଳିତ ହୋଇଛି:ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବୋ ମହେଶ୍ୱରଃ।

ଗୁରୁଃ ସାକ୍ଷାତ୍ ପରବ୍ରହ୍ମ, ତସ୍ମୈ ଶ୍ରୀଗୁରବେ ନମଃ।।

ଅର୍ଥାତ୍ ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସ୍ୱରୂପ, ଏବଂ ସେ ପରବ୍ରହ୍ମଙ୍କ ପ୍ରତ୍ୟକ୍ଷ ପ୍ରତିନିଧି।

ଗୁରୁ ପୂର୍ଣ୍ଣିମାକୁ ''ବ୍ୟାସ ପୂର୍ଣ୍ଣିମା'' କୁହାଯାଏ



କାରଣ ଏହି ଦିନ ମହର୍ଷି ବେଦବ୍ୟାସଙ୍କ ଆବିର୍ଭାବ ଘଟିଥିବା ବିଶ୍ୱାସ କରାଯାଏ। ବ୍ୟାସଦେବ ଭାରତୀୟ ଜ୍ଞାନ ପରମ୍ପରାର ଏକ ଉଜ୍ଜ୍ୱଳ ନକ୍ଷତ୍ର।ସେ ଚାରି ବେଦକୁ ସଂକଳନ ଓ ବିଭାଜନ କରିଥିଲେ, ଯାହା ଫଳରେ ବେଦର ଅମୂଲ୍ୟ ଜ୍ଞାନ ସାଧାରଣ ଲୋକଙ୍କ ପାଇଁ ଅଧିକ ସହଜ ଓ ବୋଧଗମ୍ୟ ହୋଇପାରିଥିଲା।

ତାଙ୍କ ରଚିତ 'ମହାଭାରତ' କେବଳ ଏକ ମହାକାବ୍ୟ ନୁହେଁ, ବରଂ ଧର୍ମ, ନୀତି ଓ ଜୀବନଦର୍ଶନର ଏକ ମହାଗ୍ରନ୍ଥ। 'ଶ୍ରୀମଦ୍ ଭାଗବତ', 'ବ୍ରହ୍ମସୂତ୍ର' ଓ ଅଠରଟି ପୁରାଣ ମାଧ୍ୟମରେ ସେ ଭାରତୀୟ ଆଧ୍ୟାତ୍ମିକତାକୁ ଏକ ସୁଦୃଢ଼ ଭିତ୍ତି ପ୍ରଦାନ କରିଥିଲେ। ସେଥିପାଇଁ ତାଙ୍କୁ ''ଜଗତଗୁରୁ'' ଭାବେ ସମ୍ମାନ ଦିଆଯାଏ।

ପୌରାଣିକ କଥା ଅନୁସାରେ ମହର୍ଷି ପରାଶର ଓ ସତ୍ୟବତୀଙ୍କ ଔରସରୁ ବ୍ୟାସଦେବଙ୍କ ଜନ୍ମ ହୋଇଥିଲା। ଜନ୍ମ ପରେ ସେ କଠୋର ତପସ୍ୟା ଓ ସାଧନାରେ ନିୟୋଜିତ ହୋଇ ମାନବଜାତି ପାଇଁ ଜ୍ଞାନର ଏକ ଅମୂଲ୍ୟ ଭଣ୍ଡାର ଛାଡ଼ିଯାଇଥିଲେ। ତାଙ୍କ ସ୍ମୃତିରେ ଏହି ପୂର୍ଣ୍ଣିମା ତିଥି ପାଳିତ ହୁଏ।

ଗୁରୁ ପୂର୍ଣ୍ଣିମା ସହ ଜଡ଼ିତ ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଘଟଣା ବୌଦ୍ଧ ପରମ୍ପରାରେ ଦେଖାଯାଏ। ଗୌତମ ବୁଦ୍ଧ ବୋଧଗୟାରେ ଜ୍ଞାନଲାଭ କରିବା ପରେ ଏହି ପୂର୍ଣ୍ଣିମା ଦିନ ସାରନାଥରେ ତାଙ୍କ ପାଞ୍ଚ ଶିଷ୍ୟଙ୍କୁ ପ୍ରଥମ ଧର୍ମୋପଦେଶ ପ୍ରଦାନ କରିଥିଲେ। ଏହାକୁ ''ଧର୍ମଚକ୍ର ପ୍ରବର୍ତ୍ତନ'' ବୋଲି କୁହାଯାଏ। ସେହିପରି ଜୈନ ପରମ୍ପରାରେ ମଧ୍ୟ ଏହି ଦିନର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି।

ଭାରତର ପ୍ରାଚୀନ ଗୁରୁକୁଳ ପରମ୍ପରାରେ ଗୁରୁ ପୂର୍ଣ୍ଣିମା ଏକ ବିଶେଷ ଦିନ ଥିଲା। ଏହି ଦିନ ଶିଷ୍ୟମାନେ ନିଜ ଗୁରୁଙ୍କ ଚରଣରେ ପୁଷ୍ପ, ଫଳ ଓ ଦକ୍ଷିଣା ଅର୍ପଣ କରି ଆଶୀର୍ବାଦ ଗ୍ରହଣ କରୁଥିଲେ। ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଥିବା ଏହି ଆଧ୍ୟାତ୍ମିକ ସମ୍ପର୍କ କେବଳ ଶିକ୍ଷାଦାନରେ ସୀମିତ ନଥିଲା ଏହା ଜୀବନ ଗଠନ ଓ ଚରିତ୍ର ନିର୍ମାଣର ଏକ ପବିତ୍ର ବନ୍ଧନ ଥିଲା। ମହାଭାରତର ଏକଲବ୍ୟଙ୍କ କାହାଣୀ ଗୁରୁଭକ୍ତିର ଏକ ଅନନ୍ୟ ଉଦାହରଣ। ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପ୍ରତି ତାଙ୍କର ଅପାର ଶ୍ରଦ୍ଧା ଓ ସମର୍ପଣ ଆଜି ମଧ୍ୟ ଆଦର୍ଶ ଭାବେ ବିବେଚିତ ହୁଏ।

ଆଧ୍ୟାତ୍ମିକ ଦୃଷ୍ଟିରୁ ଗୁରୁ ପୂର୍ଣ୍ଣିମା ହେଉଛି ଆତ୍ମସମୀକ୍ଷା ଓ ଆତ୍ମଶୁଦ୍ଧିର ଦିନ। ଏହି ଦିନ ଅନେକ ସାଧକ ଜପ, ତପ, ଧ୍ୟାନ ଓ ସ୍ୱାଧ୍ୟାୟରେ ନିୟୋଜିତ ରହନ୍ତି। ଆଶ୍ରମ ଓ ମଠମାନଙ୍କରେ ଗୁରୁ ପୂଜା, ଭାଗବତ ପାଠ, ସତ୍ସଙ୍ଗ ଓ ଧାର୍ମିକ ଆଲୋଚନାର ଆୟୋଜନ କରାଯାଏ। ଶିଷ୍ୟମାନେ ନିଜ ଗୁରୁଙ୍କ ଆଦର୍ଶ ଅନୁସରଣ କରିବାକୁ ସଙ୍କଳ୍ପ ନେଇଥାନ୍ତି।

ଆଜିର ଯୁଗରେ ଗୁରୁଙ୍କ ଅର୍ଥ କେବଳ ଆଧ୍ୟାତ୍ମିକ ଶିକ୍ଷକ ନୁହେଁ। ପିତା-ମାତା, ବିଦ୍ୟାଳୟର ଶିକ୍ଷକ, ସମାଜର ପଥପ୍ରଦର୍ଶକ, ମହାପୁରୁଷ ଓ ଜୀବନରୁ ମିଳୁଥିବା ଅନୁଭବ ମଧ୍ୟ ଆମର ଗୁରୁ ହୋଇପାରନ୍ତି। ଯିଏ ଆମକୁ ସତ୍ୟ, ନୀତି ଓ ମାନବିକତାର ପଥ ଦେଖାନ୍ତି, ସେହି ପ୍ରକୃତ ଗୁରୁ।

ଗୁରୁ ପୂର୍ଣ୍ଣିମା ଆମକୁ ଶିଖାଏ ଯେ ଜ୍ଞାନ ବିନା ଜୀବନ ଅପୂର୍ଣ୍ଣ ଏବଂ ଗୁରୁ ବିନା ଜ୍ଞାନର ପ୍ରକୃତ ଉପଲବ୍ଧି ସମ୍ଭବ ନୁହେଁ। ଏହି ପବିତ୍ର ଦିବସ ଆମକୁ ନମ୍ରତା, କୃତଜ୍ଞତା, ଶୃଙ୍ଖଳା ଓ ଆତ୍ମୋନ୍ନତିର ବାର୍ତ୍ତା ପ୍ରଦାନ କରେ। ଅତଏବ, ଗୁରୁ ପୂର୍ଣ୍ଣିମା କେବଳ ଏକ ତିଥି ନୁହେଁ ଏହା ଭାରତୀୟ ଆଧ୍ୟାତ୍ମିକ ଚେତନାର ଏକ ଜୀବନ୍ତ ପ୍ରତୀକ, ଯାହା ମଣିଷକୁ ଜ୍ଞାନ, ଭକ୍ତି ଓ ମୁକ୍ତିର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦେଇଆସୁଛି।

**ସିତାଂଶୁ ଶେଖର ମିଶ୍ର**
**ଶାନ୍ତି ନଗର,ସୋନପୁର**

# ନୀଳାଚଳ ଶ୍ରୀପୁରୁଷୋତ୍ତମ ନାମର ମହତ୍ତ୍ୱ

ପାବନ ଭାରତ ଭୂମିର ଚାରିଧାମ ମଧ୍ୟରୁ ଶ୍ରେଷ୍ଠୋତ୍ତମ ଧାମ ହେଉଛି ପବିତ୍ର ନୀଳାଚଳ । ଏଠାରେ ରହିଛି ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀମନ୍ଦିର। ଏହି ବଡ଼ଦେଉଳର ରତ୍ନବେଦୀରେ ବିରାଜିତ ହୋଇଛନ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତ ଶ୍ରୀସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁ କେବଳ ନୀଳାଚଳର ନାଥ ନୁହଁନ୍ତି, ବରଂ ସେ ସାରା ଜଗତର ନାଥ । ତେଣୁ ଶାସ୍ତ୍ରରେ କୁହାଯାଇଛି:

ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ।
ବଳଭଦ୍ର ସୁଭଦ୍ରାଭ୍ୟାମ୍? ଜଗନ୍ନାଥାୟ ତେ ନମଃ।।

ସେ ହେଉଛନ୍ତି ପୂର୍ଣ୍ଣ ଦାରୁବ୍ରହ୍ମ ବିଗ୍ରହ କାଳିଆ ସାଆନ୍ତ । ମାହାବାହୁ ପବିତ୍ର ନୀଳାଚଳ ଧାମରେ ବିରାଜମାନ କରିଥିବାରୁ ତାଙ୍କୁ ନୀଳାଚଳନାଥ ଏବଂ ସେ ସମସ୍ତ ପୁରୁଷଙ୍କ ମଧ୍ୟରେ ଶ୍ରେଷ୍ଠ ହୋଇଥିବା ଯୋଗୁଁ ଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ କୁହାଯାଏ। ଯାହା ଉଭୟ ନାମର ବିଶେଷତ୍ତ୍ୱ।

ଉପରୋକ୍ତ ଦୁଇଟି ନାମର ବିଶେଷତ୍ତ୍ୱକୁ ଯଦି ବିଶ୍ଳେଷଣ କରାଯାଏ, ତେବେ ଆମେ ବୁଝି ପାରିପାରିବା ଯେ, ଏହାର ପଛରେ କଣ ମହତ୍ ଦିଗ ରହିଛି ? ଉଭୟ ପଦ ଭିତରୁ ନୀଳାଚଳ ପଦଟି ଦୁଇଗୋଟି ଶବ୍ଦକୁ ନେଇ ଗଠିତ ହୋଇଛି। ଯଥା: ନୀଳ ଓ ଅଚଳ। ନୀଳର ସାଧାରଣ ଅର୍ଥ ବର୍ଣ୍ଣ ବା ରଙ୍ଗରି ଶେଷ ଏବଂ ଅଞ୍ଚଳର ଅର୍ଥ ହେଉଛି ପର୍ବତ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ସ୍ଥାନଟି ପୂର୍ବରୁ ଏକ ନୀଳ ରଙ୍ଗର ସ୍ୱଳ୍ପ ଉଚ୍ଚ ସମ୍ପନ୍ନ ପାହାଡ଼ଟିଏ ଥିଲା । ଯେଉଁଠି ଭଗବାନ ବିଷ୍ଣୁ ନୀଳମାଧବ ରୂପରେ ପୂଜା ପାଉଥିଲେ । ସେଥିପାଇଁ ଜଗନ୍ନାଥଙ୍କୁ ନୀଳାଚଳନାଥ ବା ନୀଳାଦ୍ରିନାଥ କୁହାଯାଏ । ଅପରପକ୍ଷରେ ଯଦି ନୀଳ ଓ ଅଚଳ ଶବ୍ଦର ବିପୃତି କରାଯାଏ ତେବେ ଏହାର ଯଥାର୍ଥତା ବୁଝି ପାରିବା। ଏହି ନୀଳ ଶବ୍ଦର ଅନେକ ଗୁଡ଼ିଏ ବିପୃତି ରହିଛି ସେଥିମଧ୍ୟରୁ ଗୋଟିଏ ହେଉଛି: ନିଲୀୟନ୍ତେ ବର୍ଣ୍ଣାଃ ଅସ୍ମିନ୍? ଇତି ନୀଳଃ। ଅର୍ଥାତ୍? ଯେଉଁ ରଙ୍ଗରେ ସମସ୍ତ ରଙ୍ଗ ମିଶିଗଲେ ବା ଲୀନ ହୋଇଗଲେ, ନିଜ ନିଜର ବର୍ଣ୍ଣ ସ୍ୱତନ୍ତ୍ରତା ହରାଇ ଗୋଟିଏ ହିଁ ନୀଳ ରଙ୍ଗରେ ରୂପାନ୍ତରିତ ହୋଇଥାନ୍ତି । ଯଦି ଏହାର ତାତ୍ତ୍ୱିକ ଅର୍ଥ ଦେଖାଯାଏ ତେବେ, ମହାପ୍ରଭୁ ସମସ୍ତ ଉଚ୍ଚ – ନୀଚ, ଧନୀ – ଦରିଦ୍ର, ଜାତି – ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସଭିଙ୍କୁ ଆପଣେଇ ନେଇ ଅହେତୁକ କୃପା କରିଥାନ୍ତି। ଉକ୍ତ ସ୍ଥାନରେ ସବୁ ସମ୍ପ୍ରଦାୟର ବ୍ୟକ୍ତି ଶେଷ ଏକ ଚେତନାରେ ଏକାକାର ହୋଇ ନିଜର ଅସ୍ତିତ୍ୱକୁ ହରାଇ ଥାନ୍ତି। ସେଭଳି ଅଚଳର ବିପୃତି: ନ ଚଳତି ଇତି ଅଚଳଃ। ଅର୍ଥାତ୍? ଯେଉଁ ପଦାର୍ଥର ଗମନ ବା ପରିବର୍ତ୍ତନ ନଥାଏ। ଯେ ଶାଶ୍ୱତ, ଅପରିବର୍ତ୍ତନୀୟ ଓ ସତ୍? ସ୍ୱରୂପର ନିଦର୍ଶନ। ତେଣୁ ଏହି ସତ୍ୟକୁ ଶାସ୍ତ୍ରରେ କୁହାଯାଇଛି ଯେ ତ୍ରିକାଳାବାଧ ରହିତମ୍? ସତ୍ୟମ୍। ଅତଃ ଦାରୁବ୍ରହ୍ମଙ୍କୁ ନିତ୍ୟଃ ସର୍ବଗତଃ ସ୍ଥାଣୁଃ ଅଚୋଳଦ୍ଧୟଂ ସନାତନଃ ବୋଲି କୁହାଯାଏ। ସେପରି ଆମ ଓଡ଼ିଆରେ ଏକ ପ୍ରବାଦ ରହିଛି ଜଗନ୍ନାଥ ଅଚଳ ମହାମେରୁ। ଏହି ଅଚଳ ଭାବବିନୋଦିଆଙ୍କ ଭାବରେ ଯେବେ ଏ ଜୀବ ଥରେ ବୁଡ଼ିଯାଏ, ତେବେ ସେ ନିଜର ସତ୍ତାକୁ ହରାଇବସେ। ଏଣୁ ଏପରି ବିଶେଷ ମହତ୍ ଥିବାରୁ ନୀଳଶ୍ଚାସୌ ଅଚଳଶ୍ଚେତି ନୀଳାଚଳଃ ବୋଲି କୁହାଯାଇଛି।

ମହାପ୍ରଭୁଙ୍କ ନାମ ଓ ଧାମ (କ୍ଷେତ୍ର) ହେଉଛି ଶ୍ରୀପୁରୁଷୋତ୍ତମ । ଏହାର ଦୃଷ୍ଟାନ୍ତ କପିଳ ସଂହିତାରେ ଦେଖିବାକୁ ମିଳେ:

ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।
ସର୍ବେଷାଂ ସର୍ବ ଦେବାନାମ ରାଜା ଶ୍ରୀପୁରୁଷୋତ୍ତମଃ ।।

ଅର୍ଥାତ୍ ସମସ୍ତ ତୀର୍ଥକ୍ଷେତ୍ର ମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି ଏବଂ ସର୍ବ ଦେବାଦେବୀଙ୍କ ଭିତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ ରୂପରେ ମଧ୍ୟ ବର୍ଣ୍ଣନା କରାଯାଇଛି।ଏହି ଶ୍ରୀପୁରୁଷୋତ୍ତମ ପଦଟି ତିନୋଟି ଶବ୍ଦକୁ ନେଇ ଗଠିତ, ଯଥା: ଶ୍ରୀ, ପୁରୁଷ ଓ ଉତ୍ତମ। ଶ୍ରୀ ଶବ୍ଦର ସଂସ୍କୃତ ବିପୃତି ଶ୍ରୟତୀତି, ଅର୍ଥାତ୍ ଯେ ଶରଣ ଦିଏ ବା ଯାହାଙ୍କ ପାଖରେ ଲକ୍ଷ୍ମୀ, ଶୋଭା, ଆଭା,କୀର୍ତ୍ତି, ଐଶ୍ୱର୍ଯ୍ୟ, ମତି,ବିଦ୍ୟା ଓ ବିଭୂତ୍ୟାଦି ପୂର୍ଣ୍ଣ ରୂପେ ରହିଅଛି । ତାଙ୍କୁ ଶ୍ରୀପତି ବୋଲି କୁହାଯାଏ। ସେଭଳି ପୁରୁଷର ବିପୃତି ପୂର୍ଷୁ ବସତି ଇତି ପୁରୁଷଃ। ଏ ବିଷୟରେ ଶ୍ରୀମଦ୍ଭଗବଦ୍ ଗୀତା ଏବଂ ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି ଯେ, ସେହି ଏକ ପରମାତ୍ମା ସମସ୍ତ ପୁରି ଅର୍ଥାତ୍ ସବୁ ଜୀବଙ୍କ ଅନ୍ତରେ ସମଭାବେ ବାସ କରିଛନ୍ତି। ଅନ୍ୟ ଶେଷ ଶବ୍ଦଟି ହେଉଛି ଉତ୍ତମଃ: ଯେ ଅତିଶୟେନ ଉତ୍କୃଷ୍ଟଃ।

ଉପରୋକ୍ତ ଶ୍ରୀପୁରୁଷୋତ୍ତମ ନାମର ବିପୃତିରୁ ଜଣାଯାଏ ଯେ, ମହାପ୍ରଭୁ ହେଉଛନ୍ତି ପୂର୍ଣ୍ଣ ପରଂବ୍ରହ୍ମ । ସେ ସର୍ବ ଶକ୍ତିମାନ ତଥା ସେବ୍ୟ, ପୂଜନୀୟ ଏବଂ ଭଜନୀୟ । କିନ୍ତୁ ଏ ଜୀବ ହେଉଛି ସେବକ। ଯେ ତାଙ୍କୁ ପୂଜା, ସେବା ଓ ଭଜନ ମଧ୍ୟ କରିଥାଏ। କାରଣ ସେ ହେଉଛନ୍ତି ଈଶ୍ୱର ଏବଂ ମଣିଷ ନଶ୍ୱର ତଥା ଅଶୁଚିତ୍ତ, ଅଳ୍ପଜ୍ଞ ଏବଂ ମାୟାର ଅଧୀନ। କିନ୍ତୁ ମହାପ୍ରଭୁ ବିଭୁଚିତ୍ତ ତଥା ସର୍ବଜ୍ଞ ଓ ମାୟାଧୀଶ। ଯେ ଶକ୍ତି ସ୍ୱରୂପା ମା ଜଗତଜନନୀ ଶ୍ରୀ (ମାୟା) ଙ୍କୁ ଅଭିନ୍ନ ରୂପେ ଧାରଣ କରିଛନ୍ତି। ତେଣୁ ଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ କୁହାଯାଏ । ଯିଏ ଧର୍ମ, ଅର୍ଥ, କାମ ଓ ମୋକ୍ଷାଦି ଚତୁର୍ବର୍ଗର ଫଳ ପ୍ରଦାନକାରୀ। ଏହି ମଣିମାଙ୍କୁ ଯେ ଯାହା ମାଗୁଣି କରେ ତାକୁ ତାହା ଦେଇଥାନ୍ତି। ତେଣୁ ବ୍ରହ୍ମପୁରାଣରେ କୁହା ଯାଇଛି:

ଆସ୍ତେ ତତ୍ର ସ୍ୱୟଂ ଦେବୋ ମୁକ୍ତିଦଃ ପୁରୁଷୋତ୍ତମଃ ।
ଧନ୍ୟାସ୍ତେ ବିବୁଧପ୍ରେକ୍ଷ୍ୟା ଯେ ବସନ୍ତ୍ୟୁତ୍କୂଳେ ନରଃ ।।

ଏହାର ଅର୍ଥ ହେଉଛି: ପୁରୁଷୋତ୍ତମ ଧାମରେ ସାକ୍ଷାତ ନାରାୟଣ ପୁରୁଷୋତ୍ତମ ରୂପରେ ବିରାଜମାନ କରିଛନ୍ତି। ତାଙ୍କୁ ମୁକ୍ତିଦଃ ବୋଲି ମଧ୍ୟ କୁହାଯାଏ । ଏହି ପୁରୁଷୋତ୍ତମ ଧାମରେ ମନୁଷ୍ୟ ମୃତ୍ୟୁବରଣ କଲେ ବୈକୁଣ୍ଠକୁ ପ୍ରାପ୍ତି କରିଥାଏ ଏବଂ ଏ ଧାମର କୂଳରେ ଯେ ବାସ କରନ୍ତି, ସେମାନେ ଅତ୍ୟନ୍ତ ଭାଗ୍ୟଶାଳୀ ଅଟନ୍ତି। କାରଣ ଏଠାକାର ବାୟୁରେ ମଧ୍ୟ ଭକ୍ତିର ସୁଗନ୍ଧ ଭରିରହିଛି। ଅତଃ ଏହି ଭୂମିରେ ବାସ କରିବା ଏବଂ ପ୍ରଭୁଙ୍କୁ ଦର୍ଶନ କରିବା ବଡ଼ ସୌଭାଗ୍ୟର ବିଷୟ।

**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
**ଦର୍ଶନ ଅଧ୍ୟାପକ , ଡଃ. ଘନଶ୍ୟାମ ମିଶ୍ର**
**ସଂସ୍କୃତ ମହାବିଦ୍ୟାଳୟ ,**
**କବିସୂର୍ଯ୍ୟ ନଗର ।**

# ନିୟତିର ଆଖିଠାର

ପ୍ରକୃତି ଆଜି କ୍ଷୟ ଅଭିମୁଖେ । ଯେତେ ସରଂକ୍ଷଣ କଲେ କଣ ହେବ ସବୁକିଛି କ୍ଷୟ ଅଭିମୁଖେ । ନଚେତ ଋତୁରେ ଅନିୟମିତତା, ଝଡ଼, ବର୍ଷା, ବାତ୍ୟା, ବନ୍ୟା, ମରୁଡି ସହ ସୁନାମୀ ଓ ଦୈବ ଦୁର୍ବିପାକ ହେଉନଥାନ୍ତା ଏତେ । ତେବେ ଯୋଉ ଶୁଣା ଯାଉଛି ତଥା ଆଲୋଚନା ହେଉଛି ଯେ ମଣିଷ ପାଇଁ ସବୁ କିଛି ଅବକ୍ଷୟ ହେଉଛି ତାହା କେତେକାଂଶରେ ସତ ହେଉଛି ସତ ଯେମିତିକି ଜଙ୍ଗଲ କଟା, ଗଛ ନଲଗେଇବା ବରଂ ଗଛ ହାଣି ସେ ସ୍ଥାନରେ କଂକ୍ରିଟ ଘର ବା ସହର ଗଢିବା, ପାଣିର ଦେଖିଚାହିଁ ବ୍ୟବହାର ନକରିବା ଓ ଗଡିଆ ପୁଷ୍କରିଣୀ ଜଳ କୁ ଅପରିଷ୍କାଏ କରିବା ଇତ୍ୟାଦି ଗୁଣ ଗୁଡିକ ଦୃଷ୍ଟି ଗୋଚର ହୁଏ ମଣିଷର । ପୁଣି ପର ଝିଅ ବୋହୁଙ୍କ ପ୍ରତି ଦୁଷ୍କର୍ମ ପରି ଅମାନବୀୟ କାଣ୍ଡ କାରଖାନାରେ ଆଜି ଖବର କାଗଜ ପୃଷ୍ଠା ସବୁ ସମୃଦ୍ଧ ଏବଂ ସତ ମଧ୍ୟ । ତଥାପି ଏଇ ମଣିଷମାନଙ୍କ ପାଇଁ କେତେ କେତେ ଐଶ୍ୱର୍ଗିକ ଭାବନା ନିହିତ ଜାନି ଜାତ, ତୀର୍ଥ, ସଂକୀର୍ତ୍ତନ, ପର୍ବ ପାଳନ ନହୁଏ ବୋଲି କିଏ କହିବ!ଦୋଳ ପୂର୍ଣ୍ଣମୀରେ ଠାକୁରଙ୍କ ଦୋଳ କାନ୍ଧେଇ ସାଇ ସାଇ ବୁଲିବା ହେଉ ଝୁଲଣ ଜାତ ହେଉ ଅବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ଠାକୁରଙ୍କ ପହଣ୍ଡି କରିବା, ରଥ ଉପରେ ଚତୁର୍ଦ୍ଧାଙ୍କୁ ଚାରମାଳ ଦେଇ ଆଣି ରଥାରୁଢ଼ କରିବା ପରି ଅନେକ ଐଶ୍ୱର୍ଗିକ କାର୍ଯ୍ୟ ଏଇ ମଣିଷଙ୍କ ଦ୍ୱାରା ସମାପନ ହୁଏ,ତଥାପି ଭଗବାନ ମଣିଷ ରୂପୀ ଏ ପୁରୁଷ ଓ ସ୍ତ୍ରୀ ଜାତି ପ୍ରତି ଏତେ ନିର୍ଦ୍ଦୟ କାହିଁକି କେଜାଣି!ସ୍ତ୍ରୀ ଲୋକମାନେ ଲକ୍ଷ୍ମୀ ପୂଜା କରି ମାଣ ବସାଉଛନ୍ତି ବଳରାମ ଦାସ ଲିଖିତ ଲକ୍ଷ୍ମୀ ପୁରାଣ ବୋଲି ଜନଜାତିଙ୍କୁ ଜାଗ୍ରତ କରୁଛନ୍ତି ପୁଣି ପ୍ରତ୍ୟେକ ନାରୀ ମାଆ ହୋଇ ଗର୍ଭବେଦନା ସହ୍ୟ କରି କନ୍ୟା ଓ ପୁତ୍ର ସନ୍ତାନ ପ୍ରସବ କରି ଦେଶ ଦୁନିଆଁକୁ ଆଗେଇ ନେଲାବେଳେ କିଏ ସୈନିକଟିଏ ତ କିଏ କୃଷକଟିଏ ହେଇ ସେବା ଯୋଗାଉଛି ।ପୁଣି କାହାର ବାପା ମାଆ ଅଦିନରେ ଚାଲିଯିବାରୁ ଅରକ୍ଷିତ କି ବାଇଆ ପରି କିଏ ଅନାଥଶ୍ରମରେ ବଡ଼ ହେଉଛି ତ କିଏ ଆମ ଗାଁ ବାଇଆ ପରି ଦାଣ୍ଡ ଦୁଆର ଶୁଣ୍ଢି ପିଣ୍ଢା ହେଉଛି ବୋଲି ଭାବୁ ଭାବୁ ପଦ୍ମା ଦୀର୍ଘନିଶ୍ୱାସଟିଏ ଛାଡିଲେ । ଯାହା ହେଉ ସେ ବାଇଆକୁ ପଖାଳ ମୁଠେ ବାଢିଦେଇ ନିଜକୁ ଓ ନିଜ ପରିବାରକୁ କ୍ଷୟ ଅଭିମୁଖରୁ ବଞ୍ଚାଇ ରଖିଛନ୍ତି ବୋଲି ଭାବୁଥିଲେ ପଦ୍ମା ।

ବିଚରା ବାୟା ଅନାଥ ହେବା ପୂର୍ବରୁ କେଡେ ଖୁସିରେ ଥିଲା । ମାଳ ଅପା ଓ ବିଭୁତି ଭାଇ କେତେ ଓଷା ବ୍ରତ ଓ ଦିଅଁ ଦେବତା କରି ପୁଅ ପାଇଥିଲେ ବୋଲି ଛାତି କୁଣ୍ଢେମୋଟ ହୋଇଯାଉଥିଲା ତାଙ୍କର କିନ୍ତୁ ପାଞ୍ଚ ବର୍ଷର ବାୟାକୁ ଅନାଥ କରି ବାପା ମାଆ ଦୁହେଁ କରୋନାରେ ଚାଲିଗଲା ପରେ କିଛି ବର୍ଷ ବୁଢ଼ୀମାଆ ହେପାଜତରେ ବାୟା ବଡ଼ ହେଉ ହେଉ ସ୍କୁଲ ଗଲା ହେଲେ ବୁଢ଼ୀ ପାରୁନଥିଲା ତ ବାଇଆ ହୋଇଗଲା ବୁଢ଼ୀ ଭାଷାରେ ଅଲେକ୍ଷଣା ତଥା ଅରକ୍ଷିତ । ବାପା ମାଆଙ୍କୁ ଖାଇଲୁ ମତେ ଯାହା ମରଣ ହେଉନି କହି ଏକୋଇରବଳା ବିଶିକେଶନକୁ ଗାଳି ଦେଉ ଦେଉ ସେ ସତକୁ ସତ ଅରକ୍ଷିତ ହୋଇଗଲା । ବୟସ ବ୍ୟାଧିରେ ପଡି ବୁଢ଼ୀ ଯିବା ପରେ ବାୟାର ସବୁ ହାଟ,ବାଟ ଓ ନାଟ ବନ୍ଦ ହୋଇଗଲା । କିଶୋର ରୁ ଯୁବକ ହେଉ ହେଉ ସେ ହେଲା ନିରିମାଖିଆ, ବାରବୁଲା ସିନା କିନ୍ତୁ ଗାଁ ଗୋଟାକର କାମ କରେ । ଦିଅଁ ଦେଉଳ, ଫୁଲତୋଳା, ଦିଅଁ କାନ୍ଧୁଆ, ଭୋଜି ଭାତ, ବାହା ପୁଆଣି, ମଡ଼ା ମୂର୍ତ୍ତିକାର ସବୁ ଭିଡ଼ଭାଡ଼ କାମରେ ବାଇଆ ଲୋଡ଼ା କିନ୍ତୁ ପନ୍ତିରେ ବସିଲା ବେଳେ କିଏ ତାକୁ ଖୋଜୁ ନଖୋଜୁ କିନ୍ତୁ ପଦ୍ମାଙ୍କ ଘରେ ବଳିପଡିଥିବା ପଖାଳ ମୁଠେ ଦିମୁଠା ତାକୁ ଖୋଜନ୍ତି । ଲଗେଇ ଖିଆ ଯାହା ହେଉ ନହେଉ ତାର ଚାଲିଯାଏ । ଗୁଣ୍ଠା ଗଣି ଖାଇବାକୁ ତାକୁ ବେଳ ନଥାଏ । କାହାର କୋକେଇ ବନ୍ଧା ହେବ ତ କାହା ପାଲିଙ୍କି ଉଠିବ । କୋଉଠି ରାମ ନାମ ସତ୍ୟ ହେ ଶୁଭୁଥିବ ତା ପାଟିରୁ ତ କୋଉଠି ହାକୁମ ଧାଲ ଶୁଭୁଥିବ ।

ଏବେ ପଦ୍ମା ସ୍ୱାମୀଙ୍କ ସଙ୍ଗେ ପୁଅ ପାଖେ କଲିକତାରେ ମାସେ ଓ ଝିଅ ପାଖେ କୋରାପୁଟରେ ମାସେ ରହି ବସରେ ଫେରୁଥିଲା ବେଳେ ବାଇଆ କଥା ଭାବୁଥିଲେ । ଅରକ୍ଷିତ କଣ ଖାଉଥିବ କିଏ ଦେଉଥିବ କି ନଦେଉଥିବ ଭାବୁ ଭାବୁ ଘାଟିରେ ବସ ଅଟକିଗଲା । ସାଢେ ଚାରିଘଣ୍ଟା କାଳ ବସ ଅଟକିଯିବା ଭିତର ପଦ୍ମା ଭାବୁଥିଲେ କୋଉ ଐଶ୍ୱର୍ଗୀକ ଶକ୍ତିର ଅବକ୍ଷୟ ହେବାରୁ ନିଶ୍ଚୟ ଏ ବିପଦ ତ ସ୍ୱାମୀ ଠିକ ଓଲଟା କହୁଥିଲେ ଯେ ସେକଥା ନଭାବି ଭାବ ଯେ କୋଉ ପୁଣ୍ୟ ବଳରେ ଘାଟିରୁ ଗାଡି ଗଡିଆସିଲା ନହେଲେ ସେ କଣ୍ଡକ୍ଟର ପରା କହୁଥିଲା ଏମିତି ଥରେ ଥରେ ଗାଡି ଜାମ ହୋଇଯାଇ ରାସ୍ତା ସଫା ହେଲାବେଳକୁ ରାତି ପାହି ଦିନ ଆଠ କି ଦଶ କି ବାର ହୁଏ । ହସ ଉକୁଟି ଆସୁ ଆସୁ ଦିନ ବାରଟା ସୁଦ୍ଧା ଗାଁ ଛକରେ ଓଲେ଼ଇ ଅଟୋରେ ବସି ଘରେ ପହଁଞ୍ଚି ପଇସା ଦେଲାବେଳକୁ ଚିରା ପଚାଶ ଟଙ୍କିଆ ନୋଟ କେଇଟି କଣ୍ଡକ୍ଟର ଧରେଇଛି । ତମେତ ସବୁବେଳେ ଘୁମେଇବ ଆଉ କଣ୍ଡକ୍ଟର ମତେ ବୁଢ଼ୀ ମାଇପି ଦେଖି ଠକିବନି ଆଉ କାହାକୁ ଠକିବ କହି ଗରଗର ହୋଇ ଅଟୋକୁ ପଇସା ଦେଲା ବେଳକୁ କୁଆଡେ ଥିଲା ବାଇଆ ଦଉଡି ଆସିଲା । ଜିନିଷ ପତ୍ର ବୋହି ତଳୁ ଉପର ଘର ଯାଏଁ ନେଲା । ହସ ହସ ହୋଇ ବସିଗଲା ତ ପଦ୍ମା କହିଲେ କେତେ କଷ୍ଟରେ ଘାଟିରୁ ଆଜି ଧର୍ମ ବଳରେ ପାର ପାଇ ଆସିଲୁ ଯେ ରନ୍ଧାବଢ଼ା ଡେରି ହେବ ତୁ ଏ ଟଙ୍କା ନେଇ ଯା ବାହାରେ କୋଉଠି କଣ ଖାଇନେବୁ । ମୁଣ୍ଡ ହଲେଇ ଖୁସିରେ ବାୟା ଚାଲିଗଲା ପରେ ସ୍ୱାମୀ କହୁଥିଲେ ହଉ ଦେଲ ସେ ଚିରା ପଚାଶ ଟଙ୍କିଆ ନୋଟ ଦୁଇ ଖଣ୍ଡ । ତୁମେ ରନ୍ଧାବଢ଼ା କରୁ କରୁ ମୁଁ ବ୍ୟାଙ୍କ ଯାଏ । ହେଲେ ସେଇ ଟଙ୍କା ତ ମୁଁ ବାଇଆ କୁ ଦେଲି । ତାକୁ ଦେଇ କୋଉ ପୁଣ୍ୟ କଲ ନା ତୁମର ମତି ଗତି କ୍ଷୟ ଆଡକୁ ଗଲାଣି ବୁଝିପାରୁନି ମୁଁ । ସ୍ୱାମୀ ସେତିକି କଥା ପଦ୍ମାଙ୍କ ଉପରକୁ ଫୋପାଡି ଦେଇ ଖାଇ ପିଇ ହଜମ କରିବାକୁ ଘୁଙ୍ଗୁଡ଼ି ମାରୁଥିଲା ବେଳେ ପଦ୍ମା ଖାଇପାରୁନଥିଲେ । କୋଉ ଗାଁ ଦୋକାନୀ ବାଇଆଠୁ ଚିରା ନୋଟ ନେଇ ତାକୁ ଭାତ ପରଷିବ ଭାବୁ ଭାବୁ କାଲି ତାକୁ ପେଟପୁରା ଖାଇବାକୁ ଦେଇ ନିଜ ନୈତିକତା କ୍ଷୟର ଭରିଣା କରିବାକୁ ଚାହିଁଥିଲେ ବି ବାଇଆ ଆସୁନଥିଲା । ସ୍ୱାମୀଙ୍କୁ କହିବାର ସାହାସ ନଥିଲା ତ ପଦ୍ମା ଏଘର ସେଘର ହେଇ କେବେ ଝରକା ଦେଇ ତ କେବେ କବାଟ ଦେଇ କାହା ଆଗମନକୁ ଅପେକ୍ଷା କରି ରହିଥିଲେ କେବଳ ମାତ୍ର ।

ଏହି ସମୟରେ ବଦଳି ହୋଇଗଲା ପଦ୍ମାଙ୍କର ତ କିଛି କିଛି ପରିମାଣରେ ଭୁଲିଯାଇଥିଲେ ସେ ବାଇଆ କଥା ।କ୍ୱାଟର ଆଗ ବାଲକୋନୀ ବସିଥିବା ଝିଅଟି ତାଙ୍କୁ ଏବେ ଖୁବ ଭଲ ଲାଗୁଥିଲା । ବାଲକୋନୀରେ ଥିବା କୁଣ୍ଡ ଗୁଡିକରେ ଲଗାଯାଇଥିବା ଗୋଲାପ ଗୁଡିକୁ ଦେଖୁ ଦେଖୁ ଝିଅଟି କହୁଥିଲା ମୋ ଜନ୍ମଦିନକୁ ଗୋଲାପ ତୋଡ଼ା ନେଇ ଅଙ୍କଲଙ୍କ ସଙ୍ଗେ ଆସିବେ ଆଣ୍ଟି । କି ଆକର୍ଷଣ ଥିଲା କେଜାଣି ଝିଅଟି କଥାରେ ଶନିବାର ଗାଁ ସ୍କୁଲରୁ ଆସିଥିବା ସ୍ୱାମୀଙ୍କ ସହ ଗୋଲାପ ତୋଡ଼ା ସହ ପଦ୍ମା ଝିଅଟି ଘରକୁ ଯାଇଥିଲେ କିନ୍ତୁ ଝିଅଟିର ଜନ୍ମ ଦିନରେ ବିଶେଷ କିଛି ଗହଳି ନଦେଖି ଫେରିଆସୁଥିଲା ବେଳେ ଝିଅଟିର ମାଆ ଡାକିଥିଲେ । ଆପଣ ଫେରିଗଲେ ଆମ ଝିଅ ମନଦୁଃଖ କରିବ । ତାର ଏଇ ଶେଷ ଜନ୍ମଦିନରେ ତାକୁ ଗୋଲାପ ତୋଡ଼ା ଦେଇ ଆଶୀର୍ବାଦ କରି ଯିବେନି ପଚାରୁଥିଲେ ତା ମାଆ ତ କିଛି ବୁଝିନପାରି ପଦ୍ମା ପଚାରିଥିଲେ ଶେଷ ଜନ୍ମଦିନ କାହିଁକି, ଆପଣ ଏଠି ଆଉ ରହିବେ ନାହିଁ ନା କଣ । ହଁ ଆମେ ରହିବୁ ଜିଅନ୍ତା ଶବ ହୋଇ । ଘର ଛାଡି ଆଉ କୁଆଡେ ଯିବୁ । ଆମ ଝିଅ କିନ୍ତୁ ଜହ୍ନ ଦେଶକୁ ଚାଲିଯିବ । ଆଶ୍ଚର୍ଯ୍ୟ ଆଖିରେ ଆମକୁ ଚାହିଁଥିବା ଦେଖି ମାଆ କହୁଥିଲେ ଏଇଟା ଆମ ଝିଅ ବ୍ୟାଣୀର କ୍ୟାନସର ର ଫୌର୍ଥ ଷ୍ଟେଜ । ମାଆଙ୍କ ପାଟିରୁ କଥା ସରିନି ଗେଲ୍ଲୀ ବ୍ୟାଣୀ ଦଉଡିଆସି ଓ ଆମ ଦୁହିଁଙ୍କୁ ପ୍ରଣାମ କହୁଥିଲା ଆସନ୍ତୁ ଅଙ୍କଲ ଆଣ୍ଟି, ମୋ ପାଇଁ ସ୍ୱତନ୍ତ୍ର ରକେଟ ତିଆରି ହୋଇଛି ଦେଖିବେ ଆସନ୍ତୁ । ମୁଁ ଏଇଥିରେ ବସି ଜହ୍ନ ରାଇଜକୁ ଯିବି । ସେଠି ଆମ ଘର ତୋଳା ସରିଛି । ମୋ ପରେ ପରେ ଏଠୁ ମୋ ମାମି ଓ ଡାଡି ଯିବେ । ପଦ୍ମା ଗୋଲାପ ଫୁଲ ବଢ଼େଇ ଦେଇ କାନ୍ଦି ପକେଇଥିଲେ ତ ଛୋଟ ଝିଅ ବ୍ୟାଣୀ କହୁଥିଲା କାନ୍ଦନ୍ତୁ ନାହିଁ । ଆମ ଦେଶର ମହାକାଶଚାରୀମାନେ ପରା ଚନ୍ଦ୍ରପୃଷ୍ଠରେ ପୃଥିବୀବାସୀଙ୍କ ପାଇଁ ଘର କରିସାରିଲେଣି । କଥା ହେଲା ମୁଁ ଆଗ ଯିବି ଲାଇକା ପରି, ଆଉ ସମସ୍ତେ ମୋ ପରେ ଯିବେ । ହେଲେ ଯେମିତି ହେଲେ ଯିବେ ତ ଦୁଃଖ କଣ ପାଇଁ । ତା ନିଜ ହାତରେ କେକ ଖୁଆଉ ଖୁଆଉ କହୁଥିଲା କେତେ ରାଗ, ଇର୍ଷା ମୋ ସାଙ୍ଗ ଓ ବନ୍ଧୁବାନ୍ଧବଙ୍କର । କେହି ଆସିଲେନି ମୋ ଖୁସିରେ ସାମିଲ ହେବାକୁ । ଆପଣ ଦୁହେଁ ଆସିଥିବାରୁ ଧନ୍ୟବାଦ । ଦୁଃଖ ଓ ବାଷ୍ପରୁଦ୍ଧ କଣ୍ଠରେ ଘରକୁ ଫେରିବା ବାଟରେ ସ୍ୱାମୀ କହୁଥିଲେ ଆମ ଗାଁ ବାଇଆ ମଧ୍ୟ ଗଲାଣି ଜହ୍ନ ରାଇଜକୁ ଦୁଇମାସ ହେଲାଣି । ପଦ୍ମା ଏଥର ଆଉ ନିଜକୁ ସମ୍ଭାଳି ପାରିନଥିଲେ, ଭୋ ଭୋ କାନ୍ଦୁଥିଲେ ସବୁଦିନ ବ୍ୟାଣୀ ଯିବାର ମଧ୍ୟ ଏ ଭିତରେ ଦୁଇମାସ ଗତ ହେଲାଣି । ଗୋଲାପ ଫୁଲ ଡ଼ାଳ ସହ ମୂଳକୁ ବଞ୍ଚେଇ ରଖିବାକୁ ଇଛା ନଥିଲା ପଦ୍ମାଙ୍କର ତ ଆଗପଟ ବାଲକୋନିରୁ ବ୍ୟାଣୀର ମାମା କହୁଥିଲେ ପାଣି ଦିଅନ୍ତୁ ମ୍ୟାଡାମ । ଗୋଲାପର ଦୋଷ କଣ । ପାଣି ନପାଇ କ୍ଷୟ ଅବକ୍ଷୟ ଡାକି ଆଣିପାରେ । ପ୍ରଶ୍ନ ନଥିଲା ପଦ୍ମାଙ୍କ ପାଟିରେ କିଛି ପଚାରିବାକୁ ତାଙ୍କୁ ।

**ସୁନନ୍ଦା ମହାନ୍ତି, ସାକ୍ଷୀଗୋପାଳ, ପୁରୀ**

# ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ଭବାନୀପାଟଣା,୨୯।୭ (ଆନିସ): କଳାହାଣ୍ଡି ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଜିଲ୍ଲା ସଦର ମହକୁମା ଭବାନୀପାଟଣା ଠାରେ ପାଳନ ଉପଲକ୍ଷେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ ମହାସମାରୋହରେ ଉତ୍ସାହର ସହିତ ପାଳନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ସରକାରୀ/ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କର ପୂର୍ଣ୍ଣ ସହଯୋଗ ଜିଲ୍ଲାପାଳ କାମନା କରିଥିଲେ । ଏଥିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିନେଶ କୁମାର କହଁର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାସ୍ତରୀୟ ଉତ୍ସବ ପାଳନ ନିମନ୍ତେ ଆଲୋଚନା କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁଯାୟୀ ତା. ୧୪.୦୮.୨୦୨୬ ମଧ୍ୟ ରାତ୍ରିରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ମଶାଲ ଶୋଭାଯାତ୍ରା, ତା. ୧୫.୦୮.୨୦୨୬ ପ୍ରାତଃ ୪:୩୦ ସମୟରେ ସହରରେ ରାମଧୁନ ପରିବେଷଣ, ସକାଳ ୭:୩୦ ସମୟରେ ସମସ୍ତ ସରକାରୀ/ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ମାଲ୍ୟାର୍ପଣ, ସ୍ଥାନୀୟ ଲାଲ୍ ବାହାଦୁର ଷ୍ଟାଡିୟମ ଠାରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ୯:୧୫ ସମୟରେ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ଜିଲ୍ଲାସ୍ତରୀୟ ପ୍ୟାରେଡ ଉତ୍ସବ, ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗୀତା, ବିଭିନ୍ନ ସ୍ୱଚ୍ଛାସେବି ଅନୁଷ୍ଠାନର ସହଯୋଗରେ ଜିଲ୍ଲା ଚିକିତ୍ସାଳୟ, ଜିଲ୍ଲା କାରାଗାର, ରେଡକ୍ରସ ଦିବ୍ୟାଙ୍ଗ ବିଦ୍ୟାଳୟ, ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଭବନ ଠାରେ ରକ୍ତଦାନ ଶିବିର, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ ସ୍ଥାନୀୟ ଟାଉନ ହଲଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୌମ୍ୟରଞ୍ଜନ ପ୍ରଧାନ, ଉପ-ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ପଞ୍ଚାୟତ ଅଧିକାରୀ ବି.ଏନ. ରାଉତ, ଜିଲ୍ଲା ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀ, ପୋଲିସ ଆର.ଆଇ., ଆସିଷ୍ଟାନ୍ତ କମାଣ୍ଡେଣ୍ଟ ସି.ଆର.ପି.ଏଫ୍ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକ, ଶିକ୍ଷାବିଦ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କହଁର ବୈଠକର କାର୍ଯ୍ୟସୂଚୀ ପଠନ କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ସମୀକ୍ଷା କଲେ ମାଲକାନଗିରି ଜିଲ୍ଲା ପର୍ଯ୍ୟବେକ୍ଷକ ଏମଡି ସାଦିକ ଆଲାମ



ମାଲକାନଗିରି,୨୯।୭ (ଆନିସ): ଓଡ଼ିଶା ସରକାରଙ୍କ ସରକାରୀ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ଏବଂ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଏମଡି ସାଦିକ ଆଲାମ ମାଲକାନଗିରି ଜିଲ୍ଲା ଗସ୍ତ କରି ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ-୨୦୨୬ ର ପ୍ରଗତି ସମୀକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ ଆଲମ କହିଛନ୍ତି ଯେ ଏକ ସୁଦୃଢ଼ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ସ୍ୱଚ୍ଛ ଏବଂ ସଠିକ୍ ଭୋଟର ତାଲିକା ଅତ୍ୟନ୍ତ ଆବଶ୍ୟକ। ମାଲକାନଗିରି ଜିଲ୍ଲାରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ-୨୦୨୬ କୁ ସମ୍ପୂର୍ଣ୍ଣ ସଠିକତା ସହ ଶେଷ କରିବା ଆମର ଲକ୍ଷ୍ୟ, ଯେପରି କୌଣସି ଯୋଗ୍ୟ ଭୋଟର ଏଥିରୁ ବାଦ୍ ନପଡ଼ନ୍ତି। ଶୁଣାଣି ସମୟରେ ଉଚ୍ଚ ମାନର ଯାଞ୍ଚ ପ୍ରକ୍ରିୟା ବଜାୟ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲାକୁ ଏହା ତାଙ୍କର ଦ୍ୱିତୀୟ ସରକାରୀ ଗସ୍ତ। ଜିଲ୍ଲା ଗସ୍ତ ସମୟରେ କମିଶନର ପ୍ରଥମେ ମାଲକାନଗିରି ପୌରପାଳିକା କାର୍ଯ୍ୟାଳୟରେ ଚାଲିଥିବା ନୋଟିସ୍ ଶୁଣାଣି ପ୍ରକ୍ରିୟାର ଗୁଣବତ୍ତା ଯାଞ୍ଚ କରିଥିଲେ। ଏହି ଅବସରରେ ସେ ସେଠାରେ ଉପସ୍ଥିତ ନିର୍ବାଚନ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଆଲୋଚନାରେ ଭୋଟର ସଂଶୋଧନ ଅଧିକାରୀ , ସହକାରୀ ଭୋଟର ସଂଶୋଧନ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଏଲଓ ସୁପରଭାଇଜରମାନେ ସାମିଲ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ସମସ୍ତ ଇଆରଓ, ଏଇଆରଓ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚାଲିଥିବା ବିଶେଷ ସଂଶୋଧନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସୁଗମ ଓ ତ୍ରୁଟିଶୂନ୍ୟ କରିବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## 'ଦୈନିକଆଶା'ର ପ୍ରଭାବ

# ଖବର ପ୍ରକାଶର ୨ ଦିନ ମଧ୍ୟରେ ମରାମତି ହେଲା କାଳିମେଳା ହାଟ ସମ୍ମୁଖ ରାସ୍ତା



କାଳିମେଳା,୨୯।୭(ଆନିସ): ଗତ ସୋମବାର ଦିନ ଦୈନିକଆଶା ଖବର କାଗଜରେ କୃତ୍ରିମ ପୋଖରୀ ପାଲଟିଛି ୩୨୬ ନମ୍ବର ଜାତୀୟ ରାଜପଥ ଶୀର୍ଷକ ଖବର ପ୍ରସାରଣ ପରେ ମାତ୍ର ଦୁଇ ଦିନ ମଧ୍ୟରେ କାଳିମେଳା ହାଟ ସମ୍ମୁଖରେ ଥିବା ରାସ୍ତାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା ଯୋଗୁଁ ଯାତ୍ରୀମାନଙ୍କ ପାଇଁ ଦୀର୍ଘଦିନ ରୁ ହେଉଥିବା ସମସ୍ୟାର ସମାଧାନ ହୋଇପାରିଛି । ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ବର୍ଷା ପାଣି ଜମି କୃତ୍ରିମ ପୋଖରୀ ପାଲଟିଥିବା ଏବଂ ଏହା ଯୋଗୁଁ ଅନେକ ଛୋଟ,ବଡ ଦୁର୍ଘଟଣା ଆଶଙ୍କା ବଢ଼ିଥିବା ଖବରରେ ଉଲ୍ଲେଖ କରାଯାଇଥିଲା । ଖବର ପ୍ରକାଶ ପରେ ଜାତୀୟ ରାଜପଥ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇଛି । ରାସ୍ତାରେ ଥିବା ସମସ୍ତ ବଡ଼ ଖାଲ ମେଟାଲ କଂକ୍ରିଟ ଦ୍ୱାରା ପୋତାଯାଇଥିବା ଦେଖିବାକୁ ମିଳିଛି । ରାସ୍ତା ଠିକ୍ ହେବା ପରେ ସ୍ଥାନୀୟ ବ୍ୟବସାୟୀ ଓ ଯାତ୍ରୀମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି । ସେମାନେ କହିଛନ୍ତି ଯେ ଦୀର୍ଘଦିନ ଧରି ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିଲା । ମାତ୍ର ଦୈନିକଆଶା ଖବର ପ୍ରକାଶ ପରେ ତୁରନ୍ତ କାର୍ଯ୍ୟ ହେବାରୁ ଏବେ ସୁରକ୍ଷିତ ଭାବେ ଯାତାୟାତ କରିପାରୁଛୁ ।

# ବୁଲା ଗାଈ-ଗୋରୁଙ୍କ କବଜାରେ ମାଲକାନଗିରି ରାଜପଥ



ମାଲକାନଗିରି, ୨୯।୭ (ଆନିସ): ମାଲକାନଗିରି ସହରରେ ପୁଣି ଥରେ ବୁଲା ଗାଈ-ଗୋରୁ ସମସ୍ୟାକୁ ନେଇ ଉଠିଛି ପ୍ରଶ୍ନ। ଆଜି ରାତିରେ ଜଣେ ବ୍ୟକ୍ତି ନିତ୍ୟକର୍ମ ସାରି ଘରକୁ ମୋଟରସାଇକେଲ ଯଗେ ଫେରୁଥିବା ବେଳେ ରାସ୍ତାରେ ଥିବା ଏକ ଗୋରୁ ସହ ଧକ୍କା ହୋଇ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣା ପରେ ପୌରପରିଷଦର କାର୍ଯ୍ୟପ୍ରଣାଳୀକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୯ ଘଣ୍ଟିକା ସମୟରେ ଜଣେ ବ୍ୟକ୍ତି ନିତ୍ୟକର୍ମ ସାରି ଘରକୁ ଫେରୁଥିବା ସମୟରେ ରାସ୍ତାରେ ବୁଲୁଥିବା ଏକ ଗୋରୁ ସହ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ

ଏହି ଘଟଣା ପରେ ସହରବାସୀ ପୌରପରିଷଦ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ଅଭିଯୋଗ ଯେ, ସହରରେ ବୁଲା ଗାଈ-ଗୋରୁ ସମସ୍ୟା ଦୀର୍ଘ ଦିନ ଧରି ରହିଥିଲେ ମଧ୍ୟ ସେଗୁଡ଼ିକୁ ସ୍ଥାନାନ୍ତର କରିବା ଦିଗରେ କୌଣସି ପ୍ରଭାବଶାଳୀ ପଦକ୍ଷେପ ନିଆଯାଉନାହିଁ। ସେହିଭଳି ରାସ୍ତାର ଅନେକ ଜାଗାରେ ଆଲୋକ ଖରାପ ହେଲେ ତାହାକୁ ସମୟକ୍ରମେ ମରାମତି କରାଯାଉନଥିବାରୁ ରାତିରେ ଦୁର୍ଘଟଣାର ଆଶଙ୍କା ବଢ଼ୁଛି ବୋଲି ମଧ୍ୟ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ସହରବାସୀଙ୍କ ଦାବି ମୁତାବକ ପୌରପରିଷଦ ଶୀଘ୍ର ବୁଲା ଗାଈ-ଗୋରୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ଖରାପ ହୋଇଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକର ତୁରନ୍ତ ମରାମତି କରୁ, ଯାହାଫଳରେ ଭବିଷ୍ୟତରେ ଏଭଳି ଦୁର୍ଘଟଣାକୁ ଏଡ଼ାଇ ହେବ।

# ଜିଲ୍ଲାସ୍ତରୀୟ "ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବା" ପ୍ରତିଯୋଗିତା ଅନୁଷ୍ଠିତ




ମାଲକାନଗିରି ୨୯।୭ (ଆନିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଏବଂ ମାଇ ଭାରତ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା "ବିକଶିତ ଭାରତ ପାଇଁ ନଶା ମୁକ୍ତ ଯୁବା" ପ୍ରମୁଖ ପଦକ୍ଷେପ ଅଧୀନରେ, ଶ୍ରୀ ହନିତ କୁମାର ଜିଲ୍ଲା ଯୁବ ଅଧିକାରୀଙ୍କ ଦ୍ୱାରା ୨୯ ଜୁଲାଇ ୨୦୨୬ ରେ ସକାଳ ୧୦:୩୦ ସମୟରେ ମହିଳା ମହାବିଦ୍ୟାଳୟ ମାଲକାନଗିରିରେ ଆୟୋଜିତ ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଏବଂ ସଚେତନତା କାର୍ଯ୍ୟକ୍ରମ।

ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଶ୍ରୀ ମୁନା ତୁରୁକ୍ ଜିଲ୍ଲା କ୍ରୀଡ଼ା ଅଧିକାରୀ ଯୋଗ ଦେଇ ଥିଲେ ଶ୍ରୀ ଦୁଷ୍ମନ୍ତ ଜେନା ଉତ୍କର ରଞ୍ଜନ ସ୍ୱାଇଁ ବାଣିଜ୍ୟ ବିଭାଗ ମୁଖ୍ୟ ଶ୍ରୀ କିଶୋର କୁମାର ଅଧ୍ୟାପକ ଉତ୍ତମ ମଲ୍ଲିକ ଶିକ୍ଷାନୁଷ୍ଠାନ ଙ୍କ ଦ୍ୱାରା ଯୁବପିଢ଼ିଙ୍କୁ ନିଶାମୁକ୍ତ ଜୀବନଶୈଳୀ ଗ୍ରହଣ କରିବା, ନିଶା ପଦାର୍ଥ ଅପବ୍ୟବହାରର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ସହ ଏକ ସୁସ୍ଥ, ଦାୟିତ୍ୱପୂର୍ଣ୍ଣ ଏବଂ ବିକଶିତ ଭାରତ ଗଠନରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଲୋକ ସଙ୍ଗୀତ, ନୃତ୍ୟ, ଷ୍ଟ୍ରିଟ୍ ପ୍ଲେ (ନୁକ୍କଡ୍ ନାଟକ), ଚିତ୍ରକଳା, ବିତର୍କ ଏବଂ ସ୍ଲାମ୍ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେତେବେଳେ ମାଇ ଭାରତ ପୋର୍ଟାଲ୍ ମାଧ୍ୟମରେ ଅନଲାଇନ୍ ମାଧ୍ୟମରେ ସ୍ଲୋଗାନ୍ ଲେଖା ଏବଂ କ୍ଷୁଦ୍ର ଚଳଚ୍ଚିତ୍ର/ରିଲ୍ ମେକିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏହି ଭଳି ପ୍ରୟାସ ଯୁବପିଢ଼ିଙ୍କୁ ସେମାନଙ୍କର ସୃଜନଶୀଳତା ପ୍ରକାଶ କରିବା, ନିଶାଦ୍ରବ୍ୟ ଅପବ୍ୟବହାର ବିରୁଦ୍ଧରେ ସଚେତନତା ପ୍ରସାର କରିବା ଏବଂ ଏକ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବଶକ୍ତିର ଦୃଷ୍ଟିକୋଣରେ ଯୋଗଦାନ ଦେବା ଉତ୍ସାହିତ କରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

# ବାଦପୁର ବିଦ୍ୟାଳୟ ପରିସରରେ ପାଣି

## ପାଖରେ ଭଙ୍ଗା କୋଠା, ଶିକ୍ଷକ ଅଭାବରେ ପାଠପଢ଼ା ପ୍ରଭାବିତ ଅଭିଯୋଗ

ପାତ୍ରପୁର, ୨୯।୭ (ଆନିସ): ଗୋଟିଏ ପଟେ ବର୍ଷା ହେଲେ ବିଦ୍ୟାଳୟ ପରିସରରେ ଜମି ରହୁଛି ବର୍ଷାଜଳ। ଅନ୍ୟପଟେ ପରିସରରେ ଥିବା ଏକ ଭଗ୍ନ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ଅନୁପାତରେ ଆବଶ୍ୟକ ଶିକ୍ଷକ ନଥିବାରୁ ପାଠପଢ଼ା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଏକାଧିକ ସମସ୍ୟାକୁ ନେଇ ଚିନ୍ତାରେ ରହିଛନ୍ତି ବାଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ। ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବାଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଡିଓ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଦୁଇଟି ପୃଥକ ଅଭିଯୋଗପତ୍ର ଦାଖଲ କରାଯାଇଛି।

ବିଡିଓଙ୍କ ନିକଟରେ ଦିଆଯାଇଥିବା ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟଟି ମୁଖ୍ୟ ରାସ୍ତାଠାରୁ ନିମ୍ନଭାଗରେ ରହିଛି। ଫଳରେ ସାମାନ୍ୟ ଅଧିକ ବର୍ଷା ହେଲେ ବିଦ୍ୟାଳୟ ହତା ମଧ୍ୟରେ ବର୍ଷାଜଳ ଜମି ରହୁଛି। ଏଥିଯୋଗୁଁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଗ୍ରାମବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବର୍ଷାଜଳ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ କମିଟି ଦାବି କରିଛି। ସୂଚନା ଥାଉକି ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ବିଦ୍ୟାଳୟରେ ବର୍ଷାଜଳ ଜମି ରହିଥିବା ଖବର ପ୍ରସାରଣ ହୋଇଥିଲା।

ସେହିପରି ବିଦ୍ୟାଳୟ ପରିସରରେ ଥିବା ଏକ ପୁରୁଣା ଭଗ୍ନ ବିଲ୍ଡିଂ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ମଧ୍ୟରେ ଏଭଳି ଭଗ୍ନ କୋଠା ରହିବା ସୁରକ୍ଷା ଦୃଷ୍ଟିରୁ ଚିନ୍ତାର କାରଣ ହୋଇଛି। ତେଣୁ ଏହାର ଶୀଘ୍ର ଯାଞ୍ଚ କରି ଆବଶ୍ୟକ ପ୍ରତିକାର କରିବାକୁ ଦାବି ହୋଇଛି।

ଅନ୍ୟପକ୍ଷରେ, ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥାକୁ ନେଇ ମଧ୍ୟ ଅଭିଯୋଗ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଥିବା ଅଭିଯୋଗରେ ୧୭୩ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୪ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟରତ ଥିବା ଦର୍ଶାଯାଇଛି। ଏଥିସହ ବିଦ୍ୟାଳୟରେ ନିୟମିତ ପ୍ରଧାନଶିକ୍ଷକ ନଥିବାରୁ ପ୍ରଶାସନିକ ଓ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେଉଥିବା କମିଟି ଅଭିଯୋଗ କରିଛି।

ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଚାଲୁଥିବା ବେଳେ ଛାତ୍ରଛାତ୍ରୀଙ୍କ ଅନୁପାତରେ ପର୍ଯ୍ୟାପ୍ତ ଶିକ୍ଷକ ନଥିବାରୁ ଗୁଣାତ୍ମକ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ବିଦ୍ୟାଳୟର ସୁରକ୍ଷିତ ପରିବେଶ ଓ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟିରେ ରଖି ବର୍ଷାଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା, ବିପଦସଙ୍କୁଳ ଭଗ୍ନ କୋଠାର ତୁରନ୍ତ ପ୍ରତିକାର, ନିୟମିତ ପ୍ରଧାନଶିକ୍ଷକ ନିଯୁକ୍ତି ସହ ଆବଶ୍ୟକ ସଂଖ୍ୟକ ଶ୍ରେଣୀୱାରି ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଦାବି କରିଛି। ଏନେଇ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ରଙ୍କ ସହିତ ଯୋଗାଯୋଗ କରିବାରୁ ସେହି ବିଦ୍ୟାଳୟରେ ନିୟମିତ ୬ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏବେ ପ୍ରଶ୍ନ ଉଠୁଛି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଏହି ସମସ୍ୟାଗୁଡ଼ିକର ସମାଧାନ କେବେ ହେଉଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ସମୀକ୍ଷା ବୈଠକ ଅନୁଷ୍ଠିତ



ଜୟପୁର,୨୯।୭ (ଆନିସ):ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ଅନ୍ତର୍ଗତ ନିର୍ବାଚନ ତାଲିକାର ଦାବି ଓ ଆପତ୍ତି ଆବେଦନଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ ପାଇଁ ନିଯୁକ୍ତ ନିର୍ବାଚନ ପର୍ଯ୍ୟବେକ୍ଷକ ମହେନ୍ଦ୍ର ସାଦିକ ଆଲାମ, ଆଇଏଏସ୍? ସହକାରୀ କମିଶନର-ତଥା-ସଚିବ,ଲୋକ ଉଦ୍ୟୋଗ ବିଭାଗ, କୋରାପୁଟ ଜିଲ୍ଲାରେ ପହଞ୍ଚି ଦୁଇଦିନିଆ ଗସ୍ତ କରିଥିଲେ।ଏହି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ଅନ୍ତର୍ଗତ ନିର୍ବାଚନ ନାମାବଳୀର ଦାବି ଓ ଆପତ୍ତି ଆବେଦନଗୁଡ଼ିକର ଶୁଣାଣି ପ୍ରକ୍ରିୟାର ତଦାରଖ କରିବା ପାଇଁ କୋରାପୁଟ ପୌରପାଳିକା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ କୋରାପୁଟ ବ୍ଲକ ଉନ୍ନୟନ ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ।ପରବର୍ତ୍ତୀ ସମୟରେ କୋରାପୁଟସ୍ଥିତ ଡିଏନକେ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସମସ୍ତ ସମ୍ପୃକ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଦାବି ଓ ଆପତ୍ତି ଆବେଦନଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟା ସମ୍ପର୍କରେ ସମୀକ୍ଷା କରିଥିଲେ। ସେ ଅଧିକାରୀମାନଙ୍କୁ ଶୁଣାଣି ପ୍ରକ୍ରିୟାକୁ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସମୟବଦ୍ଧତାର ସହିତ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ପ୍ରକ୍ରିୟାରେ ସୂଚନାର ସ୍ୱଚ୍ଛତା ବଜାୟ ରଖିବା ସହ ସମସ୍ତ ରାଜନୈତିକ ଦଳର ସହଯୋଗ ନେଇ ନିର୍ବାଚନ ପ୍ରକ୍ରିୟାକୁ ସୁପରିଚାଳିତ କରିବାକୁ ପରାମର୍ଶ ଦେଇଥିଲେ।

# ସରକାରୀ ବିଦ୍ୟାଳୟରେ ପୁଅକୁ ପାଠ ପଢାଇ ଚର୍ଚ୍ଚାରେ ପୋଡସି ରାଜ୍ୟର ଜିଲ୍ଲାପାଳ

## ଆଦର୍ଶ ଅଭିଭାବକ ଭାବେ ବୈଠକରେ ଯୋଗଦେଲେ



ମାଲକାନଗିରି,୨୯।୭ (ଆନିସ): ପଦମର୍ଯ୍ୟାଦା ଯେତେ ଉଚ୍ଚ ହେଉନା କାହିଁକି, ସନ୍ତାନର ଶିକ୍ଷା ପ୍ରତି ଜଣେ ଅଭିଭାବକଙ୍କ ଦାୟିତ୍ୱ ସର୍ବଦା ସମାନ। ବର୍ତ୍ତମାନ ସମୟରେ ଲୋକେ ଅନେକ ସଙ୍କଟରେ ଥାଇ ମଧ୍ୟ ନିଜ ପିଲାଙ୍କୁ ବେସରକାରୀ ବିଦ୍ୟାଳୟରେ ପାଠ ପଢାଇବାକୁ ପଠାଇବା ସହ ସରକାରୀ ବିଦ୍ୟାଳୟକୁ ପିଲାଙ୍କୁ ପଠାଇବାକୁ ଇଚ୍ଛା ପ୍ରକାଶ କରନ୍ତି ନାହି। ତେବେ ଏପରି ସମୟରେ ଜଣେ ଜିଲ୍ଲାପାଳ ନିଜ ପୁଅକୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ସହ ବିଦ୍ୟାଳୟର ଅଭିଭାକ ବୈଠକରେ ଜଣେ ସାଧାରଣ ମଣିଷ ପରି ଯୋଗଦେଇ ନିଆରା ପରିଚୟ ଦେଇଛନ୍ତି ଆନ୍ଧ୍ରପ୍ରଦେଶ ପାର୍ବତୀପୁରମର ଜିଲ୍ଲାପାଳ ଡା. ଏନ୍. ପ୍ରଭାକର ରେଡ୍ଡି। ସେ ପାର୍ବତୀପୁରମ ସ୍ଥିତ ସରକାରୀ ଡି.ଭି.ଏମ୍? ହାଇସ୍କୁଲରେ ଆୟୋଜିତ ଅଭିଭାବକ ଶିକ୍ଷକ ବୈଠକରେ ଜଣେ ସାଧାରଣ ଅଭିଭାବକ ଭାବେ ଯୋଗଦେଇ ସମସ୍ତଙ୍କ ପ୍ରଶଂସା ସାଉଁଟିଛନ୍ତି। ତାଙ୍କ ପୁଅ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବାରୁ ଜିଲ୍ଲାପାଳ ବୈଠକରେ ଉପସ୍ଥିତ ରହି ଶିକ୍ଷକମାନଙ୍କଠାରୁ ପାଠପଢ଼ା, ଶୃଙ୍ଖଳା ଓ ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ନେଇଥିଲେ। ସେ ବିଷୟଭିତ୍ତିକ ଶିକ୍ଷକମାନଙ୍କ ସହ ଆଲୋଚନା କରି ପୁଅର କାର୍ଯ୍ୟକଳାପର ଦକ୍ଷତା ବିଷୟରେ ମଧ୍ୟ ଅବଗତ ହୋଇଥିଲେ। ଜିଲ୍ଲାପାଳଙ୍କ ଏହି ସରଳତା ଓ ଦାୟିତ୍ୱବୋଧ ଅନ୍ୟ ଅଭିଭାବକଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି। ଶିକ୍ଷକ, ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷା କେବଳ ବିଦ୍ୟାଳୟର ନୁହେଁ, ଅଭିଭାବକଙ୍କ ସକ୍ରିୟ ସହଭାଗିତା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଘଟଣା ପୁଣିଥରେ ପ୍ରମାଣିତ କରିଛି।

## 'ଦୈନିକଆଶା'ର ପ୍ରଭାବ

# ବନ୍ଦ ହେଲା ଲକ୍ଷାଧିକ ଲିଟର ପିଇବା ପାଣିର ଅପଚୟ



କାଳିମେଳା, ୨୯।୭ (ଆନିସ): ଦୀର୍ଘ ଦିନ ଧରି କାଳିମେଳା ସହରର ହାଟପଦା, ମେଡିକାଲ ସମ୍ମୁଖ ଓ ପେଟ୍ରୋଲ ପମ୍ପ ନିକଟରେ ଜାତୀୟ ରାଜପଥ-୩୨୬ ପାର୍ଶ୍ୱରେ ପାଇପ ଲିକେଜ ଯୋଗୁଁ ଲକ୍ଷାଧିକ ଲିଟର ପିଇବା ପାଣି ଅପଚୟ ହେଉଥିବା ଘଟଣାକୁ ଦୈନିକଆଶା ଖବରର ମାଧ୍ୟମରେ ବାରମ୍ବାର ପ୍ରମୁଖତାର ସହ ପ୍ରକାଶ କରିଥିଲା।

ଏହି ସମସ୍ୟା ସମ୍ପର୍କରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ପ୍ରଥମେ କାଲି ମରାମତି କରାଯିବ ବୋଲି କୁହାଯାଇଥିଲା। ଗତ ଗୁରୁବାର ଦିନ ମଧ୍ୟ ସେହି ଆଶ୍ୱାସନ ପୁନରାବୃତ୍ତି କରିଥିଲେ। ପୁନର୍ବାର ଶନିବାର ପୁଣି ଯୋଗାଯୋଗ କରିବାରୁ ସୋମବାର ସୁଦ୍ଧା କାମ ଶେଷ ହେବ ବୋଲି କୁହାଯାଇଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ କାମ ହୋଇନଥିବାରୁ ପିଇବା ପାଣିର ଅପଚୟ ଲଗାତାର ଜାରି ରହିଥିଲା।

ଶେଷରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ମାଲକାନଗିରିର ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ଓ ହସ୍ତକ୍ଷେପ ପରେ ଆଜି କାଳିମେଳାର ହାଟପଦା, ମେଡିକାଲ ସମ୍ମୁଖ, ପେଟ୍ରୋଲ ପମ୍ପ ନିକଟ ସମେତ ସମସ୍ତ ସ୍ଥାନର ପାଇପ ଲିକେଜ ମରାମତି କରାଯାଇଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ଜୟନ୍ତ ପ୍ରଧାନ ସୂଚନା ଦେଇଛନ୍ତି।

ତେବେ ଏହି ମରାମତି କେବଳ ସାମୟିକ ବ୍ୟବସ୍ଥା ନା ସ୍ଥାୟୀ ସମାଧାନ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ସ୍ଥାନୀୟ ବାସିନ୍ଦାମାନେ ଭବିଷ୍ୟତରେ ଏଭଳି ପିଇବା ପାଣିର ଅପଚୟ ପୁନରାବୃତ୍ତି ନ ହେବା ପାଇଁ ବିଭାଗ ପକ୍ଷରୁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ନିର୍ବାଚନ ରୋଲ୍ ପର୍ଯ୍ୟବେକ୍ଷକଙ୍କ ନବରଙ୍ଗପୁର ଗସ୍ତ: -୨୦୨୬ କାର୍ଯ୍ୟର ସମୀକ୍ଷା, ସ୍ୱଚ୍ଛ ନାମାବଳୀ ପାଇଁ ନିର୍ଦ୍ଦେଶ



ନବରଙ୍ଗପୁର,୨୯।୭ (ଆନିସ): ନିର୍ବାଚନ ରୋଲ୍ ପର୍ଯ୍ୟବେକ୍ଷକ ତଥା ସରକାରୀ ଉଦ୍ୟୋଗ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ମହମ୍ମଦ ସାଦିକ୍ ଆଲମ୍, ଆଇଏଏସ୍ ଆଜି ଦ୍ୱିତୀୟ ଥର ପାଇଁ ନବରଙ୍ଗପୁର ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ଅନ୍ତର୍ଗତ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ନିର୍ବାଚନୀ ନାମାବଳୀକୁ ସ୍ୱଚ୍ଛ, ନିର୍ଭୁଲ ଓ ତ୍ରୁଟିମୁକ୍ତ ରଖିବା ସହ ସମସ୍ତ କାର୍ଯ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମୟବଦ୍ଧ ଭାବେ ସମ୍ପନ୍ନ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ଼. ମହେଶ୍ୱର ସ୍ୱାଇଁ ତାଙ୍କୁ ସ୍ୱାଗତ କରିଥିଲେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ନାମାବଳୀ ସଂଶୋଧନ, ଦାବି-ଆପତ୍ତି ନିଷ୍ପତ୍ତି, ବଣ୍ଟନ, ଯୁବ ଭୋଟର ପଞ୍ଜୀକରଣ ଏବଂ ଅନଲାଇନ୍ ଜନ ଅଭିଯୋଗ ନିଷ୍ପତ୍ତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀଯୁକ୍ତ ଆଲମ ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଭତରାସିଉଣି ଗ୍ରାମ ପଞ୍ଚାୟତ ଏବଂ ନବରଙ୍ଗପୁର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ସ୍ଥାନ କ୍ଷେତ୍ର ପରିଦର୍ଶନ କରିଥିଲେ ।

ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ସୂଚନା ମିଳିଥିଲା ଯେ, ଡିଇଓ ଓ ଇଆର୍ଓ ମାନେ ଇରୋନେଟ୍ ରିପୋର୍ଟ ମାଧ୍ୟମରେ ଫର୍ମ-୬, ୬ଏ, ୭ ଓ ୮ର ଆବେଦନ ନିୟମିତ ତଦାରଖ କରୁଛନ୍ତି। ମାନେ ଘରକୁ ଘର ସର୍ଭେ କରୁଥିବା ବେଳେ ୨୭.୦୭.୨୦୨୬ ସୁଦ୍ଧା ମୋଟ ୪୯୪ଟି ଫର୍ମ-୮ ଆବେଦନ ଗ୍ରହଣ କରାଯାଇସାରିଛି। ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ସଂଯୋଜନ ଓ ବିଯୋଜନ ହୋଇଥିବା ୨୦ଟି ଲେଖାଏଁ ମତଦାନ କେନ୍ଦ୍ର ପୁନଃଯାଞ୍ଚ ସମ୍ପନ୍ନ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଭୋଟରଙ୍କଠାରୁ ଫର୍ମ-୬ଏର କୌଣସି ଆବେଦନ ଆସିନାହିଁ।

ଦାବି ଓ ଆପତ୍ତି ଆବେଦନ ଗୁଣାତ୍ମକ ଭାବେ ନିଷ୍ପତ୍ତି କରାଯାଉଥିବା ବେଳେ ସମସ୍ତ ଆବେଦନରେ ନୋଟିସ୍ ଜାରି କରି ରେ ରସିଦ ଅପଲୋଡ୍ କରାଯାଉଛି। ସମସ୍ତ ପକ୍ଷଙ୍କୁ ଶୁଣାଣି ସୁଯୋଗ ଦିଆଯାଉଛି ଏବଂ ଅଭିଲେଖ ଓ ସ୍ତରରେ ସଂରକ୍ଷିତ ରଖାଯାଉଛି।

ଇପିଆଇସି ବଣ୍ଟନ ସମ୍ପର୍କରେ କୁହାଯାଇଥିଲା ଯେ, ଗତ ବର୍ଷଠାରୁ ଛପା ହୋଇଥିବା ୩୯,୭୧୦ଟି ଇପିଆଇସି ସମ୍ପୂର୍ଣ୍ଣ ବଣ୍ଟନ ସରିଛି। ନୂତନ ଭେଣ୍ଡରଙ୍କଠାରୁ ଆସିବାକୁ ଥିବା ୧୫,୫୪୨ଟି ଇପିଆଇସି ପ୍ରାପ୍ତ ହେବା ମାତ୍ରେ ବଣ୍ଟନ କରାଯିବ। ନାମାବଳୀରେ ଥିବା ଖରାପ ଫଟୋଗୁଡ଼ିକୁ ଚିହ୍ନଟ କରି ଫର୍ମ-୮ ମାଧ୍ୟମରେ ସଂଶୋଧନ କରାଯାଉଛି।

ଯୁବ ଭୋଟର ପଞ୍ଜୀକରଣରେ ଉମରକୋଟରେ ୯୬୬, ଝରିଗାଁରେ ୧୩୯୦, ନବରଙ୍ଗପୁରରେ ୧୭୫୦ ଏବଂ ଡାବୁଗାଁରେ ୧୭୨୧ ଜଣ ନୂତନ ଯୁବ ଭୋଟର ପଞ୍ଜୀକୃତ ହୋଇଛନ୍ତି। ଇରୋନେଟ୍ ଭୋଟର ହେଲ୍ପଲାଇନ୍ ଆପ୍, ଏନ୍‌ଜିଏସ୍‌ପି ପୋର୍ଟାଲ ଏବଂ ୧୯୫୦ କଲ୍ ସେଣ୍ଟର ମାଧ୍ୟମରେ ପ୍ରାପ୍ତ ସମସ୍ତ ଜନ ଅଭିଯୋଗର ନିଷ୍ପତ୍ତି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କରାଯାଉଛି। ସୀମାବର୍ତ୍ତୀ ଜିଲ୍ଲାରେ ଦ୍ୱିତୀୟ ଥର ନାମ ପଞ୍ଜୀକରଣ ମାମଲା ଚିହ୍ନଟ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ରିପୋର୍ଟ ପଠାଯାଉଛି।

ଏହି ସମୀକ୍ଷା ବୈଠକରେ ରଜନୈତିକ ଦଳ ଯଥା କଂଗ୍ରେସ ଦଳର ମୁନା ତ୍ରିପାଠୀ ଏବଂ ପ୍ରଦୀପ ସାହୁ, ବିଜୁ ଜନତା ଦଳର ପ୍ରମୋଦ ରଥ, ବି.ଜେ.ପି ଦଳର ସରୋଜ ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମାନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ବିରଞ୍ଚି ନାରାୟଣ ଦରବାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକ୍ଟର ଶ୍ରୀ ଚିନ୍ମୟ ପ୍ରମୁଖ ଉପସ୍ଥିତ ଥିଲେ ।

# ମରାମତି ସତ୍ତ୍ୱେ ଦଶରଥପୁରରେ ନଦୀ ବନ୍ଧ ଟଳ ମଟଳ

## ପ୍ରଶାସନର ସକଳ ପ୍ରଚେଷ୍ଟା ସତ୍ତ୍ୱେ ଗଣ୍ଡ କୂଳରେ ଘାଇ

## ସ୍ଥିତି ପରଖିଲେ ଅବକାରୀ କମିସନର ଅନ୍ୱେଷା ରେଡ୍ଡି



ଯାଜପୁର ୨୯/୭ ( ଆନିସ): ବୈତରଣୀ ଓ ଏହାର ଶାଖା କାଣୀରେ ବନ୍ୟା ସଙ୍ଗୀନ ପରିସ୍ଥିତି ସୃଷ୍ଟି କରିଛି। ଅଧିକାଂଶ ସ୍ଥାନରେ ନଦୀ ବନ୍ଧ ଟଳ ମଟଳ ସ୍ଥିତିରେ। କିଛି ମାସ ତଳେ ମରାମତି ହୋଇ ଥିବା ନଦୀ ବନ୍ଧ ଲଗାଣ ବର୍ଷା ଓ ନଦୀ ଜଳର ସ୍ରୋତକୁ ମୁକାବିଲା କରିବାରେ ବିଫଳ ହୋଇଛି। ତରପଦା,କସପା ପଞ୍ଚାୟତରେ ଏଭଳି ସ୍ଥିତି। ଜଙ୍ଗଲି ସାହି ନଦୀ ବନ୍ଧରେ ଘଳିଆ ଭଳି ବିଭିନ୍ନ ସ୍ଥାନରେ ଘଳିଆ ସୃଷ୍ଟି ହୋଇଛି।ପ୍ରତିକାର ପାଇଁ ଯାବତୀୟ ପ୍ରସ୍ତୁତି ଓ ଘଳିଆ ସୃଷ୍ଟି ନହେବା ପାଇଁ କେଉଁଠି ବାଲି ବସ୍ତା ପକା ଯାଉଛି ତ ଅନ୍ୟ କେଉଁଠି ଜାଫିଲି, ଟିଣ ସିଟ ବ୍ୟବହାର କରାଯାଇ ଘାଇ ସୃଷ୍ଟି ନହେବାକୁ କସରତ ଚାଲିଛି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯାଜପୁରର ପୂର୍ବତନ ଜିଲାପାଳ ତଥା ଅବକାରୀ କମିଶନର ଅନ୍ୱେଷା ରେଡ୍ଡୀ ଗତକାଲି ଠାରୁ ଦଶରଥପୁର ସମେତ ଜିଲାର ଆଶଂକା ଥିବା ବିଭିନ୍ନ ବନ୍ୟା ଅଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗଣ୍ଡକୂଳ ଠାରେ ବନ୍ୟା ଜଳ ବନ୍ଧ ଉପରେ ପ୍ରବାହିତ ହେଉଥିବା ବେଳେ ଶ୍ରୀମତୀ ରେଡ୍ଡୀ ଜିଲା ବିଜେପିର ବରିଷ୍ଠ ନେତା ଗୌତମ ରାୟ,ପ୍ରଶାସନିକ ଅଧିକାରୀ, ଓ ବିଭାଗୀୟ ଅଧିକାରୀଙ୍କ ଗହଣରେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘାଇ ନହେଉ ବୋଲି ପ୍ରାଥମିକତା ଦେଇ କଣ କରାଯାଇପାରିବ ବୋଲି ଉପସ୍ଥିତ ସରକାରୀ ବାବୁ ମାନଙ୍କୁ ପ୍ରଶ୍ନ କରିଥିଲେ । ପ୍ରଶାସନର ସକଳ ପ୍ରଚେଷ୍ଟା ସତ୍ତ୍ୱେ ଗଣ୍ଡ କୂଳରେ ଘାଇ ସୃଷ୍ଟି ହୋଇ ପ୍ରଭୂତ କ୍ଷତି ଘଟାଇଛି। ବ୍ଲକ୍‌ରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ବ୍ଲକ୍ ଅଧୀନ ମଲ୍ଲିକାପୁର, କସପା, ତରପଦା, ଦୁଦୁରାଅନ୍ତା, ଦଉପୁର, ଶୁଶୁଆ, କନିକାପଡ଼ା, ନିଜାମପୁର, କମାରଡିହି, ଖାନନଗର, କୟାଁ ଆଦି ପଞ୍ଚାୟତରେ ତଳିଆ ଅଞ୍ଚଳ ଓ ରାସ୍ତାଘାଟ ଜଳମଗ୍ନ ହେବା ଆଶଙ୍କା ବୃଦ୍ଧି ପାଇଛି। ବୈତରଣୀ ଅବବାହିକାରେ ଥିବା କଟିକଟା, ଜୟନ୍ତରା, ଦଶରଥପୁର ପଞ୍ଚାୟତର ଖାଲୁଆ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବୈତରଣୀ ଓ କାଣୀ ନଦୀବନ୍ଧର ବ୍ରହ୍ମଚାରୀପାଟଣା, କସପା, ବଳରାମପୁର, କଟିକଟା ତରାଇ ସାହି ସମେତ ଏକାଧିକ ବିପଦସଂକୁଳ ସ୍ଥାନରେ ବହୁ ପରିମାଣର ବାଲିବସ୍ତା ମହଜୁଦ ରଖାଯାଇଛି । ବିଜେପି ନେତା ସୁବାସ ଚନ୍ଦ୍ର ମହାନ୍ତି ରାତି ଦିନ ଧରି ବିପଦ ସଙ୍କୁଳ ଥିବା ନଦୀ ବନ୍ଧ ଉପରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ବାଲି ବସ୍ତା ପକାଇବା ର ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି । ଘାଇ ସୃଷ୍ଟି ହେବାର ଥିବା ଅଂଚଳର ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲି ଯିବାକୁ ବିଜେପି ଓ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଲଗାଣ ବର୍ଷାରେ ଭାଙ୍ଗିଲା ମାଟିଘର

# ଅଳ୍ପକେ ବର୍ତ୍ତିଲେ ପରିବାରର ୫ ସଦସ୍ୟ, ୨ ଗୁରୁତର

ବୌଦ୍ଧ, ୨୯।୭ (ଆନିସ): ବୌଦ୍ଧ ବ୍ଲକ ଅଁଳାପାଲି ପଞ୍ଚାୟତ ଅନ୍ତର୍ଗତ ବାଦିକଟା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତ କିଛି ଦିନ ହେବ ଅଞ୍ଚଳରେ ଲାଗି ରହିଥିବା କ୍ରମାଗତ ଲଗାଣ ବର୍ଷା ଯୋଗୁଁ ଗ୍ରାମର ଏକ ମାଟିଘର ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି।



ମିଳିଥିବା ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ପରିବାରର ସମସ୍ତ ସଦସ୍ୟ ଶୋଇଥିବା ଅବସ୍ଥାରେ ହଠାତ୍ ଘରର କାନ୍ଥ ଓ ଛାତ ମାଡ଼ି ବସିଥିଲା। ଘର ଭିତରେ ଥିବା ନରେନ୍ଦ୍ର ମହାନନ୍ଦିଆ, ଉଲାପି ମହାନନ୍ଦିଆ, ଧରଣୀ ଜଗଦଳା, ପୂର୍ଣ୍ଣଚନ୍ଦ୍ର ଜଗଦଳା ଓ ହୃଷିକେଶ ଜଗଦଳା ମାଟି ଓ ଆଜବେଷ୍ଟସ ଆବର୍ଜନା ତଳେ ଚାପି ହୋଇ ରହିଯାଇଥିଲେ। ରାତିରେ ବିକଳ ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଲୋକମାନେ ନିଜ ପ୍ରଚେଷ୍ଟାରେ ସମସ୍ତଙ୍କୁ ଉଦ୍ଧାର କରିଥିବା ବେଳେ ନରେନ୍ଦ୍ର ମହାନନ୍ଦିଆ ଓ ଉଲାପି ମହାନନ୍ଦିଆ ଗୁରୁତର ଭାବେ ଆହତ ହୋଇଛନ୍ତି। ଉଭୟଙ୍କୁ ସଙ୍ଗେ ସଙ୍ଗେ ବାଉଁଶୁନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ମେଡିକାଲ) ରେ ଭର୍ତ୍ତି କରାଯାଇଛି ଏବଂ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି।ପ୍ରକାଶ ଥାଉ କି, ଉକ୍ତ ପରିବାରଟି ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ଏହି ଦେବୀ ଦୁର୍ବିପାକ ପରେ ସେମାନଙ୍କର ମୁଣ୍ଡ ଗୁଞ୍ଜିବାକୁ ଆଉ ଆଶ୍ରୟ ନାହିଁ। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ ଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି।

# ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ଚାଲୁଥିବା ଅଭିଯୋଗର ତଦନ୍ତ ଦାବି

ପୁରୀ, ୨୯।୭: ଆମ୍ ଆଦ୍‌ମୀ ପାର୍ଟି ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ଚାଲୁଥିବା ପ୍ରସଙ୍ଗ ଉଠାଇଥିଲା। ସେହି ଘଟଣା ପରେ ପୁରୀର ଜଣେ ଅତିରିକ୍ତ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ସେ ସସ୍ପେଣ୍ଡ ହୋଇଥିଲେ।
ଏତେ ସବୁ ଘଟଣା ପରେ ମଧ୍ୟ ନୂତନ ଅବକାରୀ ନୀତି ଓ ନୂତନ ଲାଇସେନ୍ସ ପ୍ରଦାନ ପରେ ପୁରୀ ଜେଲ୍ ରୋଡ଼ରେ ଥିବା ଏକ ମଦ ଦୋକାନ ଶ୍ରୀଜଗନ୍ନାଥଙ୍କ ଜମିରେ ଚାଲୁଥିବା ନେଇ ଆମ୍ ଆଦ୍‌ମୀ ପାର୍ଟି ପାଖକୁ ସୂଚନା ଆସିଛି। ଏବଂ ହାଲ ପ୍ଲଟ ନଂ-୪୫୪ ବୋଲି ସୂଚନା ମିଳିଛି । ଆହୁରି ଅଭିଯୋଗ ରହିଛି ଯେ, ପୂର୍ବରୁ ମଧ୍ୟ ସେହି ସ୍ଥାନରେ ମଦ ଦୋକାନ ଥିଲା ଏବଂ ବର୍ତ୍ତମାନ ତାହାର ନବୀକରଣ କରାଯାଇଛି। ଏହି ପ୍ରସଙ୍ଗରେ ପୂର୍ବରୁ ସୂଚନା ଅଧିକାର ଆଇନ ମାଧ୍ୟମରେ ତଥ୍ୟ ମଗାଯାଇଥିଲେ ମଧ୍ୟ ଉତ୍ତର ମିଳିନଥିବା ବୋଲି ଆମ୍ ଆଦ୍‌ମୀ ପାର୍ଟି କହିଛି।ଆମ୍ ଆଦ୍‌ମୀ ପାର୍ଟି ସରକାର ଓ ପ୍ରଶାସନଙ୍କୁ ପ୍ରଶ୍ନ କରୁଛି ଯେ, ଯଦି ପ୍ରକୃତରେ ଶ୍ରୀଜଗନ୍ନାଥଙ୍କ ଜମିରେ ମଦ ଦୋକାନ ଚାଲୁଛି, ତେବେ କେଉଁ ଆଇନଗତ ଆଧାରରେ ଏହାକୁ ଅନୁମତି ଦିଆଯାଇଛି ସରକାର ସ୍ପଷ୍ଟ କରନ୍ତୁ ଯେ ଶ୍ରୀଜଗନ୍ନାଥଙ୍କ ଜମିରେ ମଦ କିମ୍ବା ଅନ୍ୟ କୌଣସି ଅବକାରୀ ସାମଗ୍ରୀ ବିକ୍ରୟ ପାଇଁ ଅନୁମତି ଦିଆଯାଇପାରିବ କି ନାହିଁ।
ଯଦି ଆଇନ ଅନୁଯାୟୀ ଏଭଳି ଅନୁମତି ଦିଆଯାଇପାରିବ ନାହିଁ ଏବଂ ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଯେଉଁ ପ୍ରଶାସନିକ ଅଧିକାରୀମାନେ ଏହାକୁ ଅନୁମତି ପ୍ରଦାନ କରିଛନ୍ତି ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗିରଫ କରାଯାଉ ବୋଲି ଆମ୍ ଆଦ୍‌ମୀ ପାର୍ଟିର ପୁରୀ ଜିଲ୍ଲା ସଭାପତି ଶ୍ରୀ ସଞ୍ଜୀବ କୁମାର ମହାନ୍ତି ଦାବି କରିଛନ୍ତି।
ଆମ୍ ଆଦ୍‌ମୀ ପାର୍ଟି କହିଛି ଯେ, ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିର ସୁରକ୍ଷା ଓ ଆଇନର ସଠିକ୍ ପାଳନ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ତେଣୁ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଲୋକଙ୍କ ସମ୍ମୁଖରେ ଆଣିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଶୀଘ୍ର ଗ୍ରହଣ କରାଯାଉ।

# ଅଭିଯୁକ୍ତଙ୍କୁ ଛଅ ବର୍ଷ ସଶ୍ରମ କାରାଦଣ୍ଡ ରାୟ ପ୍ରଦାନ କଲେ ବାଣପୁର କୋର୍ଟ ବିଚାରପତି

ବାଣପୁର, ୨୯।୭ (ଆନିସ): ମଙ୍ଗଳବାର ଦିନ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ସାନସିରେଇପୁର ଗ୍ରାମର ଏକ ଫୌଜଦାରୀ ମାମଲା ଯାହାର ଏସଟି କେସ ନମ୍ବର ୧୫/ ୬୬,୨୩/୨୨ କୁ ବିଚାରକରି ବାଣପୁର ସହକାରୀ ଦୌରା ଜଜ ଅମରେଶ ମହାପାତ୍ର ଅଭିଯୁକ୍ତ ସିଲୁ ପ୍ରଧାନଙ୍କୁ ଆଇପିସି ଦଫା ୩୨୬ ଓ ଦଫା ୩୦୭ ରେ ଦୋଷୀ ସାବ୍ୟସ୍ତ କରିବା ସହ ୩୦୭ ଦଫାରେ,ଛଅ ବର୍ଷର ସଶ୍ରମ କାରାଦଣ୍ଡ ସହିତ ତିରିଶ ହଜାର ଟଙ୍କା ଜରିମାନା ପ୍ରଦାନ କରିଛନ୍ତି । ସୂଚନା ମୁତାବକ, ୧୦.୦୨.୨୦୨୨ ତାରିଖରେ ସାନସିରେଇପୁର ଗ୍ରାମର ଅଭିମନ୍ୟୁ ଜେନାଙ୍କ ପୁତ୍ର ତପନ ଜେନା ଏକ ଗ୍ୟାରେଜରେ




କାର୍ଯ୍ୟରତ ଥିବାବେଳେ ଅଭିଯୁକ୍ତ ସିଲୁ ପ୍ରଧାନ ଲୁହା ହାତୁଡିରେ ତପନଙ୍କ ମସ୍ତିଷ୍କକୁ ପଛପଟୁ ଶକ୍ତ ପ୍ରହାର କରିଥିଲେ ଯାହାଫଳରେ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତପନ ସଂଜ୍ଞାହୀନ ହୋଇ ତଳେ ପଡିଯାଇଥିଲେ । ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ତପନଙ୍କ ପିତାଙ୍କ ପକ୍ଷରୁ ବାଣପୁର ଥାନାରେ କେସ ନମ୍ବର ୬୨/୨୨ ରେ ମାମଲା ରୁଜୁ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ବାଣପୁର କୋର୍ଟରେ ଉକ୍ତ ମାମଲାର ବିଚାର ଜାରି ରହିଥିବା ବେଳେ ମଙ୍ଗଳବାର ଦିନ ଏହାର ରାୟ ପ୍ରକାଶ ପାଇଛି । ଅଭିଯୋଗକାରିଙ୍କ ପକ୍ଷରୁ ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ ଏବଂ ସିସିଟିଭି ଦୃଶ୍ୟ ଆଧାରରେ ହତ୍ୟା ଉଦ୍ୟମ ଏବଂ ଗୁରୁତର ଆଘାତ ଅଭିଯୋଗ ସତ୍ୟ ପ୍ରମାଣିତ ହେବାରୁ ଉକ୍ତ ଦଣ୍ଡାଦେଶ ଜାରି କରିଛନ୍ତି ବିଚାରପତି ଶ୍ରୀ ମହାପାତ୍ର । ସରକାରଙ୍କ ତରଫରୁ ଉକ୍ତ ମାମଲାକୁ ସରକାରୀ ଓକିଲ ସଚ୍ଚିତ ମିଶ୍ର ଏବଂ ରମେଶ ବିଷୋୟୀ ପରିଚାଳନା କରୁଥିଲେ ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର, ଅସହାୟ ଅବସ୍ଥାରେ ପରିବାର

ବୌଦ୍ଧ, ୨୯।୭ (ଆନିସ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ସ୍ଥିତି ବେହାଲ ରହିଥିବା ବେଳେ , ବୌଦ୍ଧରେ ମଧ୍ୟ ସମଦଶା ଉପୁଜିଛି । ଅବିଶ୍ରାନ୍ତ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହେବା ସହ ବହୁ ସ୍ଥାନରେ କଚା ଘର



ଭାଙ୍ଗି ଥିବା ଦେଖିବାକୁ ମିଳିଛି । ବୌଦ୍ଧ ଜିଲ୍ଲାର ରାମଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଲସପାଟ ଗାଁର ବାସିନ୍ଦା ରାଜୁ ଦ୍ୱାରୀଙ୍କ ଘର ଲଗାଣ ବର୍ଷା ଯୋଗୁଁ ଭାଙ୍ଗିଯାଇଛି। ଲଗାତାର ବର୍ଷାରେ ଘରର କାନ୍ଥ ଓ ଛାତ କ୍ଷତିଗ୍ରସ୍ତ ହୋଇ ଭୁଶୁଡ଼ି ପଡ଼ିଥିବାରୁ ପରିବାର ବର୍ତ୍ତମାନ ଅସହାୟ ଅବସ୍ଥାରେ ରହିଛନ୍ତି।

ଏହି ଘଟଣା ପରେ ପରିବାର ସଦସ୍ୟମାନେ ନିରାପଦ ସ୍ଥାନକୁ ଯାଇଥିବା ସୂଚନା ମିଳିଛି। ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିର ଆକଳନ କରି ଆବଶ୍ୟକ ସହାୟତା ଓ ସରକାରୀ ରିଲିଫ୍ ପ୍ରଦାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## କୃତଜ୍ଞତା ଜ୍ଞାପନ ସତ୍ତ୍ୱେ ବି ଥମୁନି ବିବାଦ

# ପୁରୀ ରଥଯାତ୍ରା ପରିଚାଳନାକୁ ନେଇ ଜୋର ଧରିଲା ପ୍ରଶ୍ନ

ପୁରୀ ୨୯।୭ (ଆନିସ): ଚଳିତ ରଥଯାତ୍ରା ଶୃଙ୍ଖଳାର ସହ ଶେଷ ହୋଇ ଥିବାରୁ ଜିଲ୍ଲା ମୁଖିଆ, ପୋଲିସ,ମନ୍ଦିର ମୁଖିଆ ମାନେ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି।ରଥଯାତ୍ରା ର ପ୍ରଥମ ସୋପାନ ସ୍ନାନ ଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମାପନ ହୋଇଥିଲା।ପରେ ରଥଯାତ୍ରା, ବାହୁଡା ଯାତ୍ରା, ସୁନାବେଶ, ଅଧରପଣା ଓ ରଥଯାତ୍ରା ର ଶେଷ ସୋପାନ ନୀଳାଦ୍ରି ବିଜେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି।ବିଗତ ବର୍ଷ ମାନଙ୍କ ତୁଳନାରେ ପୁରୀ କୁ ଅଧିକ ଶ୍ରଦ୍ଧାଳୁ ଙ୍କ ଆଗମନ ଓ ପ୍ରତିକୂଳ ପାଗ ସତ୍ତ୍ୱେ ମହାପ୍ରଭୁଙ୍କ ଆଶୀର୍ବାଦ ରୁ ସବୁ କିଛି କୁଶଳ, ମଙ୍ଗଳ ରେ ସମ୍ପୂର୍ଣ୍ଣ ହୋଇଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଛନ୍ତି।ଏଥିପାଇଁ ସେ ରାଜ୍ୟ ସରକାର,ଲୋକ ପ୍ରତିନିଧି, ଶ୍ରୀମନ୍ଦିର ପ୍ରଶାସନ, ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ, ସମସ୍ତ ପ୍ରଶାସନିକ ଅଧିକାରୀ,ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ସୁରକ୍ଷା ଅଧିକାରୀ ଓ କର୍ମଚାରୀ,ପୁରୀ ମହାନଗର ନିଗମର ଅଧିକାରୀ ଓ କର୍ମଚାରୀ,ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ଜିଲ୍ଲାର ସମସ୍ତ ନାଗରିକ,ବୁଦ୍ଧିଜୀବୀ ଓ ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି। କିନ୍ତୁ ବାସ୍ତବରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା ଥିଲା। ରଥଯାତ୍ରାରେ ପ୍ରଥମ ଥର ପାଇଁ ବିନା ଟାହିଆରେ ମହାପ୍ରଭୁଙ୍କୁ ରଥକୁ ଅଣାଯିବା, ସେହିଦିନ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରୀଜଗନ୍ନାଥଙ୍କ ରଥ ଅଟକି ରହିଯିବା , ବାହୁଡ଼ା ଯାତ୍ରାରେ ରାତି ୧୨ଟା ପର୍ଯ୍ୟନ୍ତ ରଥ ଟଣା ହେବା, ରଥଯାତ୍ରା ଦିନଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଦଳାଚକଟାରେ ୪ ଜଣଙ୍କ ମୃତ୍ୟୁ ଏବଂ ଶତାଧିକ ଲୋକ ଆହତ ହେବା, ପାସ୍ ବଣ୍ଟନରେ ଅନିୟମିତତା, ସ୍ଥାନୀୟ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ କର୍ଡନ ଭିତରକୁ ପ୍ରବେଶ କରିବାକୁ ନ ଦେଇ ପୁରୀ ବାହାର ଓ ରାଜ୍ୟ ବାହାରରୁ ଆସିଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବହୁ ସଂଖ୍ୟାରେ କର୍ଡନ ଭିତରକୁ ପ୍ରବେଶ ଅନୁମତି ଦିଆଯିବା, ଏପରିକି ସୁନାବେଶ ସମୟରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅଟକାଇବା, ଏବଂ ଏସ.ପି. ପାସ୍ ଓ ଜିଲ୍ଲାପାଳଙ୍କ କର୍ଡନ ପାସ୍ ଥିବା ସତ୍ତ୍ୱେ ମଧ୍ୟ ମେଡିକାଲ ଛକରେ ଜଣେ ପୁଲିସ ଅଧିକାରୀଙ୍କ ଦ୍ୱାରା ଜଣେ ସ୍ଥାନୀୟ ସାମ୍ବାଦିକଙ୍କୁ ମାଡ଼ ମରାଯିବା ଭଳି ଘଟଣା ସମଗ୍ର ରଥଯାତ୍ରା ପରିଚାଳନାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି

# ଓଡ଼ଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ନିକଟରେ ଚାଲିବ ଅସ୍ଥାୟୀ ଗୋଶାଳା

ଓଡ଼ଗାଁ,୨୯।୭(ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଅନ୍ତର୍ଗତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପରିସର ପଛରେ ଥିବା ଖାଲି ସ୍ଥାନରେ ଚାଲିବ ଅସ୍ଥାୟୀ ଗୋଶାଳା । ଏନେଇ ବୁଧବାର ଦିନ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧିକାରୀ ନିହାର ରଞ୍ଜନ ବେହେରା ଏବଂ ଓଡ଼ଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ପ୍ରକାଶ ଚନ୍ଦ୍ର ପଣ୍ଡିତ୍ ଏବଂ ପ୍ରାଣୀ ଚିକିତ୍ସକ ରିପ୍ତେଶ ମହାପାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟତଃ କୁମ୍ଭିଆପଲ୍ଲୀ ସରହଦରେ ଓଡ଼ଗାଁ ଏନ୍‌ଏସି ନିମିତ୍ତ ଏକ ସ୍ଥାୟୀ ଗୋଶାଳା ନିର୍ମାଣ ପାଇଁ ଏନ୍‌ଏସି ଏବଂ ତହସିଲ ପ୍ରଶାସନ ବୁଝାବଣାରେ ସ୍ଥାନ ନିରୂପଣ



ହୋଇଛି । ତେବେ ଏହାକୁ ନିର୍ମାଣ ଓ କାର୍ଯ୍ୟକାରୀ କରିବା ଅଧିକ ସମୟ ସାପେକ୍ଷ। ଏଣୁ ସ୍ଥାୟୀ ଗୋଶାଳା ନିର୍ମାଣ ହେବା ପର୍ଯ୍ୟନ୍ତ ଓଡ଼ଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପଛପାଖ ଖାଲି ସ୍ଥାନକୁ ଅସ୍ଥାୟୀ ଗୋଶାଳା ଭାବେ ବ୍ୟବହାର କରିବା ନିମନ୍ତେ ଆଜିର ବୈଠକରେ ସହମତି ପ୍ରକାଶ ପାଇଥିଲା । ପ୍ରାଥମିକ ଭାବେ ଏନ୍‌ଏସିର ଜଣେ କର୍ମଚାରୀ ଏହାର ଦାୟିତ୍ୱରେ ରହି କାର୍ଯ୍ୟ କରିବେ ଓ ପ୍ରାଣୀ ଚିକିତ୍ସାଳୟ ଦ୍ୱାରା ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବେ । ଏବଂ ପରେ ତୃତୀୟ ପକ୍ଷଙ୍କ ସହାୟତାରେ ଏହାକୁ ସକ୍ରିୟ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ଅନ୍ୟପକ୍ଷରେ ଆଜି ଓଡ଼ଗାଁ ଗୋଶେବକ ସଭ୍ୟ, ଓଡ଼ଗାଁ ଏନ୍‌ଏସି କର୍ମଚାରୀ ଏବଂ ଓଡ଼ଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ବୁଲା ଗାଈ ଗୋରୁଙ୍କ ଦୁର୍ଘଟଣା ପ୍ରସମନ ପାଇଁ ସେମାନଙ୍କ ବେକରେ ରେଡିୟମ୍ ବେଲ୍ଟ ବାନ୍ଧିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବିଭାଗୀୟ ମୁଖ୍ୟ ମାନଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ନୟାଗଡ଼, ୨୯/୭(ଆନିସ) : ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ମଧୁମିତା ରଥ ଅଧ୍ୟକ୍ଷତା କରି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଅତିଥି ଭାବେ



ଯୋଗଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସୁଜାତା କୁମାରୀ ସାହୁ ପ୍ରାରମ୍ଭିକ ସ୍ୱାଗତ ଭାଷଣ ରଖିଥିଲେ । ପୂର୍ବବର୍ଷ ପ୍ରସ୍ତୁତି ବୈଠକର ବିବରଣୀ ପାଠ କରାଯିବା ସହ ଚଳିତ ବର୍ଷ ବୈଠକର ନିଷ୍ପତ୍ତି ଅନୁଯାୟୀ ଆଗାମୀ ଅଗଷ୍ଟ ୧୫ଦିନ ଜିଲ୍ଲାସ୍ତରୀୟ ଜାତୀୟ ପତାକା ଉତ୍ତୋଳନ ସକାଳ ୯ ରେ ଅନୁଷ୍ଠିତ ହେବ । ପ୍ରତ୍ୟେକ କାର୍ଯ୍ୟାଳୟର ମୁଖ୍ୟମାନେ ନିଜ ନିଜର କାର୍ଯ୍ୟାଳୟରେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅଗଷ୍ଟ ୧୧,୧୨ ଓ ୧୩ ତାରିଖରେ ଅଭ୍ୟାସ ପ୍ୟାରେଡ୍ ପି.ଟି.ଏସ. ପଡ଼ିଆ ଠାରେ ଅନୁଷ୍ଠିତ ହେବ । ସ୍କୁଲ ଓ କଲେଜସ୍ତରରେ ଜିଲ୍ଲାସ୍ତରୀୟ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଗଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କାରାଗାରର ଅନ୍ତେବାସୀ ମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବା ପାଇଁ ସ୍ଥିରୀକୃତ ହେଲା ରୋଟାରୀ କ୍ଲବ ଓ ନୟାଗଡ଼ ବ୍ଲଡ୍ ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ କରାଯିବା ପାଇଁ ସ୍ଥିର କରାଗଲା । ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ସାମ୍ବାଦିକ, ଘରୋଇ ବସ ସଂଘର ସଭାପତି, ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ନାଗରିକଏବଂ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ

# ରଣପୁର ତହସିଲରେ ଔଷଧୀୟ ବୃକ୍ଷ ରୋପଣ

ରଣପୁର ୨୯/୭(ଆନିସ ) : ନୟାଗଡ଼ ଜିଲ୍ଲାର ରଣପୁର ତହସିଲ କାର୍ଯ୍ୟାଳୟ ପରିସରରେ ଆଜି ତହସିଲଦାର ଏବଂ ସମସ୍ତ ସରକାରୀ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନଙ୍କ ସହଯୋଗରେ ଅଁଳା, ନିମ୍ବ, ବାହାଡ଼ା, ବେଲ ସମେତ ବିଭିନ୍ନ ମୂଲ୍ୟବାନ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା ଓ ଔଷଧୀୟ ବୃକ୍ଷର ସଂରକ୍ଷଣ ଉଦ୍ଦେଶ୍ୟରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ରଣପୁର ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ଅତିରିକ୍ତ ତହସିଲଦାର କୃଷ୍ଣ ଚନ୍ଦ୍ର ନାୟକ, ଉପ ଅଧିକାରୀ ସୀମାଞ୍ଚଳ ସେଠ, ଶ୍ରୀ ରଞ୍ଜିତ



କୁମାର ଗୁରୁ, ସୁଶୀଲ କୁମାର ନାୟକ ଏବଂ ନିହାର ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ।

# ଗତିଶ୍ୱର ଯୁକ୍ତ ୨ କଲେଜରେ ପ୍ରବେଶ ଉତ୍ସବ

ନୟାଗଡ଼ ,୨୯/୭(ଆନିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ମାଳିସାହି ଗତିଶ୍ବର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ପ୍ରଥମ କରି କଲେଜରେ ପ୍ରବେଶକୁ ନେଇ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷା ଅମିତା ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡ଼ଃ ନମିତା କୁମାରୀ ନାୟକ, ଅଧ୍ୟାପକ ପ୍ରିୟବ୍ରତ ସେନାପତି, ଅଧ୍ୟାପକ ଦିଲିପ କୁମାର ମହାନ୍ତି, ଅଧ୍ୟାପିକା ଇନ୍ଦିରା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀମାନେ ନବାଗତ ଏକାଦଶ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମଥାରେ ପୁଷ୍ପ, ଚନ୍ଦନ ଓ ଅରୁଆଚାଉଳ ଛିଞ୍ଚନ ପୂର୍ବକ ସ୍ୱାଗତ କରିବା ସହ ସ୍ୱାଗତ ଅଭ୍ୟର୍ଥନା ସଭାଗୃହକୁ ପାଛୋଟି ନେଇଥିଲେ। ଅଧକ୍ଷା ଶ୍ରୀମତୀ ଦାଶ ଛାତ୍ରଛାତ୍ରୀମାନଙ୍କୁ କଲେଜର ଶୈକ୍ଷିକ ବାତାବରଣ ଓ ଶିକ୍ଷାଦାନ ପଦ୍ଧତି ଉପରେ ଆଲୋଚନା କରିବା ସହିତ ଉତ୍ତମ ଚାରିତ୍ରୀକ ଗଠନ ଏବଂ ଶାନ୍ତିଶୃଙ୍ଖଳା, ଏକାଗ୍ରତା ଓ କର୍ତ୍ତବ୍ୟବୋଧତା ରହିଲେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସହଜ ସାଧ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିମାନେ ଯୋଗଦେଇ କହିଲେ ଯେ ଉଚ୍ଚ ଶିକ୍ଷାର ମୂଳଦୂଆ ଯୁକ୍ତ ଦୁଇ ଶିକ୍ଷାରୁ ଆରମ୍ଭ, ତେଣୁ କଠୋର ପରିଶ୍ରମରେ ନିଜ ଭବିଷ୍ୟତ ନିଜ ହାତରେ ବୋଲି କହିଥିଲେ। କଲେଜରେ ପ୍ରଥମ କରି ପାଦ ଥାପିଥିବା ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରଥମ ଦିନର ସୁନ୍ଦର ଅନୁଭୂତି ଉପସ୍ଥାପନା କରିଥିଲେ । ଅଧ୍ୟାପକ ଶିବରାମ ପଢିଆରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲା ବେଳେ ଅଧ୍ୟାପକ ସତ୍ୟବାଦୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ

ଫୁଲବାଣୀ,୨୯।୭ (ଆନିସ): ପୁଣି କିଛି ମାସ ର ବ୍ୟବଧାନ ପରେ କନ୍ଧମାଳ ଜିଲ୍ଲାରେ ହାତୀ ଆକ୍ରମଣ ରେ ଜଣଙ୍କ ମୃତ୍ୟୁ ଖବର ମିଳିଛି କନ୍ଧ ମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ଦଙ୍ଗାଏ ଯୁ ଗ୍ରାମର ପ୍ରଦୀପ ପ୍ରଧାନ ଓ ତାଙ୍କ ପରିବାର ନିଜ କ୍ଷେତ କୁ ଚାଷ କରିବା ପାଇଁ ଯାଇଥିଲେ ସନ୍ଧ୍ୟା ହେବା ପୂର୍ବାରୁ ସ୍ତ୍ରୀ ଓ ଝିଅ ଘରକୁ ଫେରି ଆସିଥିଲେ ଆଉ ସଞ୍ଜ ନଇଁବା ପରେ ପ୍ରଦୀପ ଜମି ରୁ ଫେରିବା ବେଳେ ହାତୀ ସହ ମୁହାଁ ମୁହିଁ ହୋଇଥିଲେ ଓ ହାତୀ ତାଙ୍କୁ ଆକ୍ରମଣ କରିଥିଲା ଫଳରେ ପ୍ରଦୀପ ର ମୃତ୍ୟୁ ଘଟିଥିଲା ଗ୍ରାମ ବାସୀ କ୍ଷତି ପୂରଣ ସହ ହାତୀ ଘଉଡ଼ାଇବା ଦାବୀ ରେ ଆଜି ରାସ୍ତା ଅବରୋଧ କରିଥିଲେ ପରେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା ତେବେ ଜି ଉଦୟଗିରୀ,ଟିକାବାଲି ଅଞ୍ଚଳ ରେ ହାତୀ ଆକ୍ରମଣରେ ରେ ବର୍ଷକ ମଧ୍ୟରେ ୫ଜଣଙ୍କ ମୃତ୍ୟୁ ହୋଇସରିଲାଣି ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବୀ ହେଉଛି ।

# ବନମାଳୀପୁଟ ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଜୟପୁର, ୨୯।୭ (ଆନିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ପ୍ରଶାସନ ଦ୍ୱାରା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବନମାଳିପୁଟ ଗ୍ରାମ ପଞ୍ଚାୟତ ର ନିଆଲି ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଅୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଦିବ୍ୟାଙ୍ଗ ମାନଙ୍କ ଚିହ୍ନଟୀକରଣ ଏବେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହିତ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରି ସେବା ପ୍ରଦାନ କରିବା । ଏହି ଶିବିରରେ ୧୨୯ ଜଣ ଦିବ୍ୟାଙ୍ଗଜନଙ୍କ ପଞ୍ଜିକରଣ କରାଯାଇଥିଲା । ସେଥିମଧ୍ୟରୁ ଅସ୍ଥିଶଲ୍ୟ– ୪୭ , ଦୃଷ୍ଟି ବାଧିତ–୧୩ , ଶ୍ରବଣ ତଥା ବାକ୍ ଶକ୍ତି ବାଧିତ–୧୭, ମାନସିକ ରୋଗୀ–୨୪ , ସିକଲସେଲ୍ ଏବଂ ଅନ୍ୟାନ୍ୟ– ୨୮ ଜଣ ଦିବ୍ୟାଙ୍ଗଙ୍କ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ଶିବିରରେ ସହୀଦ ଲକ୍ଷ୍ମଣ ନାୟକ, ଭେଷଜ ମହାବିଦ୍ୟାଳୟ, କୋରାପୁଟ ଏବଂ ଜିଲ୍ଲା ଚିକିତ୍ସାଳୟ, କୋରାପୁଟ, ଜୟପୁରରୁ ବିଭିନ୍ନ ପ୍ରକାର ଭିନ୍ନକ୍ଷମର ଡାକ୍ତର ବିଶେଷଜ୍ଞମାନେ ଏହାର ପରୀକ୍ଷା କରି ଦିବ୍ୟାଙ୍ଗମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ମଞ୍ଜୁରୀ ପ୍ରଦାନ କରିଥିଲେ । ଇତି ମଧ୍ୟରେ ୫ ଜଣ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା ।

ଏହି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅତିଥି ଭାବରେ,ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଙ୍ଗି ,ବନମାଳୀପୁଟ ସରପଞ୍ଚ ଗୋରା ଜାନି ,ବନମାଳିପୁଟ ସମିତିସଭ୍ୟ ଜଗନ୍ନାଥ ହନ୍ତାଳ, ପେଟା ସରପଞ୍ଚ ଓ ସମିତି ସଭ୍ୟ ଏବଂ ଅନ୍ୟାନ୍ୟ ଅତିଥି ବୃନ୍ଦ ଯୋଗଦାନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଲମତାପୁଟ ଖ୍ରୀଷ୍ଟାଦନ ସୁନା, ସିଡିପିଓ, ଇନ୍ଦୁମତୀ ପାଣିଗ୍ରାହୀ ଓପିଇଓ,ବନମାଳିପୁଟ, ରଜିଆ ବିବି ଯୋଗଦାନ ଦେଇଥିଲେ,ଏହି ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ଜୟନ୍ତ କୁମାର ମେହର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲମତାପୁଟ ଙ୍କ ନେତୃତ୍ୱ ରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଲମତାପୁଟ,ନିଲମ ମାନସୀ ଭତ୍ରା, ବ୍ଲକ ସାମଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗୁମାଗୁଡ଼ିଆ, ପ୍ରଧାନ ଶିକ୍ଷକ,ନିଆଲି ଉଚ୍ଚ ବିଦ୍ୟାଳୟ ସନ୍ତୋଷ ତ୍ରିପାଠୀ କନିଷ୍ଠ ସହାୟକ,ଜଗନ୍ନାଥ ନାୟକ, କନିଷ୍ଠ ଶିକ୍ଷକ, ଜଗନ୍ନାଥ ଖେମୁଣ୍ଡୁ, କାର୍ଯ୍ୟକ୍ରମ ସହାୟକ ଶିବ ଖେମୁଣ୍ଡୁ ଏବଂ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଆୟୋଜନ ଓ ପରିଚାଳନା କରାଯାଇଥିଲା । ଏତଦ୍ ବ୍ୟତୀତ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ତରଫରୁ ଉପସ୍ଥିତ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ମାଗଣାରେ ବିଭିନ୍ନ ରୋଗର ଔଷଧପତ୍ର ପ୍ରଦାନ କରାଯାଇଥିଲା ଏବଂ ସ୍ପ୍ରେଡ୍ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ଏବଂ ଆଶାକିରଣ ସୋସାଇଟି ତରଫରୁ ସ୍ୱେଚ୍ଛାକୃତ ଭାବରେ ଦିବ୍ୟାଙ୍ଗମାନଙ୍କୁ ଡାକ୍ତରଙ୍କ ପରୀକ୍ଷା ନିରୀକ୍ଷା କରିବାରେ ସାହାଯ୍ୟ ପ୍ରଦାନ କରିଥିଲେ ।

# ରେଳ ମହାପ୍ରବନ୍ଧକଙ୍କୁ ସାକ୍ଷାତ କଲେ ରୁପ୍ରାରୋଡ ରେଳ ସୁରକ୍ଷା ସମିତି



ନର୍ଲା, ୨୯।୭(ଆନିସ) : ନର୍ଲା ବ୍ଲକ ଅନ୍ତର୍ଗତ ରୁପ୍ରାରୋଡ ଏକ ବାଣିଜ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ ରୂପେ ପରିଚିତ ଥିବା ବେଳେ ଏକ ପୁରାତନ ରେଳ ଷ୍ଟେସନ ମଧ୍ୟ ଅଛି। ଏହି ରେଳ ଷ୍ଟେସନ ରେ କରୋନା ଆଗରୁ ସମତା ,ତିରୁପତି, ଏର୍ଣ୍ଣାକୁଲମ, ବୋକାରୋ – ମାଡ୍ରାସ,ଦୁର୍ଗ–ଜଗଦଲପୁର ଅନେକ ଏକ୍ସପ୍ରେସ୍ ଟ୍ରେନ ରହଣି ଥିଲା । ଯାହା ଫଳରେ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ, ଶ୍ରମଜୀବୀ,ଟୁରିଷ୍ଟ, ଶ୍ରଦ୍ଧାଳୁ ରେଳ ଯୋଗେ ଯିବା ଆସିବା କରି ଉପକୃତ ହୋଇ ଆସିଥିବା ବେଳେ କରୋନା କାଳରେ ଏହି ସବୁ ଏକ୍ସପ୍ରେସ୍ ରହଣି ଉଠାଇ ନେଇ ଥିବାରୁ ରେଳ ଉପଭୋକ୍ତା ୩୦ କିଲୋମିଟର କେସିଙ୍ଗା ଯାଇ ଟ୍ରେନ୍ ଚଢି ଖର୍ଚ୍ଚାନ୍ତ ସହିତ ସମୟ ନଷ୍ଟ କରି ହ୍ଇରାଣ ହରକତ ହୋଇ ଆସୁଛନ୍ତି। ଏହି ଟ୍ରେନ ଗୁଡିକ ରହଣୀ ପାଇ ରାଜନେତା ଠାରୁ ଆରମ୍ଭ କରି ଅଫିସରଙ୍କୁ ଜଣାଇ ଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏଥି ପାଇଁ ରୁପ୍ରାରୋଡ ରେଳ ସୁରକ୍ଷା କମିଟି ଜୁଲାଇ ଶେଷ ପର୍ଯ୍ୟନ୍ତ ଟ୍ରେନ ଗୁଡିକ ଅଟକିବ ନାହିଁ ତାହା ହେଲେ ଅଗଷ୍ଟ ୧ ତାରିଖରେ ରେଳ ରୋକ ଆନ୍ଦୋଳନ କରାଯିବ ବୋଲି ଆଗରୁ ରେଳ ପ୍ରଶାସନକୁ ଜଣାଇଥିଲେ। ଇତି ମଧ୍ୟରେ ଭୁବନେଶ୍ୱର ସ୍ଥିତ ରେଳବାଇ ଜେନେରାଲ ମ୍ୟାନେଜରଙ୍କ ଅଫିସରେ ଜେନେରାଲ ମ୍ୟାନେଜରଙ୍କୁ ରୁପ୍ରାରୋଡ ରେଳ ସୁରକ୍ଷା ସମିତିର ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ଦୀନେଶ ଅଗ୍ରୱାଲ,ପୁଷ୍ପକ ମହାନ୍ତି, ସୁମିତ ଅଗ୍ରୱାଲ, ରାଜେଶ ଦତ୍ତା, ନୀରଜ ଶର୍ମାଙ୍କ ସହିତ ଏକ ଟିମ ସାକ୍ଷାତ କରି ଟ୍ରେନ ରହଣୀ ଓ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ଫାଟକରେ ଏକ ଭୂତଳ ପୋଲ ନିର୍ମାଣ ପାଇଁ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇଥିଲେ। ପ୍ରାୟ ୪୫ ମିନିଟର ଆଲୋଚନା ପରେ ଜେନେରାଲ ମ୍ୟାନେଜର ଟ୍ରେନ୍ ରହଣି ପାଇ ଏକ ମାସ ସମୟ ନେଇଥିବା ବେଳେ ଖୁବ୍ ଶୀଘ୍ର ରେଳବାଇ ଟିମ ଯାଇ ରେଳ ଫାଟକ ନିର୍ମାଣ ପାଇଁ ଯାଞ୍ଚ କରି ରିପୋର୍ଟ ଦେବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସଂପର୍କରେ ସୂଚନା ଦେଇଥିବା ଜଣାଯାଏ।

# ବିଶ୍ୱ ହେପାଟାଇଟିସ୍ ଦିବସ ଅବସରରେ ରାୟଗଡ଼ ଜିଲ୍ଲାକୁ ଦୁଇଟି ରାଜ୍ୟସ୍ତରୀୟ ପୁରସ୍କାର



ରାୟଗଡ଼,୨୯।୭(ଆନିସ) ବିଶ୍ୱ ହେପାଟାଇଟିସ୍ ଦିବସ–୨୦୨୬ ଅବସରରେ ଜାତୀୟ ଭୂତାଣୁଜନିତ ହେପାଟାଇଟିସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ୨୦୨୫––୨୬ ଅନ୍ତର୍ଗତ ରାୟଗଡ଼ ଜିଲ୍ଲା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ରାୟଗଡ଼ ଜିଲ୍ଲାକୁ ଦୁଇଟି ବର୍ଗରେ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି।ହେପାଟାଇଟିସ୍–ବି ସଂକ୍ରମିତ ମାଆଙ୍କ ନବଜାତ ଶିଶୁମାନଙ୍କୁ ସର୍ବାଧିକ ସଂଖ୍ୟାରେ ପ୍ରଦାନ କରିବା କ୍ଷେତ୍ରରେ ରାୟଗଡ଼ ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ, ହେପାଟାଇଟିସ୍–ସି ରୋଗୀଙ୍କ ସଫଳ ଚିକିତ୍ସା କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି।ଏହି ସଫଳତା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାମୂହିକ ପ୍ରୟାସ, ଦକ୍ଷ ନେତୃତ୍ୱ ଏବଂ ସମନ୍ୱିତ କାର୍ଯ୍ୟର ପରିଣାମ ବୋଲି କୁହାଯାଇଛି। ଜିଲ୍ଲା ଟିମ୍ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ, ସାମୁଦାୟିକ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ ଉପକେନ୍ଦ୍ର, , ସ୍ୱେଚ୍ଛାସେବୀ ସଂସ୍ଥା, ଜେଲ୍ କର୍ତ୍ତୃପକ୍ଷ, ଟ୍ରକର୍ସ ଆସୋସିଏସନ୍, , ବ୍ଲଡ୍ ବ୍ୟାଙ୍କ ଏବଂ ସମସ୍ତ ସମ୍ମୁଖ ଧାଡ଼ିର ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠାପୂର୍ଣ୍ଣ ସେବା ଏହି ସଫଳତାର ମୂଳ ଭିତ୍ତି ହୋଇଛି।ଏଥିସହ , , ଜିଲ୍ଲା ସର୍ଭେଲାନ୍ସ ୟୁନିଟ୍ ମାଇକ୍ରୋବାୟୋଲୋଜିଷ୍ଟ, ଏପିଡେମିଓଲୋଜିଷ୍ଟ, ଜିଲ୍ଲାର ସମସ୍ତ ପରୀକ୍ଷାଗାରର ଲ୍ୟାବ୍ ଟେକ୍ନିସିଆନ୍ ଏବଂ ତାଲିମପ୍ରାପ୍ତ ଚିକିତ୍ସକମାନଙ୍କ ଅବଦାନ ମଧ୍ୟ ପ୍ରଶଂସନୀୟ ରହିଛି।ଏହି ଅବସରରେ ଡିପିଏମ୍ ଡ଼ଃ ଲକ୍ଷ୍ମୀଧର ମହାପାତ୍ର, ଡ଼ଃ ମମତା ଚୌଧୁରୀ, ଡ଼ଃ ରୁମା ମହାପାତ୍ର, ଡ଼ଃ ଡି. କେ. ଦେବ ଏବଂ / ଡ଼ଃ ପ୍ରଶାନ୍ତ କୁମାର ମିଶ୍ରଙ୍କ ଦୂରଦର୍ଶୀ ନେତୃତ୍ୱ ଓ ନିରନ୍ତର ମାର୍ଗଦର୍ଶନକୁ ଏହି ସଫଳତାର ପ୍ରମୁଖ ଆଧାର ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ନିରନ୍ତର ପ୍ରୋତ୍ସାହନ, ସହଯୋଗ ଓ ମାର୍ଗଦର୍ଶନ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଟିମ୍ ହେଲଥ୍ ରାୟଗଡ଼ର ସମସ୍ତ ସଦସ୍ୟଙ୍କୁ ଏହି ଗୌରବମୟ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ୨୦୩୦ ସୁଦ୍ଧା ଭୂତାଣୁଜନିତ ହେପାଟାଇଟିସ୍ର ସମ୍ପୂର୍ଣ୍ଣ ନିର୍ମୂଳନ ଲକ୍ଷ୍ୟ ହାସଲ ଦିଗରେ ଏଭଳି ସମନ୍ୱିତ ଏବଂ ନିଷ୍ଠାପୂର୍ଣ୍ଣ ଭାବେ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ କରାଯାଇଛି।

# ଲାଗାଣ ବର୍ଷାରେ ଗୁହାଳ ଭାଙ୍ଗି ଚାରି ଛେଳିଙ୍କ ମୃତ

ଥୁଆମୂଳ ରାମପୁର,୨୯।୭ (ଆନିସ): ଏହି କିଛି ଦିନ ହେଲାଣି ଜିଲ୍ଲାରେ ଲଗାଣ ବର୍ଷା ହେବା ଦ୍ୱାରା ଅନେକଙ୍କ କ୍ଷୟକ୍ଷତି ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କିଆପଦର ଗ୍ରାମପଞ୍ଚାୟତ ଅଧିନରେ ଥିବା ଗୌଡ଼ପଦର ଗ୍ରାମର ଜନୈକ ବ୍ୟକ୍ତି ଭୀମରାଜ ପାଣ୍ଡେ କପାଳଙ୍କର ରାତିରେ ପ୍ରବଳ ବର୍ଷା ହେବାରୁ ତାଙ୍କ ଗୁହାଳ ଭୁଷୁଡି ଯାଇଥିଲା ଗୁହାଳରେ ଥିବା ଚାରିଟି ଛେଳି ଚାପିହୋଇ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି। କିନ୍ତୁ ବିଭାଗୀୟ କୌଣସି ଅଧିକାରୀ କିମ୍ବା ଜନ ପ୍ରତିନିଧି ଘଟଣା ସ୍ଥଳରେ ପହଞ୍ଚି ନଥିବା ବିଷୟକୁ ନେଇ ଦୁଃଖର ପ୍ରକାଶ କରିଛନ୍ତି ଚାଷୀ ପରିବାର। ଏହାପୂର୍ବରୁ ଉକ୍ତ ଗ୍ରାମକୁ କେବେ ମଧ୍ୟ କୌଣସି ବ୍ଲକ କିମ୍ବା ଜିଲ୍ଲା ସ୍ତରୀୟ ଅଧିକାରୀ ପରିଦର୍ଶନ ଯାଇନଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଉକ୍ତ ଗ୍ରାମର ଏହି ଚାଷୀ କେବଳ ଛେଳି ଚାଷକରି ପାଞ୍ଚ କୁଟୁମ୍ବ ପ୍ରତିପୋଷଣ କରି ବର୍ଷକ ଖାଦ୍ୟାଭାବ ଦୂର କରୁଥିବା କୁହାଯାଏ। ଛେଳି ଚାଷ କରି ନିଜ ପୁଅଝିଅଙ୍କୁ ପାଠ ଓ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୁଏ।, ବର୍ତ୍ତମାନ ଦୁଇଟି ଗର୍ଭବତୀ ଛେଳି ଆଉ ଦୁଇଟି ଛେଳି ମୃତ୍ୟୁ ହୋଇଥିବା ଯୋଗୁଁ ଉଭୟ ସ୍ୱାମୀ–ସ୍ତ୍ରୀ ଭାଙ୍ଗିପଡିଛନ୍ତି। ଏଯାଏଁ କ୍ଷତିଗ୍ରସ୍ତ ପରିବାର ପ୍ରତି ପ୍ରଶାସନର ସମବେଦନା ଦେବା ପାଇଁ ବିଭାଗୀୟ ଅଧିକାରୀ ପହଞ୍ଚି ପାରିନଥିବା ଅଭିଯୋଗ ହେଉଛି। ଅପରପକ୍ଷରେ କ୍ଷତିଗ୍ରସ୍ତ ଚାଷୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ତାଲା ଝୁଲୁଥିବା ଦେଖି ନିରାଶରେ ଫେରିଥିଲେ। । ସକାଳୁ ସମସ୍ତ ପଦାଧିକାରୀଙ୍କୁ ଖବର ଦେବା ସତ୍ତ୍ୱେ ମଧ୍ୟ ଘଟଣା ସ୍ଥଳକୁ ଏ ପର୍ଯ୍ୟନ୍ତ କେହି ଯାଇନଥିବା ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଜଙ୍ଗଲ ପାହାଡ ଘେରା ଏହି ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଭଳି ପରିସ୍ଥିତିରେ ଜରୁରୀକାଳୀନ ସମୟରେ କ୍ଷୟକ୍ଷତି ଲୋକଙ୍କୁ ଅତ୍ୟାବଶ୍ୟକୀୟ ସେବା ଯୋଗାଇବା ପାଇଁ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଥିବାବଳେ ଏଠାରେ ସମ୍ପୂର୍ଣ୍ଣ ଭାବରେ ବ୍ୟତିକ୍ରମ ଦେଖାଦେଇଛି। ତେବେ କ୍ଷୟକ୍ଷତି ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।



# ଲଗାଣ ବର୍ଷାରେ କୋରାପୁଟ ଅସ୍ତବ୍ୟସ୍ତ, ପର୍ଯ୍ୟଟକଙ୍କୁ ସତର୍କ ରହିବାକୁ ପରାମର୍ଶ

ଜୟପୁର,୨୯।୭ (ଆନିସ): କୋରାପୁଟ ଜିଲ୍ଲାରେ ଗତ କିଛି ଦିନ ଧରି ଲଗାଣ ବର୍ଷା ଜାରି ରହିଥିବାରୁ ସାଧାରଣ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଲଗାତାର ବର୍ଷା ଯୋଗୁଁ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେଉଥିବାବେଳେ ଘରୁ ବାହାରିବା ମଧ୍ୟ କଷ୍ଟସାଧ ହୋଇପଡ଼ିଛି।

ଜିଲ୍ଲାରେ ମୋଟ ୫୨୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ସୂଚନା ମିଳିଛି। ଅବିରତ ବର୍ଷା ଯୋଗୁଁ ବିଭିନ୍ନ ନଦୀ ଓ ନାଳର ଜଳସ୍ତର ବଢ଼ିବା ଆରମ୍ଭ କରିଛି। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନର ଆଶଙ୍କା ମଧ୍ୟ ବଢ଼ିଥିବାରୁ ପ୍ରଶାସନ ସତର୍କ ନଜର ରଖିଛି।ବର୍ଷା ଋତୁରେ କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଜିଲ୍ଲାକୁ ଆସୁଥିବାବେଳେ, ନଦୀ, ଝରଣା ଓ ପାହାଡ଼ିଆ ଅଞ୍ଚଳକୁ ଯିବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ସମେତ ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ପର୍ଯ୍ୟଟକଙ୍କୁ ଅନାବଶ୍ୟକ ବିପଦପୂର୍ଣ୍ଣ ସ୍ଥାନକୁ ନଯିବା ଏବଂ ପାଣି ପ୍ରବାହ ଥିବା ସ୍ଥାନରେ ସତର୍କ ରହିବାକୁ ଅନୁରୋଧ କରିଛନ୍ତି। ପ୍ରଶାସନ ପକ୍ଷରୁ ପାଣିପାଗର ସଦ୍ୟତମ ସୂଚନା ଉପରେ ନଜର ରଖିବା ସହ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି।

## ଚୁଡ଼ିଆଲାଞ୍ଜି ଡବଲ ମର୍ଡର ମାମଲାରେ ବଡ଼ ରାୟ

# ମାଆ-ପୁଅ ହତ୍ୟାକାଣ୍ଡରେ ଭଣଜା ଓ ସହଯୋଗୀ ମାଇଁଙ୍କୁ ଆଜୀବନ କାରାଦଣ୍ଡ

### ଅନୈତିକ ସମ୍ପର୍କ ପ୍ରଘଟ ଭୟରେ ଘଟିଥିଲା ଜଘନ୍ୟ ହତ୍ୟା

ପାତ୍ରପୁର,୨୯।୭ (ଆନିସ): ବହୁଚର୍ଚ୍ଚିତ ଚୁଡ଼ିଆଲାଞ୍ଜି ମାଆ–ପୁଅ ଡବଲ ମର୍ଡର ମାମଲାରେ ଆସିଛି ବଡ଼ ରାୟ। ଜଘନ୍ୟ ହତ୍ୟାକାଣ୍ଡରେ ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ମାନ୍ୟବର ବ୍ରହ୍ମପୁର ଓପିଆଇଡି କୋର୍ଟ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଦଣ୍ଡିତ ଦୁଇଜଣ ହେଲେ ମୃତ ଡି. ନିଳାବେଣୀଙ୍କ ଭଣଜା ଗାଲି ଦେବେନ୍ଦ୍ର ଏବଂ ତାଙ୍କ ସହଯୋଗୀ ଡି. ଗୁନାମ୍ମା।

ଜରଡ଼ା ଥାନା ଅନ୍ତର୍ଗତ ଚୁଡ଼ିଆଲାଞ୍ଜି ଗାଁରେ ଗତ ୨୦୨୪ ଫେବୃଆରୀ ୧୮ ତାରିଖ ମଧ୍ୟରାତ୍ରରେ ଘଟିଥିବା ଏହି ଡବଲ ମର୍ଡର ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଥିଲା। ଘଟଣାରେ ଡି. ନିଳାବେଣୀ ଏବଂ ତାଙ୍କ ୭ ବର୍ଷର ସାନପୁଅ ଡି. ରିତିକଙ୍କ ମୃତ୍ୟୁ ହୋଇଥିଲା। ପୋଲିସର ତଦନ୍ତ ଅନୁସାରେ, ଦେବେନ୍ଦ୍ର ଓ ଗୁନାମ୍ମାଙ୍କ ମଧ୍ୟରେ ଦୀର୍ଘଦିନ ଧରି ରହିଥିବା ଅନୈତିକ ସମ୍ପର୍କରେ ନିଳାବେଣୀ ଜାଣି ଯାଇଥିଲେ। ଏହି ସମ୍ପର୍କ ପ୍ରଘଟ ହୋଇଯିବାର ଭୟ ଏବଂ ଏହାକୁ ନେଇ ନିଳାବେଣୀଙ୍କ ବିରୋଧକୁ କେନ୍ଦ୍ର କରି ହତ୍ୟା ଯୋଜନା ହୋଇଥିବା ତଦନ୍ତରେ ସାମ୍ନାକୁ ଆସିଥିଲା। ଯୋଜନା ଅନୁସାରେ ଗୁନାମ୍ମା ଛାତର କବାଟ ଖୋଲା ରଖିଥିବା ଏବଂ ପରେ ଦେବେନ୍ଦ୍ର ଛାତ ରାସ୍ତା ଦେଇ ଘର ଭିତରକୁ ପ୍ରବେଶ କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିଲା। ଏହାପରେ ଶୋଇଥିବା ନିଳାବେଣୀଙ୍କୁ ଗଳା ଚିପି ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିଲା। ଘଟଣା ସମୟରେ ନିଳାବେଣୀଙ୍କ ସାନପୁଅ ରିତିକ ଉଠିବାରୁ ହତ୍ୟାକାଣ୍ଡର ସାକ୍ଷୀ ହୋଇଯିବା ଭୟରେ ଛୋଟ ଛୁଆକୁ ମଧ୍ୟ ହତ୍ୟା କରାଯାଇଥିଲା।

ଘଟଣା ପରେ ଜରଡ଼ା ପୋଲିସ ପକ୍ଷରୁ ୭୨/୨୪ ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ମୋବାଇଲ ଫୋନ୍? କଲ୍? ରେକର୍ଡ ସମେତ ବିଭିନ୍ନ ଦିଗରୁ ତଥ୍ୟ ସଂଗ୍ରହ କରିଥିଲା। ଜେରା ପରେ ଦେବେନ୍ଦ୍ର ଓ ଗୁନାମ୍ମାଙ୍କ ଭୂମିକା ସାମ୍ନାକୁ ଆସିଥିଲା। ଉଭୟଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲା।

ଦୀର୍ଘ ଆଇନଗତ ପ୍ରକ୍ରିୟା ପରେ ଆଜି ମାନ୍ୟବର ବ୍ରହ୍ମପୁର ଓପିଆଇଡି କୋର୍ଟ ମାମଲାର ରାୟ ପ୍ରକାଶ କରି ଦୁଇ ଦୋଷୀ ଦେବେନ୍ଦ୍ର ଓ ଗୁନାମ୍ମାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ରାୟ ପରେ ଚୁଡ଼ିଆଲାଞ୍ଜି ଡବଲ ମର୍ଡର ମାମଲାରେ ଏକ ଅଧ୍ୟାୟର ଅନ୍ତ ଘଟିଛି। ଅନୈତିକ ସମ୍ପର୍କର ଅନ୍ଧାରରେ ବଳି ପଡ଼ିଥିଲେ ଜଣେ ମାଆ ଓ ଜଣେ ନିଷ୍ପାପ ଶିଶୁ। ଆଜିର ଆଜୀବନ କାରାଦଣ୍ଡ ରାୟ ଜଘନ୍ୟ ହତ୍ୟାକାଣ୍ଡରେ ଆଇନର କଠୋରତାର ଏକ ବାର୍ତ୍ତା ଦେଇଛି।

# ଗଜପତି ଜିଲ୍ଲାର ରାୟଗଡ଼ ଥାନାରେ ''ଆମ ପୋଲିସ ସମିତି'' କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରଳାଖେମୁଣ୍ଡି ୨୯।୭ (ଆନିସ): ଗଜପତି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ରାୟଗଡ଼ ବ୍ଲକର ରାୟଗଡ ଥାନା ପରିସରରେ ''ଆମ ପୋଲିସ ସମିତି'' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ସଡ଼କ ସୁରକ୍ଷା, ସାଇବର ସଚେତନତା, ନିଶାମୁକ୍ତ ସମାଜ ଗଠନ ଏବଂ ବାଲ୍ୟବିବାହ ରୋକିବା ଉପରେ ସଚେତନ କରାଯାଇଛି।ଗଜପତି ଜିଲ୍ଲାର ରାୟଗଡ଼ ଥାନା ପରିସରରେ ଆଜି ସକାଳ ୧୧ଟାରେ ''ଆମ ପୋଲିସ ସମିତି'' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଥାନା ଅଧିକାରୀ ପ୍ରମଦ କୁମାର ଖଣ୍ଡୁଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ.ଆଇକୃଷ୍ଣ ସେଠି, ଏଏସଆଇ ସୁରଥ ଭୂୟାଁ, ଏଏସଆଇ ଦେବାଶିଷ ପାତ୍ର ଓ ରାୟଗଡ଼ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସହୋଯୋଗର ବାତାବରଣ ସୃଷ୍ଟି ହେବା ସହ ଓ ସହଯୋଗ ବୃଦ୍ଧି କରିବା। ଏହି ଅବସରରେ ସଡ଼କ ସୁରକ୍ଷା ନିୟମ ପାଳନ, ହେଲମେଟ୍? ପିନ୍ଧି ଯାନ ଚାଳନା, ମଦ୍ୟପାନ କରି ଗାଡ଼ି ନ ଚଳାଇବା ଏବଂ ସାଇବର ଠକେଇରୁ ସତର୍କ ରହିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା।

ଏହାସହ ଗ୍ରାମାଞ୍ଚଳରେ ଅବୈଧ ଦେଶୀ ମଦ ବିକ୍ରିକୁ ବିରୋଧ କରିବା, ନିଶାମୁକ୍ତ ସମାଜ ଗଠନରେ ସହଯୋଗ କରିବା ଏବଂ ବାଲ୍ୟବିବାହ ବିରୋଧରେ ସ୍ୱର ଉଠାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଥିଲା। ସଚେତନ ଓ ସୁରକ୍ଷିତ ସମାଜ ଗଠନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା।

# ପାର୍ଶ୍ୱବର୍ତ୍ତୀ ଗ୍ରାମର ନିଯୁକ୍ତିପ୍ରାପ୍ତ ଯୁବକଙ୍କୁ ୟୁଏଆଇଏଲ୍ର ସମ୍ବର୍ଦ୍ଧନା



ରାୟଗଡ଼ା, ୨୯।୭(ଆନିଆ): ଉତ୍କଳ ଆଲୁମିନା, (ୟୁଏଆଇଏଲ୍) ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମର ନଅଜଣ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ବେଙ୍ଗାଲୁରୁ ସ୍ଥିତ ଅଗ୍ରଣୀ ଗୃହ ଉପକରଣ ଓ ପ୍ରିସିଜନ୍ ଇଞ୍ଜିନିୟରିଂ ଉପାଦାନ ନିର୍ମାତା ସଂସ୍ଥା ଆଇଏଫ୍‌ବି ରେ ୱେଲ୍ଡର ଟେକ୍ନିସିଆନ୍ ଭାବେ ନିଯୁକ୍ତି ପାଇଛନ୍ତି ।ନିଯୁକ୍ତିପ୍ରାପ୍ତ ଯୁବକମାନଙ୍କ ମଧ୍ୟରେ ବାଗ୍ରିଝୋଲା ଗ୍ରାମର ୬ ଜଣ ଏବଂ ସନାମାଟିକଣା, ପିଣ୍ଡକାପଦର ଓ ବଦଲିଝରଣ ଗ୍ରାମର ଜଣେ ଲେଖାଏଁ ଯୁବକ ଥିବା ବେଳେ ସେମାନେ ୟୁଏଆଇଏଲ୍ର ସିଏସ୍‌ଆର୍ ଅନ୍ତର୍ଗତ କୌଶଳ ପ୍ରକଳ୍ପ ଅଧୀନରେ ରାୟଗଡ଼ା ସ୍ଥିତ ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର (ଏବିଏସ୍‌ସି)ରେ ତିନି ମାସିଆ ୱେଲ୍ଡିଂ ପ୍ରଶିକ୍ଷଣ ସମାପ୍ତ କରିଥିଲେ । ଏହି ପ୍ରକଳ୍ପ ସ୍ଥାନୀୟ ଯୁବକମାନଙ୍କର ନିଯୁକ୍ତି ଯୋଗ୍ୟତା ବୃଦ୍ଧି ସହ ସେମାନଙ୍କ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିଛି ।

ପ୍ରଶିକ୍ଷଣ ପାଇଁ ପ୍ରାର୍ଥୀମାନଙ୍କୁ ଚିହ୍ନଟ, ସଚେତନ ଓ ପ୍ରୋତ୍ସାହିତ କରିବାରେ ୟୁଏଆଇଏଲ୍ର ସିଏସ୍‌ଆର୍ ଟିମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏଥିସହ ପ୍ରଶିକ୍ଷଣ ଅବଧିରେ ସେମାନଙ୍କର ଯାତାୟାତ ଓ ଖାଦ୍ୟ ବ୍ୟୟ ମଧ୍ୟ ୟୁଏଆଇଏଲ୍ ପକ୍ଷରୁ ବହନ କରାଯାଇଥିଲା ।ଏହି ଅବସରରେ ନିଯୁକ୍ତି ହାସଲ କରିଥିବା ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ୟୁଏଆଇଏଲ୍ର ସିଏସ୍‌ଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର କହିଥିଲେ ଯେ, ସ୍ଥାନୀୟ ସମୁଦାୟର ସାମଗ୍ରିକ ବିକାଶ ପାଇଁ ୟୁଏଆଇଏଲ୍ ଦକ୍ଷତା ବିକାଶ, ଜୀବିକା ସୃଷ୍ଟି, ମହିଳା ସଶକ୍ତୀକରଣ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରିଆସୁଛି । ଏହା ମାଧ୍ୟମରେ ଅଞ୍ଚଳର ସମନ୍ୱିତ ଓ ନିରନ୍ତର ବିକାଶ ସୁନିଶ୍ଚିତ କରାଯାଉଛି ।ହାଡ଼ିଗୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଯଦୁମଣି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିଯୁକ୍ତିପ୍ରାପ୍ତ ଯୁବକମାନଙ୍କର ଅଭିଭାବକ, ଏବିଏସ୍‌ସିର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ୟୁଏଆଇଏଲ୍ ପ୍ଲାଣ୍ଟର ସିଏସ୍‌ଆର୍ ଡିଏଚ୍ ଦିଗନ୍ତ ମହାନ୍ତି, ସୁଧୀର ନାୟକ ଓ ଅନ୍ୟାନ୍ୟ ସିଏସ୍‌ଆର୍ ଅଧିକାରୀମାନେ ନବନିଯୁକ୍ତ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସମସ୍ତ ନୂତନ କାର୍ଯ୍ୟସ୍ଥଳକୁ ଯୋଗଦେବା ପୂର୍ବରୁ ସେମାନଙ୍କୁ ୟୁଟିଲିଟି କିଟ୍ ମଧ୍ୟ ବଣ୍ଟନ କରାଯାଇଥିଲା।

# ଅଳ୍ପକେ ବର୍ତିଲେ ନାବାଳକ ଓ ଟ୍ରାକ୍ଟର ଡ୍ରାଇଭର ଭରା ନଈରେ ଫସିଲା ଟ୍ରାକ୍ଟର



ରାୟଗଡା, ୨୯।୭(ଆନିସ) ଭରା ନଦୀରେ ଟ୍ରାକ୍ଟର ଅତିକ୍ରମ ବେଳେ ଆଜି ଗୋଟିଏ ଟ୍ରାକଟର ଫସିଯାଇଥିଲା ଏବଂ ସୌଭାଗ୍ୟ ବଶତଃ ଦୁଇ ଜଣ ମୃତ୍ୟୁମୁଖରୁ ବଞ୍ଚିଯାଇଛନ୍ତି ଆଜି ଚାଷ କାମରେ ଏମାଲିଗୁଡା ଗ୍ରାମର ପ୍ରକାଶ ପେଦାଣ୍ଟି ଜଣେ ନାବାଳକଙ୍କୁ ଧରି ନାଗାବଳୀ ନଦୀ ପାର ହେଉଥିଲେ ହାଠାତ ନଦୀରେ ବର୍ଷା ପାଣି ଚାଲି ଆସିବାରୁ ଟ୍ରାକଟର ଟି ଆଗକୁ ଯାଇ ପାରିନଥିଲା ଫଳରେ ଦୀର୍ଘଘଣ୍ଟା ଧରି ଡ୍ରାଇଭର୍ ଓ ଜଣେ ନାବାଳକ ପାଣି ଭିତରେ ଫସିଯାଇଥିଲେ। ପାଣିର ସ୍ରୋତରେ ଦୁଇ ଜଣ ଫସିଯାଇଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ମାନେ ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣା ରାୟଗଡା ଜିଲ୍ଲା କୋଲନରା ବ୍ଲକ ପାଇକପଡା ଅଂଚଳରୁ ଇମାଲିଗୁଡା ଅଞ୍ଚଳକୁ ପ୍ରକାଶ ପେଦେଣ୍ଟି ଟ୍ରାକ୍ଟର ଯୋଗେ ନାଗବଳୀ ନଦୀ ପାର ହୋଇ ନିଜ ଚାଷ ଜମିକୁ ଯାଇଥିଲେ। ହେଲେ ଫେରିବା ବେଳେ ନଦୀରେ ପ୍ରବଳ ସ୍ରୋତରେ ବର୍ଷା ଜଳ ମାଡି ଆସିଥିଲା। ପାଖରେ ତାଙ୍କ ସଂପର୍କୀୟ ନାବାଳକ ପୁତୁରା ହରି ପେଦେଣ୍ଟି ମଧ୍ୟ ରହିଥିଲେ। ତେବେ ନଦୀରେ ପାଣି ପ୍ରବଳ ବେଗରେ ଆସିବା ଯୋଗୁଁ ଦୁହେଁ ଦୀର୍ଘ ଘଣ୍ଟା ଧରି ନଦୀ ଗର୍ଭରେ ରହିଯାଇଥିଲେ। ପାଣିର ବେଗ ଦେଖି ଭିତରକୁ ଯିବାକୁ କେହି ସାହାଶ କରିନଥିବା ବେଳେ ଇନ୍ତାଲିଗୁଡା ଗ୍ରାମର କିଛି ଯୁବକଙ୍କ ସହାୟତାରେ ନଦୀ ଭିତରେ ପ୍ରବେଶ କରି ଉଦ୍ଧାର କରିଥିଲେ। ଇନ୍ତାଲିଗୁଡା ନିକଟରେ ନାଗାବଳୀ ନଦୀ ପ୍ରବାହିତ ହେଉଥିବା ବେଳେ ଅନେକ ଗ୍ରାମ ନଦୀ ଆରପାଖରେ ରହିଛି। ସେହିପରି ଗ୍ରାମବାସୀ ଙ୍କ ଜମି ମଧ୍ୟ ରହିଛି। ଏଣୁ ନଦୀ ଉପରେ ଏକ ସ୍ଥାୟି ପୋଲ ନିର୍ମାଣ କଲେ ପ୍ରାୟ ୧୦ଖଣ୍ଡ ଗ୍ରାମର ଲୋକେ ଉପକୃତ ହୋଇପାରିବେ ସାମାଜିକ କର୍ମୀ ବିଜୟ ମେଲେକା ଦାବି କରିଛନ୍ତି କହିଛନ୍ତି।

## ■ 'ଦୈନିକ ଅଶା'ର ପ୍ରଭାବ

# ସ୍ୱାଭିମାନ ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ଡ଼ଙ୍ଗା, ଜାଲ ଓ ଲାଇଭ ଜାକେଟ ବଣ୍ଟନ



ଚିତ୍ରକୋଣ୍ଡା,୨୯।୭ (ଆନିସ): ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ଜଳଭଣ୍ଡାର ଉପରେ ନିର୍ଭରଶୀଳ ଶତାଧିକ ମତ୍ସ୍ୟଜୀବି ପରିବାରର ଜୀବନ ଜୀବିକା ସୁଦୃଢ କରିବା ଉଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସେତୁ ଯୋଜନା ମାଧ୍ୟମରେ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ହିତାଧିକାରୀ ମାନଙ୍କୁ ମାଗଣାରେ ନୂତନ ଡ଼ଙ୍ଗା, ଜାଲ ଏବଂ ଲାଇଭ ଜାକେଟ ଯୋଗାଣ ଯୋଜନା ଆରମ୍ଭ ହୋଇଥିଲା।କିନ୍ତୁ ଏହି ବାବଦରେ ବିଭାଗ ପକ୍ଷରୁ ମୋଟ ୪୦୦ ଟି ଡ଼ଙ୍ଗା ଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ହୋଇ ଦୀର୍ଘ ୬ ମାସରୁ ଉର୍ଦ୍ଧ ଦିନ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଅଞ୍ଚଳର ହିତାଧିକାରୀଙ୍କୁ ଡ଼ଙ୍ଗା ବଣ୍ଟନ କରାଯାଇ ନ ଥିଲା।ଯାହା ଫଳରେ ପ୍ରାୟ ୪୦୦ ଟି ନୂତନ ଡ଼ଙ୍ଗା ଖରା, ବର୍ଷା ରେ ପଡିରହି ନଷ୍ଟ ହେଉଥିବା ସମ୍ପର୍କରେ ଗତ –୧୮–୭–୨୦୨୬ ରିଖରେ ଦୈନିକ ଆଶା ଖବର କାଗଜରେ ଏହି ଖବର ବିସ୍ତୃତ ଭାବେ ପ୍ରକାଶ ପାଇବା ପରେ ଜିଲ୍ଲା ମତ୍ସ୍ୟ ବିଭାଗ ହିତାଧିକାରୀଙ୍କୁ ନୂତନ ଡ଼ଙ୍ଗା, ଜାଲ ଏବଂ ଲାଇଭ ଜାକେଟ ବଣ୍ଟନ ପାଇଁ ତତ୍ପରତା ଦେଖାଇଛି।

ମାଲକାନଗିରି ଜିଲ୍ଲା ମତ୍ସ୍ୟ ବିଭାଗର ଅଧିକାରୀ ସୁଧାଂଶୁ କୁମାର ମଲିକଙ୍କ ନେତୃତ୍ୱରେ ମଙ୍ଗଳବାର କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଅଧୀନ ପିପଲପଦର ଠାରେ ସେତୁ ଯୋଜନା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ମତ୍ସ୍ୟଜୀବି ମାନଙ୍କୁ ଡ଼ଙ୍ଗା, ଜାଲ ଏବଂ ଲାଇଭ ଜାକେଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକଙ୍କ ଜିଲ୍ଲା ପ୍ରତିନିଧି ଗୋବିନ୍ଦ ପାତ୍ର, ବିଜେପିର ମାଲକାନଗିରି ଜିଲ୍ଲା ଉପ ସଭାପତି ଭବାନୀ ମୁଖାର୍ଜୀ,ଫିସରୀ ବିଭାଗର ଡେପୁଟି ଡାଇରେକ୍ଟର ସନ୍ତୋଷ କୁମାର ଦଳେଇ, ରାଜ୍ୟ ଓପିଡିସିର ଅତିରିକ୍ତ ଜେନେରାଲ ମ୍ୟାନେଜର ଓରହ୍ଲାଦ ଚୌଧୁରୀ, ବିଭାଗୀୟ ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମଧୁମୟ ସାମଲ,ମାଲକାନଗିରି ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶାସ୍ୱତମହାନ୍ତି ପ୍ରମୁଖ ଯୋଗ ଦେଇ ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ଏହି ସେତୁ ଯୋଜନା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ପ୍ରକୃତ ହିତାଧିକାରୀ ମାନଙ୍କୁ ମାଗଣାରେ ଡ଼ଙ୍ଗା, ଜାଲ ଏବଂ ଲାଇଭ ଜେଜେଟ ବଣ୍ଟନ କରିବା ସମ୍ପର୍କରେ ଏବଂ ହିତାଧିକାରୀ ମାନେ ଏହି ଡ଼ଙ୍ଗା ସାହାର୍ଯ୍ୟରେ ଚିତ୍ରକୋଣ୍ଡା ଡ୍ୟାମରୁ ମାଛ ଧରି ଆଣିବା ପରେ ଏହାକୁ ସୁଲଭ ଦରରେ ବିକ୍ରୀ କରି କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ସଭାରେ ଉପସ୍ଥିତ ଥିବା ସମସ୍ତ ହିତାଧିକାରୀ ଓ ଅଞ୍ଚଳବାସୀଙ୍କୁ ବିସ୍ତୃତ ଭାବେ ବୁଝାଇ କହିଥିଲେ। ଏହା ପରେ

କାଳିଆ ଘାଟ ପ୍ରାଥମିକ ମତ୍ସ୍ୟଜୀବି ସମବାୟ ସମିତି ଯନ୍ତ୍ରୀର ସଦସ୍ୟ, ମାଗଙ୍ଗା ଦେବୀ ପଣସପୁଟ ସମିତି, ମାଜଳେଶ୍ୱରୀ ଅଣ୍ଡରାପାଲି ସମିତି, ମା ଭୈରବୀ ଯୋଡାମ୍ବ ସମିତି ଏବଂ ସୁଢ଼େଙ୍ଗେଶ୍ୱର ଡ଼ାଇକ–୧ ର ମତ୍ସ୍ୟଜୀବି ସମିତିର ସଦସ୍ୟ ମାନଙ୍କୁ ଅତିଥି ଓ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ମୋଟ ୧୫୦ ଟି ଡ଼ଙ୍ଗା, ଜାଲ ଏବଂ ଲାଇଭ ଜାକେଟ ବଣ୍ଟନ କରାଯାଇଥିଲା।। ଚିତ୍ରକୋଣ୍ଡାର ଜାନବାଇ ଏବଂ ସ୍ୱିଲବାଇ ଘାଟରେ ବିଭାଗ ପକ୍ଷରୁ ଅନ୍ୟ ବାକି ରହିଥିବା ଅନ୍ୟ ହିତାଧିକାରୀ ମାନଙ୍କୁ ୨୫୦ ଟି ଡ଼ଙ୍ଗା, ଜାଲ ଏବଂ ଲାଇଭ ଜାକେଟ ବିଭାଗ ପକ୍ଷରୁ କାଲିଠାରୁ ବଣ୍ଟନ କରାଯିବ ବୋଲି ଚିତ୍ରକୋଣ୍ଡା ଅତିରିକ୍ତ ମତ୍ସ୍ୟ ଅଧିକାରୀ ମନୋଜ କୁମାର ଜେନା କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ମତ୍ସ୍ୟ ଅଧିକାରୀ ଶ୍ରୀ ଜେନାଙ୍କ ସମେତ ବିଭାଗର କର୍ମଚାରୀ ମଧୁସ୍ମିତା ବେଉରା, ସୁଶାନ୍ତ ମାଝୀ, ବାଳକୃଷ୍ଣ କାଡ୍ରାକା ଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ରଣପୁର ପୋଲିସ ଦ୍ୱାରା ୫.୫ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ରଣପୁର, ୨୯/୭(ଆନିସ ) : ନୟାଗଡ଼ ଜିଲ୍ଲା ରଣପୁର ପୋଲିସ ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନକୁ ଜୋରଦାର କରି ଜଣେ ଯୁବକଙ୍କ ନିକଟରୁ ୫.୫ ଗ୍ରାମ ବ୍ରାଉନ ସୁଗାର (ହେରୋଇନ୍) ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଏକ ମୋଟରସାଇକେଲ, ଏକ ମୋବାଇଲ ଫୋନ ଓ ₹୧,୧୦,୩୫୦ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ ସମୟରେ ରଣପୁର ଥାନାର ଏସ୍.ଆଇ. ହାସିନା ପ୍ରଧାନ ସଦଳବଳେ ଚଣ୍ଡେଶ୍ୱର ମନ୍ଦିର ନିକଟରେ ସକାଳ ପେଟ୍ରୋଲିଂ କରୁଥିବା ବେଳେ ଏକ ମୋଟରସାଇକେଲ (ନଂ ୨୫ ୪୨୮୫) ଆରୋହୀ ପୋଲିସକୁ ଦେଖି ସନ୍ଦେହଜନକ ଭାବେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହାପରେ ପୋଲିସ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚରୁ ଉକ୍ତ ବ୍ୟକ୍ତି ରଣପୁର ଥାନା ଅନ୍ତର୍ଗତ କଦମସାହି ଗ୍ରାମର ସ୍ୱପ୍ନେଶ୍ୱର ବେହେରା ଓରଫ ମନୋଜ ବେହେରା (୨୨) ବୋଲି ଜଣାପଡ଼ିଥିଲା। ଏନ୍.ଡି.ପି.ଏସ୍. ଆଇନର ଧାରା–୫୦ ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରାଯାଇ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କ ଦେହ ତଲାସୀ କରାଯାଇଥିଲା। ତଲାସୀ ବେଳେ ତାଙ୍କ ନିକଟରୁ ୫.୫ ଗ୍ରାମ (ନେଟ୍) ବ୍ରାଉନ ସୁଗାର ଜବତ କରାଯାଇଥିଲା।ଏହା ସହିତ ତାଙ୍କ ବ୍ୟବହୃତ ମୋଟରସାଇକେଲ, ଏକ ମୋବାଇଲ ଫୋନ ଏବଂ ₹୧,୧୦,୩୫୦ ନଗଦ ଟଙ୍କା ମଧ୍ୟ ଜବତ କରାଯାଇଛି। ଘଟଣାସ୍ଥଳରେ ଜବତ ତାଲିକା, ଓଜନ ପତ୍ର ଏବଂ ସିଲ୍ ନମୁନା ସହ ସମସ୍ତ ଆଇନଗତ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ଅଭିଯୁକ୍ତଙ୍କ ବିରୋଧରେ ଏନ୍.ଡି.ପି.ଏସ୍. ଆଇନ, ୧୯୮୫ର ଧାରା–୨୧(ବି) ଅନୁଯାୟୀ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଜବତ ମାଦକ ଦ୍ରବ୍ୟର ଉତ୍ସ ଏବଂ ଏହା ସହିତ ଜଡିତ ଅନ୍ୟ ବ୍ୟକ୍ତିମାନଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି।ରଣପୁର ପୋଲିସ ପକ୍ଷରୁ ମାଦକ ଦ୍ରବ୍ୟ ବିରୋଧୀ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଥିବା ବେଳେ ସାଧାରଣ ଜନତାଙ୍କୁ ଏପରି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପ୍ରଦାନ କରି ପୋଲିସକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।



# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମାସିକ ସମୀକ୍ଷା ବୈଠକ

ନୟାଗଡ଼, ୨୯/୦୭(ଆନିସ): ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରଜନନ ସ୍ୱାସ୍ଥ୍ୟ, ମାତୃ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ, କିଶୋର ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ପୋଷଣ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବନମାଳୀ ପ୍ରଧାନ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର କୁମାର ଭୂୟାଁ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରସନ୍ନ କୁମାର ସାହୁ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶରତ ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ବାନାର୍ଜୀ ଓ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ ଏହି ବୈଠକରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ପୋଷଣ, ଟିକାକରଣ, ଟିକାକରଣ, ଜାତୀୟ କୃମିନାଶକ ଦିବସ, ଅମ୍ଳାନ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ବୈଠକ ଆରମ୍ଭରେ ୨୦୨୫–୨୬ ବର୍ଷ ପାଇଁ ପରିବାର କଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଡାକ୍ତର, ସ୍ୱାସ୍ଥ୍ୟ ଅନୁଷ୍ଠାନ, ଆଶା , କାଉନସେଲର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ସେ ଏହି ସଫଳତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଏହିପରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ୧୦ ଅଗଷ୍ଟରେ ଜାତୀୟ କୃମିନାଶକ ଦିବସ ଏବଂ ୧୭ ଅଗଷ୍ଟରେ ମପ୍–ଅପ୍ ରାଉଣ୍ଡ ସଫଳ ଭାବେ ଆୟୋଜନ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖି ଶତ ପ୍ରତିଶତ ଲକ୍ଷ୍ୟ ପୂରଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ମାତୃ ମୃତ୍ୟୁହାର ସମୀକ୍ଷା ସମୟରେ ଗର୍ଭବତୀଙ୍କ ଚିହ୍ନଟ, ନିୟମିତ ଫଲୋ–ଅପ୍, ସମୟୋପଯୁକ୍ତ ରେଫରାଲ୍, ରକ୍ତର ସହଜ ଉପଲବ୍ଧତା ଏବଂ ପ୍ରସବ ପରବର୍ତ୍ତୀ ଯତ୍ନକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଶିଶୁ ମୃତ୍ୟୁ ହାର ହ୍ରାସ ପାଇଁ ନବଜାତ ଶିଶୁ ସେବାର ଗୁଣାତ୍ମକ ମାନ ବୃଦ୍ଧି, ସଠିକ୍ ରେଫରାଲ୍ ବ୍ୟବସ୍ଥା ଓ ସମୁଦାୟ ସ୍ତରରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ହାପିଭି ଟିକାକରଣରେ ଜିଲ୍ଲାର ସଫଳତା ବୃଦ୍ଧି ପାଇଁ ସମସ୍ତ ବିଦ୍ୟାଳୟରେ ଅଭିଭାବକ–ଶିକ୍ଷକ ବୈଠକ ଆୟୋଜନ, ଆର ବି ଏସ କେ ଟିମ୍ ଓ ଯାନବାହନର ସର୍ବାଧିକ ବ୍ୟବହାର ଏବଂ ଯୋଗ୍ୟ କିଶୋରୀମାନଙ୍କୁ ଶୀଘ୍ର ଟିକାକରଣ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ।ଅମ୍ଳାନ କାର୍ଯ୍ୟକ୍ରମରେ ରକ୍ତହୀନତା ଚିହ୍ନଟ ଓ ଚିକିତ୍ସା, ଅଂଚଳ ସେବା, ଉଚ୍ଚ–ଝୁମ୍ପ ଗର୍ଭବତୀଙ୍କ ପରିଚାଳନା, ଟିକାକରଣ ତଥ୍ୟର ସଠିକତା ଏବଂ ପ୍ରମାଣୀକରଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ବ୍ଲକ ଚିକିତ୍ସା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସକାଳ ୧୦ ଘଟିକା ସମୟରେ ଏକ ଡେଙ୍ଗୁ ସଚେତନତା ରଥ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ

# ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ଇଟାମାଟି, ୨୯/୭ (ଆନିସ): ନୟାଗଡ ବ୍ଲକ ଅନ୍ତର୍ଗତ ଇଟାମାଟି ବାମନ ଅବକାଶ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ମହିପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚକ୍ରଧର ପଟ୍ଟନାୟକଙ୍କ ପରଲୋକରେ ସମଗ୍ର ଅଞ୍ଚଳ



ଜଣେ ଆଦର୍ଶ ଶିକ୍ଷାବିତ୍ ଧୂରୀଣ ଶିକ୍ଷା ପ୍ରଶାସକ ହରାଇଲା। ତାଙ୍କର କର୍ତ୍ତବ୍ୟ ପରାୟଣତା ସରଳ ଜୀବନ ସମୟାନୁବର୍ତ୍ତିତା ଉତରପିଢ଼ି ପାଇଁ ସର୍ବଦା ଅନୁକରଣୀୟ ହୋଇ ରହିବ। ତାଙ୍କ ନେତୃତ୍ୱରେ ବିଦ୍ୟାଳୟ ଶିକ୍ଷ୍ୟା, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୈତିକ ମୂଲ୍ୟବୋଧ କ୍ଷେତ୍ରରେ ଅନେକ ସଫଳତା ହାସଲ କରିଥିଲା। ସେ ସର୍ବଦା ଛାତ୍ରଛାତ୍ରୀ ମାନଙ୍କୁ ଜ୍ଞାନ ସହିତ ଉତ୍ତମ ଚରିତ୍ର ଗଠନର ଶିକ୍ଷ୍ୟା ଦେଉଥିଲେ। ଆଜି ସେ ଆମ ଗହଣରେ ନଥିଲେ ମଧ ତାଙ୍କର ଆଦର୍ଶ ଏବଂ ଶିକ୍ଷା ପାଇଁ ଅବଦାନ ସଦା ଅମର ହୋଇ ରହିବ। ଆଜି ତାଙ୍କର ପୂର୍ଣ୍ୟତିଥି ଏକାଦଶାହ ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଅଗଣିତ ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ମାନ୍ୟବର ବିଧାୟକ ଡ଼. ଅରୁଣ କୁମାର ସାହୁ, ଆଶିଷ କୁମାର ଅଗ୍ରୱାଲା, ପ୍ରଦୀପ ସେଠୀ, ଶିକ୍ଷାବିତ୍ ଅଶୋକ କୁମାର ନାୟକ, ବିଶ୍ୱନାଥ ମହାପାତ୍ର(ଜଟି ବାବୁ), ସମାଜସେବୀ ଭାଗିରଥି ବାଇ, ଦୁର୍ଯ୍ୟୋଧନ ନାୟକ, ଜଗନ୍ନାଥ ଦାସ, ରଙ୍ଗନାଥ ବେହେରା, ଉମେଶ ଚନ୍ଦ୍ର ପଟ୍ଟନାୟକ, ସଚ୍ଚିଦାନନ୍ଦ ସାଥୁଆ, ସୁକାନ୍ତି ମହାନ୍ତି, ରାଜକିଶୋର ନାୟକ, ଶ୍ୟାମସୁନ୍ଦର ପାତ୍ର, କିଶୋର ନାୟକ, ପ୍ରଶାନ୍ତ କୁମାର ପ୍ରଧାନ, ଉମେଶ ଚନ୍ଦ୍ର ସାହୁ, ବିଷ୍ଣୁପ୍ରସାଦ ସାହୁ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

## ଦଶପଲ୍ଲା ସହର ଜଳ ଯୋଗାଣ ପାଇଁ ଥିବା ୬ ଗୋଟି ପମ୍ପ ହାଉସ ରେ ଥିବା ଜେନେରେଟର ଥୁଆ ପୁରୁଣା ହେଉଛି

# ନୂଆ ଲାଗିବା ଦିନୁ ୭ ମାସ ହେଲା ଷ୍ଟାର୍ଟ ହୋଇନି

ଦଶପଲ୍ଲା, ୨୯/୭ (ଆନିସ) : ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ର ୧୬ ଗୋଟି ୱାର୍ଡ ରେ ବସବାସ କରୁଥିବା ସହର ବାସୀ ଙ୍କ ଆବଶ୍ୟକ ପାନୀୟ ଜଳ ନିମନ୍ତେ ପୃଥକ ସ୍ଥାନ ରେ ୬ ଗୋଟି ଭୂ ପୃଷ୍ଠ ଜଳ ଭଣ୍ଡାର ଓ ସୁ – ଉଚ୍ଚ କ୍ଷମତା ଜଳ ଭଣ୍ଡାର ( ପମ୍ପ ହାଉସ ) ନିର୍ମାଣ ହୋଇଛି. ଭୂ ପୃଷ୍ଠ ଟ୍ୟାଙ୍କର ରେ ୧ ଲକ୍ଷ ଲିଟର ଓ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ୟାଙ୍କର ରେ ୧ ଲକ୍ଷ ଲିଟର ଲେଖାଏ ଜଳ ଗଛିତ ରଖି ପାଇପ.

ଯୋଗେ ଘରୋଇ ହିତାଧିକାରୀ ଙ୍କୁ ଜନ ସ୍ୱାସ୍ଥ୍ୟ ବିଭାଗ ପରିଚାଳନା କରୁଛି. ଏହି ପମ୍ପ ହାଉସ ରେ ବିଦୁତ ସରବରାହ ବ୍ୟାଘାତ ହେଲେ ଜରୁରୀ ସେବା ଯୋଗାଇବା ପାଇଁ ବିକଳ୍ପ ଭାବେ ଜେନେରେଟର ( ୨୫ କିଲୋ ୱାଟର ଡିଜି ମେସିନ ) ବିଭାଗ ପକ୍ଷରୁ ସୁବିଧା କରାଯାଇଛି. ଗତ ଡିସେମ୍ବର ମାସ ରୁ ନୂଆ ଡିଜେ ଜେନେରେଟର ୬ ଗୋଟି ପମ୍ପ ହାଉସ ରେ ଲଗା ଯାଇଛି. ମାତ୍ର ଜରୁରୀ କାଳୀନ ସମୟ ରେ ଏହାକୁ ଚାଲୁ କରାଯାଉନାହିଁ. ଯାହା ଫଳରେ ଏହି ଯନ୍ତ୍ର



ଗୁଡିକ ଥୁଆ ପୁରୁଣା ହୋଇ ଖୋଲା ଆକାଶ ତଳେ ବର୍ଷା ଖରା ଖାଇ ଧୀରେ ଧୀରେ ନଷ୍ଟ ହେବାକୁ ବସିଛି. ଗୋଟିଏ ଡିଜି ର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ରୁ ଊର୍ଦ୍ଧ ମୂଲ୍ୟ ଦେଇ ସରକାର କ୍ରୟ କରିଛନ୍ତି. ଡିଜେଲ ପକାଇବାକୁ ବ୍ୟବସ୍ଥା ନାହିଁ କହି ଦାୟିତ୍ୱ ରେ ଥିବା ଅଧିକାରୀ ଅଚଳ କରି ରଖିଛନ୍ତି. ସହର ର ଖଣ୍ଡପଡା, ହରିଡାବାଡି, ନାରାୟଣଗଞ୍ଜହାଟ, ଦୁର୍ଗା ବଜାର କଲୋନୀ, ନାହାକ ପଡା ଓ ଦଶପଲ୍ଲା କଲେଜ ରୋଡ଼ ରେ ପମ୍ପ ହାଉସ ଗୁଡିକ ରହିଛି ।

# ଜିଲ୍ଲାସ୍ତରୀୟ 'ପ୍ରୟାସ' କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ଯୁଗ୍ମ ବୈଠକ

କେନ୍ଦ୍ରାପଡ଼ା,୨୯।୭ (ଆନିସ): ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟରଙ୍କ ସ୍ୱତନ୍ତ୍ର ପଦକ୍ଷେପକ୍ରମେ 'ପ୍ରୟାସ' କାର୍ଯ୍ୟକ୍ରମର ଫଳପ୍ରଦ ଓ ସୁଚାରୁ ରୂପାୟନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଯୁଗ୍ମ ବୈଠକ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ 'ପ୍ରୟାସ' କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ବିଶେଷକରି ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର ହ୍ରାସ, ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ରକ୍ତହୀନତା ନିରାକରଣ କାର୍ଯ୍ୟକ୍ରମ 'ଅମ୍ଳାନ'ର ସଠିକ୍ କାର୍ଯ୍ୟକାରିତା, ବାଲ୍ୟ ବିବାହ ରୋକିବା, ଏହା ଜନିତ ସ୍ୱାସ୍ଥ୍ୟଗତ ସମସ୍ୟା, ମାତୃ ମୃତ୍ୟୁ, ଏଚ୍.ଆଇ.ଭି. ସଂକ୍ରମଣ ଏବଂ ଅନ୍ୟାନ୍ୟ ରୋଗର ପ୍ରତିରୋଧ ପାଇଁ ସମନ୍ୱିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ ଯେ, ସମ୍ପୃକ୍ତ ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି ଯୁଗ୍ମ ଭାବେ କାର୍ଯ୍ୟ କଲେ 'ପ୍ରୟାସ' କାର୍ଯ୍ୟକ୍ରମ ଅନ୍ତର୍ଗତ ସମସ୍ତ ଉଦ୍ଦେଶ୍ୟ କେନ୍ଦ୍ରାପଡ଼ା ଜିଲ୍ଲାରେ ସଫଳତାର ସହ ହାସଲ କରାଯାଇପାରିବ। ଏଥିପାଇଁ ଆଗାମୀ ଦିନର କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯିବା ସହ ଏହି ଯୁଗ୍ମ ସମୀକ୍ଷା ବୈଠକ ପ୍ରତି ମାସରେ ନିୟମିତ ଭାବେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର ଏବଂ ଡା. ଶ୍ୟାମ ସୁନ୍ଦର ଟୁଡୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ଡି.ପି.ଏମ୍. ଡା. ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡା. ସୁକାନ୍ତ କୁମାର ପ୍ରଧାନ, ଡି.ଡି.ଏମ୍. ଜ୍ୟୋତିରଞ୍ଜନ ପରିଡ଼ା, ଡି.ପି.ସି. ବିଶ୍ୱରଞ୍ଜନ ଦାସ, ପ୍ଲାନିଂ କୋ–ଅର୍ଡିନେଟର ପ୍ରଭାତ କୁମାର ସେଠୀ, ପ୍ରୋଗ୍ରାମ ଅଫିସର ଭାରତୀ ବେହେରା ଓ ସବିତା ରାଣୀ ସିଂହ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋଗ୍ରାମ ଅଫିସର ବାଦଲ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ହସ୍ପିଟାଲ ମ୍ୟାନେଜର ସୁଭାଶିଷ ସାଠୁଆ, ପି.ପି.ପି. କୋ–ଅର୍ଡିନେଟର ଜ୍ୟୋତିରଞ୍ଜନ ନାୟକ ଏବଂ ସିନିୟର ଟେକ୍ନିକାଲ କନ୍ସଲଟାଣ୍ଟ (ଶିକ୍ଷା ବିଭାଗ) ନିବେଦିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟରେ ଅନୁ-ସଚିବ ଶ୍ରୀ ନିରଞ୍ଜନ ପାଢ଼ୀଙ୍କ କେନ୍ଦ୍ରାପଡ଼ା ଗସ୍ତ

# ଏସ୍ଆଇଆରର ଡ୍ରାଫ୍ଟ ପ୍ରକାଶ ପରବର୍ତ୍ତୀ କାର୍ଯ୍ୟକ୍ରମର ସମୀକ୍ଷା

କେନ୍ଦ୍ରାପଡ଼ା,୨୯।୭ (ଆନିସ): ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟର ଅନୁ –ସଚିବ ଶ୍ରୀ ନିରଞ୍ଜନ ପାଢ଼ୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଡ୍ରାଫ୍ଟ ମତଦାତା ତାଲିକା ପ୍ରକାଶ ପରବର୍ତ୍ତୀ ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ଜିଲ୍ଲାରେ ଦାବି ଓ ଆପତ୍ତି ଗ୍ରହଣ ଏବଂ ଶୁଣାଣି ପ୍ରକ୍ରିୟା କିପରି ସୁଚାରୁ ଭାବେ ପରିଚାଳିତ ହେଉଛି, ସେ ସମ୍ପର୍କରେ ସେ କ୍ଷେତ୍ର ପର୍ଯ୍ୟାୟରେ ଯାଇ ଅନୁଧ୍ୟାନ କରିଥିଲେ । ଗସ୍ତ ଅବସରରେ ଶ୍ରୀ ପାଢ଼ୀ ୯୭–କେନ୍ଦ୍ରାପଡ଼ା ଏବଂ ୯୬–ପାଟକୁରା କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଦାବି ଓ ଆପତ୍ତି ଶୁଣାଣି କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ସେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ , ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ , ଜିଲ୍ଲା ନିର୍ବାଚନ ଶାଖାର ଅଧିକାରୀ, ସୁପରଭାଇଜର, ବୁଥ୍ ସ୍ତରୀୟ ଅଧିକାରୀ , ବୁଥ୍ ସ୍ତରୀୟ ଏଜେଣ୍ଟ ଏବଂ ସାଧାରଣ ମତଦାତାମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହା ସହିତ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ସମସ୍ତ ନିର୍ବାଚନ ମଣ୍ଡଳୀର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ଶ୍ରୀ ପାଢ଼ୀ ମତଦାତା ତାଲିକାରେ ଥିବା ନୋ–ମ୍ୟାପିଂ ଏବଂ ବିଭିନ୍ନ ଅସଙ୍ଗତିଜନିତ ମାମଲାଗୁଡ଼ିକର ତ୍ୱରିତ ଏବଂ ସଠିକ୍ ସମାଧାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଦାବି ଓ ଆପତ୍ତିଗୁଡ଼ିକର ଯଥାସମୟରେ ଶୁଣାଣି ଓ ନିଷ୍ପତ୍ତି ଗ୍ରହଣ କରି ଯୋଗ୍ୟ ମତଦାତାମାନଙ୍କ ନାମ ମତଦାତା ତାଲିକାରେ ସଠିକ୍ ଭାବେ ସମ୍ମିଳିତ କରିବା ଏବଂ ତ୍ରୁଟି ସଂଶୋଧନ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଗସ୍ତ ସମୟରେ ସେ ଶୁଣାଣି କେନ୍ଦ୍ରଗୁଡ଼ିକରେ ମତଦାତାମାନଙ୍କ ପାଇଁ କରାଯାଇଥିବା ସୁବିଧା, ଆବେଦନପତ୍ର ଗ୍ରହଣ ପ୍ରକ୍ରିୟା ଏବଂ ଦାବି ଓ ଆପତ୍ତି ନିଷ୍ପତ୍ତି ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ମତଦାତାମାନଙ୍କୁ କୌଣସି ପ୍ରକାର ଅସୁବିଧା ନ ହେବା ଏବଂ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବା ଦିଗରେ ସତର୍କ ରହିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ।ସ୍ୱତନ୍ତ୍ର ସଘନ ପୁନରୀକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସ୍ୱଚ୍ଛ, ତ୍ରୁଟିମୁକ୍ତ ଏବଂ ଅନ୍ତର୍ଭୁକ୍ତିମୂଳକ ମତଦାତା ତାଲିକା ପ୍ରସ୍ତୁତ କରିବା ନିର୍ବାଚନ ଆୟୋଗଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ସେ ମତ ପ୍ରକାଶ କରିଥିଲେ। ଏଥିପାଇଁ କ୍ଷେତ୍ରସ୍ତରରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବା ସହ ମତଦାତାମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ, ଅତିରିକ୍ତ ବିଡ଼ିଓ ଅନିରୁଦ୍ଧ ବେହେରା, ଡେପୁଟି କଲେକ୍ଟରେ ନିର୍ବାଚନ ଅମୀୟ କେତନ ସ୍ୱାଇଁ, କେନ୍ଦ୍ରାପଡ଼ା ମୁନିସିପାଲିଟି ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଡେରାବିଶ ଅତିରିକ୍ତ ତହସିଲଦାର ଭାସ୍କର ବେହେରା,ଡେରାବିଶ ଅତିରିକ୍ତ ବିଡ଼ିଓ ମୃଣାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଗୃହମନ୍ତ୍ରୀ ଗୁଳି ଚଳାଇବା ପାଇଁ ଦେଇଥିଲେ ନିର୍ଦ୍ଦେଶ- ରାହୁଲ ଗାନ୍ଧିଙ୍କ ଅଭିଯୋଗକୁ ନେଇ ଗୃହରେ ହଟ୍ଟଗୋଳ

ନୂଆଦିଲ୍ଲୀ: ଲୋକସଭାରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିଷୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବୟାନ ଆଜି ହଙ୍ଗାମା ସୃଷ୍ଟି କରିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ରାହୁଲଙ୍କ ବୟାନ ଉପରେ ଆପତ୍ତି ଉଠାଇ ତାଙ୍କଠାରୁ କ୍ଷମା ମାଗିଥିଲେ । ଏସବୁ ମଧ୍ୟରେ ଲୋକସଭାରେ , ଅର୍ଥାତ୍ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ଲୋକସଭାରେ ବାଚନିକ ଭୋଟ୍ ରେ ପାରିତ ହୋଇଯାଇଛି । ଗୃହରେ ବାରମ୍ବାର ହଟ୍ଟଗୋଳ ଓ ଗୃହ ମୁଲତବୀକୁ ନେଇ ଆଜି ଲୋକସଭାକୁ ଆସନ୍ତାକାଲି ଅର୍ଥାତ୍ ୩୦ ଜୁଲାଇ, ୨୦୨୬ ଦିନ ସକାଳ ୧୧ଟା ଯାଏଁ ମୁଲତବୀ ରଖାଯାଇଛି ।

ଆଣ୍ଟି ପେପର ଲିକ୍ ଅର୍ଥାତ ପେପର ଲିକ୍ ବିରୋଧୀ ସଂଶୋଧନ ବିଲ୍ ଉପରେ ଆଲୋଚନା ସମୟରେ ରାହୁଲ ଗାନ୍ଧି ଅଭିଯୋଗ କରିଥିଲେ ଯେ, ଗୃହମନ୍ତ୍ରୀ ଅମିତ ଶାହ ଛାତ୍ରମାନଙ୍କ ବିରୁଦ୍ଧରେ ପେଲେଟ୍ ଗନ୍ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ଅଭିଯୋଗ କରିଥିଲେ ଯେ, ଏପରି ନିର୍ଦ୍ଦେଶ ଗୃହମନ୍ତ୍ରୀ କିମ୍ବା ନିଜେ ପ୍ରଧାନମନ୍ତ୍ରୀ ଜାରି କରନ୍ତି ।ରାହୁଲ ଗାନ୍ଧି କହିଛନ୍ତି, ଆଜି ମୁଁ ଏହା ଦେଖି ବହୁତ ଖୁସି ଯେ ଏହି ଦେଶର ଗୃହମନ୍ତ୍ରୀଙ୍କୁ ଏଠାରେ ବସିବାକୁ ସାହସ ନାହିଁ । ମୁଁ ତାଙ୍କ କାଫିଲା ଦେଖିଲି ଏବଂ ଗୃହମନ୍ତ୍ରୀଙ୍କୁ ଗାଡ଼ି ଭିତରେ ବସି ଥରୁଥିବାର ଦେଖିଲି । ଗୃହମନ୍ତ୍ରୀ ଆଜି ଏଠାରେ କାହିଁକି ନାହାନ୍ତି କାରଣ ସେ ଭୟଭୀତ । ଗୃହମନ୍ତ୍ରୀ ଭୟଭୀତ । ସେ ହିଁ ଆମ ଛାତ୍ରମାନଙ୍କ ଉପରେ ଗୁଳି ଚଳାଇବାକୁ ଅନୁମତି ଦେଇଥିଲେ । ସେ ହିଁ ଆମ ଦେଶର ଛାତ୍ରମାନଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହା କହିବା ମାତ୍ରେ ସରକାରରେ ଥିବା ସାଂସଦମାନେ ରାହୁଲ ଗାନ୍ଧିଙ୍କୁ ବିରୋଧ କରିବା ଆରମ୍ଭ କଲେ । ସେମାନେ କହିଥିଲେ ଯେ, ତଥ୍ୟ ବିନା ଏପରି ଅଭିଯୋଗ କରାଯାଇପାରିବ ନାହିଁ । ଲୋକସଭା ବାଚସ୍ପତି ଓମ୍ ବିର୍ଲା ରାହୁଲ ଗାନ୍ଧିଙ୍କୁ ବାଧା ଦେଇ କହିଥିଲେ ଯେ, କାର୍ଯ୍ୟ ଏହିପରି ଆଗକୁ ବଢ଼ିପାରିବ ନାହିଁ । ସଦସ୍ୟମାନଙ୍କୁ ଅଧ୍ୟକ୍ଷଙ୍କ ଚେୟାରକୁ ଅସମ୍ମାନ କରିବାର ଅଭିଯୋଗ ଆଣି ବିର୍ଲା କହିଥିଲେ ଯେ, ଗୃହର ରେକର୍ଡ ଦୀର୍ଘ ସମୟ ପାଇଁ ସଂରକ୍ଷିତ ରହିଛି, ତେଣୁ ଗୃହରେ ଦିଆଯାଇଥିବା ବିବୃତ୍ତି ତଥ୍ୟ ଦ୍ୱାରା ସମର୍ଥିତ ହେବା ଉଚିତ ।

ବାଚସ୍ପତି କହିଥିଲେ, ବିରୋଧୀ ଦଳ ନେତା ଭାବେ, ଆପଣଙ୍କୁ ତଥ୍ୟ ଏବଂ ବିଲ୍ ଉପରେ କହିବା ଉଚିତ । ବିର୍ଲା ଗାନ୍ଧିଙ୍କୁ ଏହା ମଧ କହିଥିଲେ ଯେ, ଯଦି ସେ ତାଙ୍କ ଭାଷଣ ଜାରି ରଖିବାକୁ ଚାହାନ୍ତି ନାହିଁ, ତେବେ ସେ ପରବର୍ତ୍ତୀ ବକ୍ତାଙ୍କୁ ବିତର୍କରେ ଅଂଶଗ୍ରହଣ କରିବାକୁ ଡାକିବେ ।ତଥାପି, ରାହୁଲ ଗାନ୍ଧି ତାଙ୍କର ସ୍ଥିତି ଦୋହରାଇଥିଲେ । ସେ କହିଥିଲେ ଯେ ଗୁଳି ଚଳାଇବାର ନିର୍ଦ୍ଦେଶ ଗୃହମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିଲା କିମ୍ବା ପ୍ରଧାନମନ୍ତ୍ରୀଙ୍କ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା ।

ସେ କହିଥିଲେ, ଆମର ବ୍ୟବସ୍ଥା ବହୁତ ଖରାପ ଏବଂ ନିଷ୍ଠୁର । ସବୁକିଛି ଘରୋଇକରଣ କରାଯାଉଛି । ଏହା ଏକ ଚାନ୍ଦା ଆଦାୟର ବ୍ୟବସ୍ଥା, ଏହା ଏକ ଅତ୍ୟନ୍ତ ନିଷ୍ଠୁର ଏବଂ ଖରାପ ବ୍ୟବସ୍ଥା । ଏହି ବ୍ୟବସ୍ଥାର ଆତ୍ମାକୁ କବଜା କରିସାରିଛି । ରାଜନାଥ ସିଂହ କହିଥିଲେ ଯେ, ଆମେ ନୁହଁ, ଆମର ମନ୍ତ୍ରୀମାନେ କେବେ ଇସ୍ତଫା ଦିଅନ୍ତି ନାହିଁ । ସେ ଠିକ୍ କହିଛନ୍ତି । ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏକ ପ୍ରହସନ, କାରଣ ଧର୍ମେନ୍ଦ୍ର ପ୍ରଧାନ କେବେ ଶିକ୍ଷା ମନ୍ତ୍ରଣାଳୟ ଚଲାଇ ନାହାନ୍ତି । ଶିକ୍ଷା ମନ୍ତ୍ରଣାଳୟ ଚଲାଇଥିବା ସଂଗଠନ ହେଉଛି । ଏହାକୁ ଚଲାଇଥିବା ବ୍ୟକ୍ତି ହେଉଛନ୍ତି ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବସିଥିବା । ତେଣୁ, ଛାତ୍ରମାନେ ପ୍ରକୃତରେ କ୍ରୋଧିତ କାରଣ ସେମାନଙ୍କୁ ଭାରତରେ ଛାତ୍ର ହେବାକୁ, ସେମାନଙ୍କ ଆବେଗକୁ ଅନୁସରଣ କରିବାକୁ, ସେମାନଙ୍କ ମନର କଥା କହିବାକୁ ଏବଂ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିବାକୁ ଅନୁମତି ଦିଆଯାଇ ନାହିଁ । ସେମାନଙ୍କୁ ର ମନଗଢ଼ା ଏବଂ ଅବାନ୍ତର ଇତିହାସକୁ ଗ୍ରହଣ କରିବାକୁ ପଡ଼ିବ । ଧର୍ମେନ୍ଦ୍ର ପ୍ରଧାନ କେବଳ ଏକ ପ୍ରତୀକ ପ୍ରକୃତ ଶତ୍ରୁ ହେଉଛି । ସେମାନେ ଚାହାନ୍ତି ଯେ ଆପଣ ଅନ୍ଧ ଭକ୍ତ ହୁଅନ୍ତୁ ।

## ସିଏମ୍ଓରୁ ନାଇଡୁ କମିଶନ ରିପୋର୍ଟ ହଜିବା ମାମଲା

# ପାଣ୍ଡିଆନଙ୍କ ସମେତ ୪ ବରିଷ୍ଠଙ୍କୁ ହେବ ନୋଟିସ୍

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ଅନ୍ୟମାନଙ୍କ ହତ୍ୟା ମାମଲା ସମ୍ପର୍କିତ ଜଷ୍ଟିସ୍ ଏ.ଏସ୍. ନାଇଡୁ କମିଶନ ରିପୋର୍ଟ ହଜିବା ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଜୋରଦାର କରିଛି। ଏହି ମାମଲାରେ କମିଶନରେଟ୍ ପୋଲିସ କରିଥିବା ପ୍ରାଥମିକ ତଦନ୍ତକୁ ମଧ୍ୟ କ୍ରାଇମବ୍ରାଞ୍ଚ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରୁଛି।

ତଦନ୍ତରେ ବିଜେଡି ସରକାର ଅମଳରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ଫାଇଲ ହଜିବା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥାଇପାରନ୍ତି ବୋଲି କ୍ରାଇମବ୍ରାଞ୍ଚ ସନ୍ଦେହ କରୁଥିବା ସୂଚନା ମିଳିଛି।ସୂତ୍ର ଅନୁସାରେ, ତତ୍କାଳୀନ ୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସମେତ ଚାରିଜଣ ବରିଷ୍ଠ ଅଧିକାରୀଙ୍କୁ ପଚରାଉଚରା ପାଇଁ ହାଜର ହେବାକୁ କ୍ରାଇମବ୍ରାଞ୍ଚ ନୋଟିସ୍ ଜାରି କରିପାରେ। ଏନେଇ ବୁଧବାର କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ମାମଲାକୁ ଗୁରୁତ୍ୱର ସହ ନିଆଯାଇଛି ଏବଂ ପର୍ଯ୍ୟାୟକ୍ରମେ ବିଭିନ୍ନ ବ୍ୟକ୍ତିଙ୍କୁ ପଚରାଉଚରା କରାଯିବ। ଆବଶ୍ୟକ ପଡ଼ିଲେ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ସମନ୍ ପଠାଯିବ। ଗତ ମଙ୍ଗଳବାର କ୍ରାଇମବ୍ରାଞ୍ଚର ଏକ ଟିମ୍ କ୍ୟାପିଟାଲ ଥାନାରେ ପହଞ୍ଚି ମାମଲା ସମ୍ପର୍କିତ ତଦନ୍ତ କରିଥିଲା। ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଟିମ୍ ଥାନା ରାଧାକାନ୍ତ ସାହୁଙ୍କୁ ପଚରାଉଚରା କରିବା ସହ ଏତଲାର ନକଲ, ଚାରିଜଣ ଅଧିକାରୀଙ୍କୁ ଜାରି ହୋଇଥିବା ନୋଟିସ୍, ବୟାନ ରେକର୍ଡ ସମେତ ବିଭିନ୍ନ ଦସ୍ତାବିଜ ସଂଗ୍ରହ କରିଥିଲା। ମାମଲାର ତଦନ୍ତ କେତେଦୂର ଅଗ୍ରଗତି କରିଛି, ସେନେଇ ମଧ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୂଚନା ସଂଗ୍ରହ କରିଥିଲେ। ତଦନ୍ତରେ ବିଜେଡି ସରକାର ଅମଳରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ଫାଇଲ ହଜିବା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥାଇପାରନ୍ତି ବୋଲି କ୍ରାଇମବ୍ରାଞ୍ଚ ସନ୍ଦେହ କରୁଥିବା ସୂଚନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ପରେ କ୍ରାଇମବ୍ରାଞ୍ଚ ମଙ୍ଗଳବାର ବିଧିବଦ୍ଧ ଭାବେ ମାମଲା ରୁଜୁ କରିଛି।ଭାରତୀୟ ନ୍ୟାୟ ସଂହିତା ର ଦଫା ୩୦୫, ୩୧୬(୨), ୨୩୮(ସି), ୨୪୧ ଏବଂ ୬୧(୨)(ବି) ଅନୁଯାୟୀ କ୍ରାଇମବ୍ରାଞ୍ଚ ମାମଲା ନମ୍ବର ୯/୨୦୨୬ ରୁଜୁ କରିଛି। ଏହାର ତଦନ୍ତ ଦାୟିତ୍ୱ ଆଶୁତୋଷ ମିଶ୍ରଙ୍କୁ ଦିଆଯାଇଥିବା ବେଳେ କ୍ରାଇମବ୍ରାଞ୍ଚ ଅନିରୁଦ୍ଧ ରାଉତରାୟ ତଦନ୍ତର ତଦାରଖ କରିବେ।ତଦନ୍ତରେ ବିଜେଡି ସରକାର ଅମଳରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ଫାଇଲ ହଜିବା ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥାଇପାରନ୍ତି ବୋଲି କ୍ରାଇମବ୍ରାଞ୍ଚ ସନ୍ଦେହ କରୁଥିବା ସୂଚନା।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,

ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda